R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୦୩
ତିଥି : ଦ୍ୱିତୀୟା
୦୪ ଅକ୍ଟୋବର ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore




## ନୂଆଦିଲ୍ଲୀରେ ଆମ୍ବାସାଡର ମିଟ୍‌ରେ ମୁଖ୍ୟମନ୍ତ୍ରୀ

# ରାଜ୍ୟରେ ରହିଛି ପ୍ରାକୃତିକ ସମ୍ପଦର ଅପୂର୍ବ ସମ୍ଭାର

ନୂଆଦିଲ୍ଲୀ, ୩।୧୦ (ସବ୍ୟୁ) : ଓଡିଶା ସରକାରଙ୍କ ତରଫରୁ ଆଜି ନୂଆଦିଲ୍ଲୀରେ ଆୟୋଜିତ ହୋଇଯାଇଛି ଆମ୍ବାସାଡର ମିଟ୍ । ଆଇଟିସି ମୋର୍ଯ୍ୟାରେ ଆୟୋଜିତ ଏହି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅଧକ୍ଷତା କରିଥିବା ବେଳେ ବିଭାଗର ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟ ବରେଣ୍ୟ ଅତିଥି ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଅଗାମୀ ଉତ୍କର୍ଷ ଓଡିଶା: ମେକ୍ ଇନ୍ ଓଡିଶା କନକ୍ଳେଭ୍ ୨୦୨୫ ପାଇଁ ବେଶ୍ ଗୁରୁତ୍ୱ ବହନ କରିଛି । ଏହି ସମାବେଶରେ ଓଡିଶାରେ ଉଦ୍ୟୋଗର ବିକାଶ ଏବଂ ନୂତନ




ନିବେଶର ସୁଯୋଗ ଉପରେ ଆଲୋଚନା ହୋଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓଡିଶାରେ ନିବେଶ ପାଇଁ ଆମ୍ବାସଡର୍ସ ମାନଙ୍କୁ ସ୍ୱାଗତ କରିଥିଲେ । ସେ କହିଥିଲେ ଯେ, ଓଡିଶାର ସମୃଦ୍ଧ ଇତିହାସ ଏବଂ ଭୌଗଳିକ (୯ ପୃଷ୍ଠାରେ)

**୩୪ ଦେଶର ଆମ୍ବାସାଡର ଯୋଗଦେଲେ**

## ଦଶହରାରେ ପାଗ ଶୁଖିଲା ରହିପାରେ

ଭୁବନେଶ୍ୱର, ୩।୧୦ (ସବ୍ୟୁ) : ରାଜ୍ୟରେ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ପାଗ ପ୍ରାୟତଃ ଶୁଖିଲା ରହିବାର ମମ୍ଭାବନା ରହିଛି । ସମ୍ଭବତଃ ୬ ଓ ୭ ତାରିଖରେ ଦକ୍ଷିଣ ଉପକୂଳ ଓ ଆଭ୍ୟନ୍ତରରେ ହାଲୁକା ବର୍ଷା ହୋଇପାରେ । ୧୧ ଓ ୧୨ ତାରିଖରେ ପଶ୍ଚିମ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ସମଗ୍ର ଉପକୂଳରେ ପାଗ ଶୁଖିଲା ରହିପାରେ । ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସଙ୍କେତ ମିଳୁ ନାହିଁ । ଏଭଳି ପୂର୍ବାନୁମାନ କରିଛନ୍ତି କୃଷି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ ।

ଶ୍ରୀ ପଶୁପାଳକ କହିଛନ୍ତି, ପଶ୍ଚିମବଙ୍ଗ ଉପରେ ଗତକାଲି ଠାରୁ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ଓଡ଼ିଶାର ବହୁ ଦୂରରେ ରହିବ ଏବଂ ରାଜ୍ୟରେ କୌଣସି (୯ ପୃଷ୍ଠାରେ)




## ୟୁଏସ୍‌ସିଆଇଆର୍‌ଏଫ୍ ରିପୋର୍ଟକୁ ଭାରତ ସରକାରଙ୍କ ଖଣ୍ଡନ

ନୂଆଦିଲ୍ଲୀ, ୩।୧୦ : ଆମେରିକାର ଅନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ସଂଗଠନ (ୟୁଏସ୍‌ସିଆଇଆର୍‌ଏଫ୍) ଭାରତରେ ଧାର୍ମିକ ସ୍ୱାଧୀନତା ବିଗିଡି ଯାଇଥିବା କହି ଚିନ୍ତାପ୍ରକଟ କରିଥିଲେ । ତେବେ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହି ରିପୋର୍ଟକୁ ଖଣ୍ଡନ କରାଯିବା ସହ ଏହା ପକ୍ଷପାତିତା ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କୁହାଯାଇଛି ।

ରିପୋର୍ଟ ସମ୍ପର୍କରେ ପ୍ରତିକ୍ରିୟା ରଖି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧିର ଜୟସ୍ୱାଲ କହିଛନ୍ତି ଯେ ୟୁଏସ୍‌ସିଆର୍‌ଆଇ ରିପୋର୍ଟ ଉପରେ ଆମର ମତ ସ୍ପଷ୍ଟ । ଏହା ରାଜନୈତିକ ଏଜେଣ୍ଡା ଥିବା ଏକ ଦଳୀୟ ସଂଗଠନ । ଏଭଳି ମନ୍ତବ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ । ଏହି ସଂସ୍ଥା ଭାରତ ସମ୍ପର୍କରେ ଭ୍ରମାତ୍ମକ ତଥ୍ୟ ପ୍ରକାଶ କରିଛି । ସରକାର ଏହି ରିପୋର୍ଟକୁ ଖଣ୍ଡନ କରିଛନ୍ତି । ଏଭଳି ରିପୋର୍ଟ ଉକ୍ତ ସଂସ୍ଥାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛି । ଆମେ (୯ ପୃଷ୍ଠାରେ)

## ଓଡ଼ିଶାରେ ହେବ ଶିଳ୍ପ ହବ୍ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୧୦ (ସବ୍ୟୁ) : କମିଶନର, ହାଇକମିଶନର ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ହୋଇଛି । ଓଡ଼ିଶାର ଶିଳ୍ପ ବାତାବରଣ ଓ ପୁଞ୍ଜି ନିବେଶ ପାଇଁ ସକରାତ୍ମକ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରକାଶ କରିଛନ୍ତି । ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଥିରେ ଆନ୍ତର୍ଜାତୀୟ ସହଭାଗିତା ଭିତ୍ତିରେ ଓଡ଼ିଶାରେ କିପରି ବିଦେଶୀ ପୁଞ୍ଜି ନିବେଶ ହୋଇପାରିବ ତାହା ଆଜିର ଆଲୋଚନାରେ ଫଳପ୍ରଦ ହେଉଛି । ୨୦୨୫ କନ୍‌କ୍ଳେଭ୍ ଏକ ସର୍ବବୃହତ୍ତ ଶିଳ୍ପ ସମାବେଶ ଅନୁଷ୍ଠିତ ହେବ ବୋଲି ମୋର ଆଶା । ଆଗାମୀ ଦିନରେ ସେମି କଣ୍ଡକ୍ଟର, ଆଇଟି, (୯ ପୃଷ୍ଠାରେ)

# ଓଡ଼ିଶାରେ ଅଛନ୍ତି ୬୯୬ କଲରାପତରିଆ

ଭୁବନେଶ୍ୱର, ୩।୧୦ (ସବ୍ୟୁ) : ଓଡ଼ିଶାରେ ଅଛନ୍ତି ମୋଟ୍ ୬୯୬ କଲରାପତରିଆ ବାଘ । ଏନଟିସିଏ ରିପୋର୍ଟ ଅନୁସାରେ ୨୦୨୨ରେ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ୫୬୮ଟି କଲରାପତରିଆ ରହିଥିଲେ । ୨୦୧୮ରେ କଲରାପତରିଆ ବାଘ ସଂଖ୍ୟା ଥିଲା ୭୬୦ ଥିଲା । ଓଡ଼ିଶା ଜଙ୍ଗଲରେ କଲରାପତରିଆଙ୍କ ସଂଖ୍ୟା ଦୁଇ ବର୍ଷରେ ୧୨୮ ବଢ଼ିଛି । ୨୦୨୨ରେ ଥିଲେ ୫୬୮ । ଆଉ ଏବେ ଅଛନ୍ତି ୬୯୬ । ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ପ୍ରକାଶିତ ରାଜ୍ୟ ସରକାରଙ୍କ ପ୍ରଥମ କଲରାପତରିଆ ଗଣନା ରିପୋର୍ଟରୁ ଏଭଳି ତଥ୍ୟ ମିଳିଛି ।

୭୦ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ୨୦୨୪ ପାଳିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଲେ ଯେ, ଶାନ୍ତି ଓ ଅହିଂସାର ମହାନ ଉପାସକ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ଜନ୍ମଦିବସ ଅକ୍ଟୋବର ୨ ତାରିଖରୁ ସମଗ୍ର ଦେଶରେ ପ୍ରତିବର୍ଷ ସପ୍ତାହ ବ୍ୟାପି 'ବନ୍ୟପ୍ରାଣୀ ସପ୍ତାହ' ପାଳିତ ହୋଇଥାଏ । ସମ୍ପ୍ରତି ଓଡ଼ିଶାର ଭୌଗୋଳିକ ଆୟତନର ୩୬.୨୧ ପ୍ରତିଶତ ବନାଞ୍ଚଳ ଦ୍ୱାରା ଆଚ୍ଛାଦିତ ହୋଇପାରିଛି ଯାହା ଜାତୀୟ ହାର ୨୪ ପ୍ରତିଶତଠାରୁ ଯଥେଷ୍ଟ ଅଧିକ । ଏହା ଆମ ରାଜ୍ୟର ବନ୍ୟପ୍ରାଣୀ, ଜଙ୍ଗଲ ଓ ପରିବେଶର ସୁରକ୍ଷା ଓ ସଂରକ୍ଷଣ ଦିଗରେ ଦୃଢ଼ ପଦକ୍ଷେପର ଚାକ୍ଷୁଷ ପ୍ରମାଣ । ଆମ ରାଜ୍ୟର ବିଶାଳ ଜୈବବିବିଧତା ସମଗ୍ର ବିଶ୍ୱରେ ଅଦ୍ୱିତୀୟ । ଆମର ବନାନୀ ବହୁବିଧ ବନ୍ୟପ୍ରାଣୀ ଓ ଜୈବବିବିଧତାରେ ପରିପୂର୍ଣ୍ଣ । ୩ ହଜାରରୁ ଅଧିକ ପ୍ରଜାତିର ଉଦ୍ଭିଦ ସହ ୧୧୪ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୫୩୭ ପ୍ରଜାତିର ପକ୍ଷୀ, ୨୯ ପ୍ରଜାତିର ଉଭୟଚର ପ୍ରାଣୀ ଏବଂ ୧୨୯ ପ୍ରକାରର ସରୀସୃପ ଆମ ରାଜ୍ୟରେ ଦେଖାଯାଇଥାନ୍ତି । ଚିଲିକା ହ୍ରଦ, ଭିତରକନିକା, ଶିମିଳିପାଳ ଜାତୀୟ ଉଦ୍ୟାନ ଏବଂ ସଂରକ୍ଷିତ ବନାଞ୍ଚଳଗୁଡ଼ିକ ବିଭିନ୍ନ ଲୁପ୍ତପ୍ରାୟ ପ୍ରଜାତିର ବନ୍ୟପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରିଆସୁଛି । ଏସବୁ ବନ୍ୟପ୍ରାଣୀଙ୍କ ପାଇଁ ସଂପୂର୍ଣ୍ଣ ସୁରକ୍ଷିତ ଅଞ୍ଚଳ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ ହୋଇଥିବାରୁ (୯ ପୃଷ୍ଠାରେ)







## ବୈବାହିକ ଦୁଷ୍କର୍ମ ଅପରାଧ ଶ୍ରେଣୀରେ ସାମିଲ ନହେଉ

ନୂଆଦିଲ୍ଲୀ, ୩।୧୦ : ବିବାହ ପରେ ସ୍ତ୍ରୀର ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିବା ଅପରାଧ ନୁହେଁ । ଏହାକୁ ଅପରାଧ ଶ୍ରେଣୀରେ ସାମିଲ କରିବାର କୌଣସି ଆବଶ୍ୟକତା ନାହିଁ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ମତ ରଖାଯାଇଛି । ବୈବାହିକ ଦୁଷ୍କର୍ମ ଏକ ସାମାଜିକ ପ୍ରସଙ୍ଗ । ଏହାକୁ ଅପରାଧୀକରଣ କରିବା ଆବଶ୍ୟକ ନାହିଁ । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଶାରୀରିକ ସମ୍ପର୍କକୁ ଦୁଷ୍କର୍ମ ଭାବେ ବିବେଚନା କରାଯାଇପାରିବ ନାହିଁ ।

ସୁପ୍ରିମ୍‌କୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା ଯେ ବୈବାହିକ ଦୁଷ୍କର୍ମ ହେଉଛି ଆଇନ୍ ଅପେକ୍ଷା ଏକ ସାମାଜିକ ଚିନ୍ତାର ବିଷୟ । ଏଥିପାଇଁ ବ୍ୟାପକ ବିଚାର ବିମର୍ଶ ସବୁ ଅଂଶୀଦାରମାନଙ୍କ ସହ ହେବା ଆବଶ୍ୟକ । କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଏହା କରାଯିବା ଜରୁରୀ । ଏହାର ସିଧାସଳଖ ପ୍ରଭାବ ସମାଜ ଉପରେ ପଡିବ । ଏଥିପାଇଁ ବିକଳ୍ପ ଭାବରେ ଉପଯୁକ୍ତ ଦଣ୍ଡ ବ୍ୟବସ୍ଥା ରହିଛି । କେନ୍ଦ୍ର ସରକାର କହିଛନ୍ତି ଯେ ବିବାହ ଜଣେ ମହିଳାଙ୍କ ବିନା ସମ୍ମତିରେ ହୁଏନାହିଁ । ତେବେ ମହିଳାଙ୍କ ଇଚ୍ଛା ବିରୋଧରେ କାର୍ଯ୍ୟ କରିବା ବା ନିୟମ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ମୋ ଠାରୁ ୧୦ ବର୍ଷ ବଡ ଅଭିନେତାଙ୍କର ବାପା ଚରିତ୍ରରେ ଅଭିନୟ କରିବା କଷ୍ଟ ଥିଲା । ସେହିଭଳି ଏହି ଚରିତ୍ର ପାଇଁ ମୋତେ ଲୋକଙ୍କ ଥଟ୍ଟା ମଜା ମଧ୍ୟ ସହିବାକୁ ପଡିଥିଲା ।

**ମୁକେଶ ଖାନ୍ନା, ଅଭିନେତା**



କରଣ ଯେତେବେଳେ ମୋତେ ନଜଣାଇ 'ଜିଗ୍‌ରା'ର ସ୍କ୍ରିପ୍ଟ ଆଲିଆଙ୍କୁ ମେଲ କରିଥିଲେ ସେତେବେଳେ ମୁଁ ଜମାରୁ ଖୁସି ନଥିଲି । ଯାହା ଆଲିଆଙ୍କୁ ପଠାଯାଇଥିବା ସ୍କ୍ରିପ୍ଟରେ ଅନେକ ବ୍ୟାକରଣ ଓ ବନାନ୍ ତ୍ରୁଟି ଥିଲା ।

**ବସନ୍ ବାଲା, ନିର୍ଦ୍ଦେଶକ**



ସେମାନେ ମୋ ବିରୋଧରେ ଯାହା ବି ଅଭିଯୋଗ କରୁଛନ୍ତି ମୁଁ ସେପରି କୌଣସି କାର୍ଯ୍ୟ କରିନାହିଁ । ସବୁ ଅଭିଯୋଗ ମିଛ ।

**ତ୍ରିପ୍ତି ଡିମିରି, ଅଭିନେତ୍ରୀ**

## ଇତିହାସ

୧୯୨୭– ଭାରତର ଦ୍ୱିତୀୟ ମହିଳା ପ୍ରଶାସନିକ ଅଧିକାରୀ ତଥା ମଧ୍ୟପ୍ରଦେଶର ପୂର୍ବତନ ରାଜ୍ୟପାଳ ସାରଳା ଗ୍ରେୱାଲ୍‌ଙ୍କ ଜନ୍ମ ।

୧୯୭୭– ତତ୍କାଳୀନ ଭାରତୀୟ ବୈଦେଶିକ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସଂଯୁକ୍ତରାଷ୍ଟ୍ର ମହାସଭା ବୈଠକକୁ ହିନ୍ଦୀ ଭାଷାରେ ସମ୍ବୋଧନ କଲେ । ହିନ୍ଦୀରେ ଏହା ହେଉଛି ପ୍ରଥମ ସମ୍ବୋଧନ ।


୧୯୯୬– ପାକିସ୍ତାନର ୧୬ ବର୍ଷୀୟ ବୋଲର ଶାହିଦ ଆଫ୍ରିଦୀ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୩୭ ରନ୍‌ରେ ଶତକ କରି ଇତିହାସ ରଚିଲେ ।

୨୦୦୪– ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପରଲୋକ ।


୨୦୦୮– ଆମେରିକୀୟ ବୈଦେଶିକ ମନ୍ତ୍ରୀ କୋଣ୍ଡୋଲିଜା ରାଇସ୍ ଦିନିକିଆ ଭାରତ ଗସ୍ତରେ ଆସିଥିଲେ ।

୨୦୧୧– ଆଇଏସ୍ ମୁଖ୍ୟ ଅବୁ ବକର୍–ଅଲ୍ ବାଗଦାଦୀଙ୍କୁ ବୈଷୟିକ ଆତଙ୍କବାଦୀ ରୂପେ ଚିହ୍ନଟ କଲା ଆମେରିକା ।

# ମାର୍‌ବର୍ଗ



ମାର୍‌ବର୍ଗ ଭାଇରସ ଏକ ବିରଳ ଜୀବାଣୁ ଯେଉଁମାନେ ବିଶେଷଭାବେ ଆଫ୍ରିକାନ ଦେଶଗୁଡିକରେ ଦେଖିବାକୁ ମିଳନ୍ତି । ଏହାର ଲକ୍ଷଣ ଗୁଡିକ ଖୁବ କଷ୍ଟଦାୟୀ ହୋଇଥାଆନ୍ତି । ଏହି ସଂକ୍ରମଣ ହେଲେ ପ୍ରାଥମିକ ଲକ୍ଷଣ ଭାବେ ବାନ୍ତି ହୋଇଥାଏ । ହେଲେ କିଛି ଦିନ ପରେ ବାନ୍ତିର ମାତ୍ରା ବଢିଥାଏ । ବାନ୍ତି ସହିତ ବ୍ରେନ୍ ଓ ନର୍ଭ ଗୁଡିକରୁ ରକ୍ତ ବୋହିଥାଏ । ଏହାସହିତ ସ୍ନାୟୁ ଜନିତ ସମସ୍ୟା ମଧ୍ୟ ଦେଖିବାକୁମିଳିଥାଏ । ଏହି ଭାଇରସ ବାଦୁଡି କିମ୍ବା ମାଙ୍କଡଙ୍କ ଠାରୁ ମଣିଷଙ୍କୁ ବ୍ୟାପିଥାଏ । ଏହାକୁ ଭାଇରାଲ ହେମୋରାଗିକ୍ ଫିଭର ମଧ୍ୟ କହିଥାଆନ୍ତି । ଏହି ଭାଇରସ ସିଧାସଳଖ ବ୍ଲଡ୍ ଭେସେଲ୍‌କୁ ଆକ୍ରମଣ କରିଥାଏ ଏବଂ ସେଗୁଡିକରୁ ରକ୍ତ ବୋହିଥାଏ । ଏହି ଭାଇରସଟି ଏବୋଲା ଫ୍ୟାମିଲିର । ଏହା ଯେତେବେଳେ ହୋଇଥାଏ ମହାମାରୀ ଭଳି ବ୍ୟାପିଥାଏ । ଏହା ହେଲେ ଜ୍ୱର, ଅତିପ୍ରବଳ ମୁଣ୍ଡବିନ୍ଧା, କଫ, ଆଣ୍ଠୁଗଣ୍ଠି ବିନ୍ଧା, ଗଳାରେ ଯନ୍ତ୍ରଣା, କିଛି ସ୍ଥାନ କୁଣ୍ଡାଇହୋଇ ଫଳିଯିବା ଆଦି ସମସ୍ୟା ଦେଖିବାକୁ ମିଳିଥାଏ । ସେହିଭଳି ଏହି ସଂକ୍ରମଣ ମଣିଷଙ୍କ ନିକଟରୁ ମଣିଷଙ୍କୁ ବ୍ୟାପିଥାଏ । ସଂକ୍ରମିତ ମଣିଷ ହେଉ କିମ୍ବା ପ୍ରାଣୀ ସେମାନଙ୍କର ରକ୍ତ, ମଳ,ଲାଳ ଆଦି ଦ୍ୱାରା ଏହା ବ୍ୟାପିଥାଏ ।




# ୩,୭୭୫ ବର୍ଷର କାଠ ଗଣ୍ଡି

ବର୍ତ୍ତମାନ ଗ୍ଲୋବାଲ ୱାର୍ମିଂ କାରଣରୁ ଜଳବାୟୁରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି । ବର୍ତ୍ତମାନ ବୈଜ୍ଞାନିକମାନେ ନୂଆନୂଆ ମେଥଡ ବାହାର କରୁଛନ୍ତି କ୍ଲାଇମେଟ ଚେଞ୍ଜକୁ ସମାଧାନ କରିବାକୁ । ତେବେ ନିକଟରେ ଜର୍ନାଲ ସାଇନ୍ସରେ ବାହାରିଥିବା ଏକ ଷ୍ଟଡି ଅନୁସାରେ ଏକ ବହୁପୁରାତନ କାଠ ଗଣ୍ଡି ମିଳିଛି, ଯାହାକୁ ମାଟିତଳେ କାହିଁ କେଉଁ ବର୍ଷରୁ ପୋତି ରଖାଯାଇଥିଲା । ଏହି କାଠ ଗଣ୍ଡିଟି ପାଖାପାଖି ୩,୭୭୫ ବର୍ଷ ତଳର ବୋଲି ବୈଜ୍ଞାନିକ ମତ ଦେଇଛନ୍ତି । ତେବେ ଏହି ଗଣ୍ଡିର ଅବସ୍ଥା ଦେଖି ସେମାନେ କ୍ଲାଇମେଟ ଚେଞ୍ଜକୁ ନେଇ ଅନେକ ତଥ୍ୟ ହାସଲ କରିଥିବା ଦାବି କରିଛନ୍ତି । ଏହି କାଠ ଗଣ୍ଡିରେ ମାତ୍ର ପାଞ୍ଚ ପ୍ରତିଶତ କାର୍ବୋନ ଡାଇଅକ୍ସାଇଡ୍ ବଳକା ରହିଛି ଯାହା ମାଟି ଘୋଡାଯାଇଥିବାରୁ ସମ୍ଭବ । ତେଣୁ ଏହି ପ୍ରକ୍ରିୟାଦ୍ୱାରା ବିଭିନ୍ନ କାଠର ବିଘଟନ ପ୍ରକ୍ରିୟାରେ ଆମ ପରିବେଶକୁ ମିଳୁଥିବା କାର୍ବୋନ ଡାଇଅକ୍ସାଇଡ୍ ବା ଅଙ୍ଗାରକାମ୍ଳର ପରିମାଣକୁ କମାଇହେବ । ଏହି ପ୍ରକ୍ରିୟାକୁ ସେମାନେ ଉଡ୍ ଭାଉଲ୍‌ଟିଂର ନାଁ ଦେଇଛନ୍ତି । ତେଣୁ କାଠକୁ ମାଟିତଳେ ପୋତି ପରିବେଶକୁ କିଛି ମାତ୍ରାରେ ସୁରକ୍ଷିତ କରିହେବ ବୋଲି ବୈଜ୍ଞାନିକ ମତ ଦେଇଛନ୍ତି । ଯଦି ଏହି ପ୍ରକ୍ରିୟା ସଫଳ ହୁଏ ତେବେ ଏହା ଖୁବ କାମରେ ଆସିବ ବୋଲି ମତ ପ୍ରକାଶ ପାଇଛି ।





# ପିଙ୍କ୍ ଗ୍ରାସ୍‌ହପ୍ପର


ଗ୍ରାସ୍ ହପ୍ପର୍ ବା ଏକ ପ୍ରଜାତିର ଝିଣ୍ଟିକା ଯାହା ଅନେକ ସମୟରେ ଆମ ଧାନବିଲ ଓ ବାଡିରେ ଗଛ ଖାଉଥିବାର ନଜରକୁ ଆସନ୍ତି । ତେବେ ଏମାନେ ସାଧାରଣତଃ ସବୁଜ ରଙ୍ଗର ହୋଇଥାଆନ୍ତି । ହେଲେ ନିକଟରେ ସୋସିଆଲ ମିଡିଆରେ ଏକ ପିଙ୍କ କଲରର ଗ୍ରାସହପ୍ପର ଭାଇରାଲ ହେବାରେ ଲାଗିଛି । ଏହି ଫଟୋଟିକୁ ଜଣେ ୮ ବର୍ଷର ବାଳିକା ଉଠାଇ ନିଜ ସୋସିଆଲ ସାଇଟ୍‌ରେ ଅପଲୋଡ କରିଛନ୍ତି ଯାହା ଭାଇରାଲ ହେବାରେ ଲାଗିଛି । ଏହି ଗ୍ରାସହପ୍ପରର ପିଙ୍କ ପିଗ୍‌ମେଣ୍ଟେସନ୍ ଏକ ଜେନିଟିକାଲ କଣ୍ଡିସନ୍,ଯେଉଁ କାରଣର ଏମାନଙ୍କ ଶରୀରରେ ଏଭଳି ପରିବର୍ତ୍ତନ ଦେଖିବାକୁ ମିଳିଥାଏ ବୋଲି ଏହି ପୋଷ୍ଟରେ ଉଲ୍ଲେଖ ରହିଛି । ତେବେ ଏହା ଖୁବ ବିରଳ, ଏହି ପିଙ୍କ ଗ୍ରାସହପ୍ପର ଖୁବ କମସ୍ଥାନରେ ଦେଖିବାକୁ ମିଳନ୍ତି । ମାତ୍ର ୧ ପ୍ରତିଶତ ଲୋକ ଏଭଳି ପିଙ୍କ ଗ୍ରାସହପ୍ପର ଦେଖିବାର ସୁଯୋଗ ପାଇଥାଆନ୍ତି । ଫଟୋଟି ବେଶ୍ ଭାଇରାଲ ହେବାରେ ଲାଗିଛି ।

# ଡୋଡା ବରଫି



**ସାମଗ୍ରୀ :** ୨କପ୍ ପନିର୍, ୨କପ୍ ଖୋୟା, ଅଧା କପ୍ କ୍ଷୀର, ଦେଢ କପ ଚିନି, ଅଧାକପ୍ ମିଲ୍କ ପାଉଡର, ଅଧା ଚାମଚ ବେକିଙ୍ଗ ପାଉଡର, ଦୁଇ ଚାମଚ ଘିଅ, ଦୁଇ ଚାମଚ କୋକୋ ପାଉଡର, ଏକ ଚାମଚ ପେସ୍ତା, ଏକ ଚାମଚ କାଜୁ ।

**ପ୍ରଣାଳୀ :** ପ୍ରଥମେ ପନିର୍ ଓ ଖୁଆକୁ ଗୁଣ୍ଡ କରିନିଅନ୍ତୁ । ମିଡିଅମ ଆଞ୍ଚରେ ଘିଅ ଗରମ କରନ୍ତୁ । ଏଥିରେ ଖୁଆ ପକାଇ ଭାଜନ୍ତୁ । ଯେତେବେଳେ ଖୁଆ ବ୍ରାଉନ୍ ହୋଇଯିବ ସେତେବେଳେ ଏଥିରେ ପନିର ପକାଇ ଭାଜନ୍ତୁ । ଯେତେବେଳେ ମିଶ୍ରଣରୁ ଘିଅ ବାହାରିବ, ସେତେବେଳେ ଏଥିରେ ଚିନି ଓ କ୍ଷୀର ପକାଇ ଘାଣ୍ଟନ୍ତୁ । ଚିନି ତରଳିବା ପରେ ଏଥିରେ ମିଲ୍କପାଉଡର ପକାଇ ୨ମିନିଟ୍ ପର୍ଯ୍ୟନ୍ତ ଗୋଳାନ୍ତୁ । ଏହାପରେ ଏଥିରେ ବେକିଙ୍ଗ ପାଉଡର, କୋକୋଆ ପାଉଡର ପକାଇ ୫ମିନିଟ୍ ଯାଏଁ ଘାଣ୍ଟନ୍ତୁ । ଯେତେବେଳେ ମିଶ୍ରଣରୁ ଘିଅ ବାହାରିବା ଆରମ୍ଭ ହେବ, ସେହି ସମୟରେ ଗ୍ୟାସ ବନ୍ଦ କରିନିଅନ୍ତୁ । ଏକ ଟ୍ରେରେ ଘିଅ ଲଗାନ୍ତୁ, ଏଥିରେ ପ୍ରସ୍ତୁତ ମିଶ୍ରଣକୁ ପକାଇ ତାହା ଉପରେ କାଜୁ, ପେସ୍ତା ବାଦାମ କଟା ପକାନ୍ତୁ । ଏହା ସେଟ୍ ହେବା ପରେ ଏହାକୁ ଖଣ୍ଡ ଖଣ୍ଡ କରି କାଟି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଡୋଡୋ ବରଫି ।



# ପର୍ବପର୍ବାଣୀରେ ରୁହନ୍ତୁ ସୁସ୍ଥ

**ପର୍ବପର୍ବାଣୀ ଆସିଲେ ଭଲଭଲ ଖାଦ୍ୟ ଖାଇବାର ଇଚ୍ଛା ବଢିଯାଇଥାଏ । ତେବେ ଏହି ସମୟରେ କେତେଜଣ ନିଜ ସ୍ୱାସ୍ଥ୍ୟ କାରଣରୁ ଭଲ ଖାଇବାକୁ ପଛାଇଥାଆନ୍ତି । ହେଲେ ତାଙ୍କ ପାଇଁ ନିଜକୁ ରୋକିବା କଷ୍ଟକର ହୋଇପଡେ । ତେବେ ଏଭଳି କିଛି ଉପାୟ ରହିଛି ଯାହାକୁ ଧ୍ୟାନ ଦେଲେ ପର୍ବପର୍ବାଣୀରେ ମଧ୍ୟ ବିଭିନ୍ନ ପ୍ରକାରର ତେଲ, ମସଲା, ମିଠା ଖାଦ୍ୟରୁ ଦୂରେଇ ରହିବା ।**

**ନିୟନ୍ତ୍ରଣରେ ରଖନ୍ତୁ ଇଚ୍ଛା:** ଖାଇବା ଉପରେ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ ପ୍ରଥମେ ମାନସିକ ସ୍ତରରେ ଏଥିନିମନ୍ତେ ପ୍ରସ୍ତୁତ ହେବାକୁ ପଡିଥାଏ । ତେଣୁ ନିଜର ଇଚ୍ଛାକୁ ଚିହ୍ନନ୍ତୁ । ଯଦି କୌଣସି ଖାଦ୍ୟକୁ ଖାଇବାକୁ ବେଶି ଇଚ୍ଛା ହେଉଛି ତେବେ ଏହା ଠାରୁ ଦୂରରେ ରୁହନ୍ତୁ । ସେହିଭଳି କେଉଁ କାରଣରୁ ଆପଣଙ୍କ ଖାଇବାକୁ ବେଶି ଇଚ୍ଛା ହୋଇଥାଏ ତାହା ମଧ୍ୟ ଜାଣି ସେଥିରୁ ଦୂରେଇ ରୁହନ୍ତୁ ।



**ଖାଆନ୍ତୁ ସ୍ୱାସ୍ଥ୍ୟକର ଖାଦ୍ୟ:** ଏହି ସମସ୍ୟରେ ସର୍ବଦା ପେଟପୁରା ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ, ଯେପରି ଅନ୍ୟ ଜଙ୍କ ଫୁଡ୍ ଖାଇବାକୁ ଇଚ୍ଛା ନହେବ । ଏହି ସମୟରେ ସକାଳର ଜଳଖିଆକୁ ମନଭରି ପେଟ ଫୁଲ୍ କରି ଖାଆନ୍ତୁ, ଯାହା ଫଳରେ ପୂରା ଦିନ ଆଉ ତେଲ ମସଲା ଯୁକ୍ତ ଖାଦ୍ୟ କିମ୍ବା ମିଠା ଖାଇବାକୁ ଇଚ୍ଛା ହେବ ନାହିଁ ।


**ସମୟରେ କରନ୍ତୁ ଭୋଜନ:** ଖାଇବାର ଇଚ୍ଛାକୁ ନିୟନ୍ତ୍ରଣ କରିବାକୁ ସବୁଠାରୁ ବଡ ଅସ୍ତ୍ରହେଲା ସଠିକ୍ ସମୟରେ ନିଜର ଖାଦ୍ୟ ଖାଇବା । ସବୁବେଳେ ସଠିକ୍ ସମୟରେ ଜଳଖିଆ ହେଉ କିମ୍ବା ଭାତ ଖାଆନ୍ତୁ । ଯାହାଫଳରେ ଆଉ ଅଲଗା ଜଙ୍କ ଫୁଡ୍ କିମ୍ବା ମିଠା ଖାଇବାର ଇଚ୍ଛା ହୋଇନଥାଏ ।

# କମ୍‌ବ୍ୟାକ୍ ପାଇଁ ରେଡି



ବର୍ତ୍ତମାନ ମହିମା ଚୌଧୁରୀ ନିଜର କମ୍‌ବ୍ୟାକ୍ ଫିଲ୍ମ ସିଗ୍‌ନେଚରକୁ ନେଇ ଖୁବ ବ୍ୟସ୍ତ ଅଛନ୍ତି । ଏହି ଫିଲ୍ମ ଜରିଆରେ ମହିମା ଆଠ ବର୍ଷ ପରେ ପରଦାକୁ ଫେରିବାକୁ ଯାଉଛନ୍ତି, ଯାହାକୁ ନେଇ ସେ ନର୍ଭସ ଥିବା ମଧ୍ୟ ବିଭିନ୍ନ ସାକ୍ଷାତକାରରେ ପ୍ରକାଶ କରୁଛନ୍ତି । ସେହିଭଳି ଏକ ସାକ୍ଷାତକାରରେ ମହିମା ୧୯୯୯ ମସିହା ଫିଲ୍ମ ଦିଲ୍ କ୍ୟା କରେର ସୁଟିଂ ସମୟର କଥାକୁ ବଖାଣିଛନ୍ତି । ଏହି ସମୟରେ ମହିମାଙ୍କର ଏକ ଦୁର୍ଘଟଣା ହୋଇଥିଲା । ଯେଉଁ ଦୁର୍ଘଟଣାରେ ତାଙ୍କ ମୁହଁରେ ଖୁବ ଅଧିକ କ୍ଷତ ସୃଷ୍ଟି ହୋଇଥିଲା । ତେବେ ଏହି ଦୁର୍ଘଟଣା ପରେ ମହିମା ଖୁବ ଡରିଯାଇଥିଲେ, କାରଣ ତାଙ୍କୁ ଲାଗିଥିଲା ତାଙ୍କ କ୍ଷତ କାରଣରୁ ତାଙ୍କୁ ଇଣ୍ଡଷ୍ଟ୍ରୀ ବୟକଟ୍ କରିଦେବ । ଯାହା ବିଷୟରେ ସେ କେବଳ ଅଜୟ ଦେବଗନଙ୍କ ସହିତ କଥା ହୋଇଥିଲେ । ହେଲେ ଏଭଳି ହୋଇନଥିଲା, ମହିମା ପୁଣି ସୁସ୍ଥ ହୋଇ ଇଣ୍ଡଷ୍ଟ୍ରୀକୁ ଫେରିଥିଲେ ଏବଂ କାମ କରିଥିଲେ । ସେହିଭଳି କ୍ୟାନ୍ସର ସମୟରେ ମଧ ତାଙ୍କୁ ଲାଗିଥିଲା ସେ ଆଉ ଅଭିନୟକୁ ଫେରିବେ ନାହିଁ । ହେଲେ କ୍ୟାନ୍ସରକୁ ହରାଇ ସେ ପୁଣି ପରଦାକୁ ଫେରିଥିଲେ । ୧୯୯୭ରେ ବି ଟାଉନ୍‌ରେ ଡେବ୍ୟୁ କରିଥିବା ମହିମା ୨୦୦୨ ପର୍ଯ୍ୟନ୍ତ ଅନେକ ହିଟ୍ ଫିଲ୍ମରେ ଅଭିନୟ କରିଛନ୍ତି । ତେବେ ୨୦୦୬ ପରଠାରୁ ସେ ପରଦାରୁ ଦୂରେଇବା ଆରମ୍ଭ କରିଥିଲେ, ଏହି ସମୟରେ ସେ ନିଜ ପରିବାର ପାଇଁ ସମୟ ଦେଇଥିଲେ । ଏହାପରେ ତାଙ୍କୁ ଅନେକ ସମସ୍ୟା ଦେଖିବାକୁ ପଡିଥିଲା । ୨୦୧୩ତାଙ୍କର ଛାଡପତ୍ର ମଧ୍ୟ ହୋଇଥିଲା, କିନ୍ତୁ ଏହାପରେ ବି ଅଭିନୟ ପ୍ରତିଥିବା ଭଲ ପାଇବା ତାଙ୍କୁ ପୁଣିଥରେ ପରଦାକୁ ଫେରାଇ ଆଣିଥିଲା ।

# ମହୁମାଛି ବି ରଖନ୍ତି ସାମାଜିକ ଦୂରତା



ଆଜିକାଲି ସାମାଜିକ ଦୂରତା ଶବ୍ଦ ସମସ୍ତଙ୍କ ପାଇଁ ବେଶ ପରିଚିତ ହୋଇସାରିଛି । କରୋନା ଭଳି ମହାମାରୀରୁ ବଞ୍ଚିବା ପାଇଁ ମଣିଷ ଏହାକୁ ଅସ୍ତ୍ର ଭଳି ବ୍ୟବହାର କରିଥିଲା । ତେବେ କେବଳ ମଣିଷ ନୁହେଁ ମହୁମାଛି ମାନେ ମଧ୍ୟ ନିଜ ନିଜ ଭିତରେ ସାମାଜିକ ଦୂରତା ରଖିଥାଆନ୍ତି । କଥାଟି ଶୁଣିବାକୁ ଅଜବ ଲାଗିଲେ ବି ସତ । ତେବେ ଏଭଳି ଦାବି ଲଣ୍ଡନ ବିଶ୍ୱବିଦ୍ୟାଳୟ ସହ ଇଟାଲିର ସସାରି ବିଶ୍ୱବିଦ୍ୟାଳୟର ଏକ ରିପୋର୍ଟରେ ପ୍ରକାଶ ପାଇଛି । ଗବେଷକଙ୍କ ମତରେ ମହୁମାଛି ମାନେ ରହୁଥିବା ଫେଣାରେ ସମୟ ସମୟରେ ସଂକ୍ରମଣ ହୋଇଥାଏ । ଏହି ସଂକ୍ରମଣ ଏକ ପରଜୀବୀ କାରଣରୁ ହୋଇଥାଏ । ଯେତେବେଳେ ମହୁମାଛି ଫେଣାକୁ ସେହି ପରଜୀବୀମାନେ ଆସିବା ଆରମ୍ଭ କରନ୍ତି, ସେହି ସମୟରେ ମହୁମାଛିମାନେ ନିଜନିଜ ଭିତରେ ଅଲଗା ହେବା ଆରମ୍ଭ କରନ୍ତି । ଯାହା ଏକ ପ୍ରକାରର ସାମାଜିକ ଦୂରତା । ଏହି ଜୀବମାନେ ମହୁମାଛିଙ୍କର ଶତ୍ରୁ ହୋଇଥାଆନ୍ତି । ମହୁମାଛିଙ୍କର ଫେଣା ନଷ୍ଟହେବା ପଛରେ ଏମାନଙ୍କ ହାତ ଅଧିକ ରହିଥାଏ । ତେଣୁ ଏହି ସଂକ୍ରମଣରୁ ବଞ୍ଚିବା ପାଇଁ ମହୁମାଛିମାନେ ସାମାଜିକ ଦୂରତା ଅବଲମ୍ବନ କରନ୍ତି । ଏହି ବିଷୟରେ ଜାଣିବା ପାଇଁ ଗବେଷକମାନେ ଏକ ପରୀକ୍ଷା କରିଥିଲେ । ବୈଜ୍ଞାନିକମାନେ ଏକ ୧୨ ଜଣିଆ ମହୁମାଛି ଦଳକୁ କୃତ୍ରିମ ଉପାୟରେ ସଂକ୍ରମିତ କରାଇଥିଲେ । ଏହାପରେ ସେମାନଙ୍କର ବ୍ୟବହାରକୁ ଅନୁଧ୍ୟାନ କରିଥିଲେ । ଯେଉଁ ପରୀକ୍ଷାରୁ ଜଣାପଡିଥିଲା କି ସେମାନଙ୍କ ଫେଣାରେ ସଂକ୍ରମଣ ଆରମ୍ଭ ହେଲେ ସେମାନେ ନିଜ ନିଜ ଭିତରେ ସାମାଜିକ ଦୂରତା ରଖିବା ଆରମ୍ଭ କରୁଛନ୍ତି ।







ନୂଆଦିଲ୍ଲୀରେ ଶିଳ୍ପପତିମାନଙ୍କୁ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଉପସ୍ଥିତ ଅଛନ୍ତି ଶିଳ୍ପମନ୍ତ୍ରୀ ସଂପଦ ସ୍ୱାଇଁ

### ଜଗତପୁର ଶିଳ୍ପାଞ୍ଚଳରେ ନକଲି ଘିଅ କାରଖାନା ଠାବ

# ମାଲିକ ଫେରାର୍‌: କମ୍ପାନୀ ସିଲ୍

କଟକ,(ସବ୍ୟୁ): ନକଲି କାରବାରରେ ଜଗତପୁର ଶିଳ୍ପାଞ୍ଚଳ ଏବେ ରେକର୍ଡ଼ ପଛକୁ ରେକର୍ଡ଼ କରିଚାଲିଛି । ସିମେଣ୍ଟ, କ୍ଷୀର ପରେ ଏବେ ନକଲି ଘିଅ କାରଖାନା ଠାବ ହୋଇଛି । ବାଲ୍ ଗୋପାଲ୍ ବ୍ରାଣ୍ଡରେ ଏକ ନକଲି ଘିଅ କାରଖାନା ଠାବ କରିଛି କମିଶନରେଟ୍ ପୁଲିସ । ଚଢ଼ାଉ ବେଳେ କମ୍ପାନୀର ମାଲିକ ସରୋଜ ମିଶ୍ର ଫେରାର ହୋଇଯାଇଥିବା ବେଳେ କମ୍ପାନୀ କର୍ମଚାରୀ ମାନସ ରାଉତ ଓ ରୂପକ ମହାପାତ୍ରଙ୍କୁ ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଛି । କମ୍ପାନୀରୁ୧୦କୁଇଣ୍ଟାଲ୍ ନକଲି ଘିଅ, ବ୍ୟବହୃତ ଯନ୍ତ୍ରାଂଶ, ବିଭିନ୍ନ ରସାୟନିକ ପଦାର୍ଥ ଜବତ କରାଯାଇଛି । ଦୀର୍ଘ ବର୍ଷେ ହେବ ଏହି କମ୍ପାନୀ ଏଠାରେ ଚାଲୁଥିଲା ବୋଲି ଜଣାପଡ଼ିଛି । ସାରା ରାଜ୍ୟକୁ ଏହି ନକଲି ଘିଅ ଚାଲାଣ ହେଉଥିବା ପୁଲିସ କହିଛି । ମାରାତ୍ମକ ରସାୟନିକ ପଦାର୍ଥ ବ୍ୟବହାର କରାଯାଇ ଏପରି ଘିଅ ପ୍ରସ୍ତୁତ ହେଉଥିଲା । ଏ ସମ୍ପର୍କରେ ପ୍ରଥମେ ଜଗତପୁର ଥାନାକୁ ଖବର ମିଳିଥିଲା । ଡିସିପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶକ୍ରମେ ଜୋନ୍ ଏସିପି ଅରୁଣ କୁମାର ସ୍ୱାଇଁ ଓ ଜଗତପୁର ଥାନା ପୁଲିସ ଚଢ଼ାଉ କରିଥିଲେ । ଏଥିରେ ସିଏମ୍ସିର ସିଟି ହେଲଥ୍ ଅଫିସର ସତ୍ୟବ୍ରତ ମହାପାତ୍ର ସାମିଲ୍ ହୋଇଥିଲେ । ଏସିପି ଶ୍ରୀ ସ୍ୱାଇଁଙ୍କୁ ଏହି ନକଲି ଘିଅ କାରଖାନା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, କମ୍ପାନୀ ମାଲିକଙ୍କୁ ଗିରଫ କରିବାକୁ ଚଢ଼ାଉ ଜାରି ରହିଛି । ନକଲି ଘିଅ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ଲାବରୋଟୋରୀକୁ ପଠାଯାଇଛି । ଏବେ ଉକ୍ତ କମ୍ପାନୀକୁ ବନ୍ଦ କରି ଦିଆଯାଇଛି ବୋଲି ଏସିପି ଶ୍ରୀ ସ୍ୱାଇଁ କହିଛନ୍ତି । ଅଭିଯୁକ୍ତ ସରୋଜ 'ବାଲ୍ ଗୋପାଲ୍ ଘିଅ କମ୍ପାନୀ' ନାଁରେ ସଂସ୍ଥା ଚଳାଉଥିଲା । କିନ୍ତୁ କମ୍ପାନୀ ଭିତରେ ରୁଚି ନମ୍ବର-୧ ଏବଂ ନିର୍ମାଲ୍ୟ କମ୍ପାନୀର ନକଲି ପ୍ୟାକେଜିଂ କରୁଥିଲା । ଉକ୍ତ ପ୍ୟାକେଜ୍ରେ କମ୍ପାନୀର ହଲୋଗ୍ରାମ ଏବଂ ଏଫ୍‌ଏସ୍‌ଏସ୍‌ଆଇ ମୋହର ନଥିଲା । ଧରାପଡ଼ିବା ଭୟରେ ସେ କଟକ ଜିଲ୍ଲାରେ ଏହି ଘିଅ ପ୍ୟାକେଟ୍‌କୁ ବିକ୍ରୟ କରୁନଥିଲା । କୋରାପୁଟ୍, ମୟୂରଭଞ୍ଜ, ମାଲକାନଗିରି, ଉମରକୋଟ୍, ବାରିପଦା, କଳାହାଣ୍ଡି, ବାଲେଶ୍ୱର, ଭଦ୍ରକ ଅଞ୍ଚଳକୁ ଏହି ନକଲି ଘିଅ ମାର୍କେଟିଂ ପାଇଁ ପଠାଯାଉଥିଲା । ଏହାପରେ ଲକ୍ଷାଧିକ ଟଙ୍କାର ଘିଅକୁ ସମ୍ପୃକ୍ତ ଅଞ୍ଚଳରେ ବିକ୍ରି ହେଉଥିଲା ।

### ନୂଆଦିଲ୍ଲୀରେ ଶିଳ୍ପପତି ମାନଙ୍କ ସହ ବୈଠକ

## ଓଡ଼ିଶାରେ ୫ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ପୁଞ୍ଜିନିବେଶ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଶିଳ୍ପପତିମାନଙ୍କ ବୈଠକ ପରେ ଓଡ଼ିଶାରେ ପ୍ରାୟ ୫ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ପୁଞ୍ଜିନିବେଶ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମେ ଉଦ୍ୟୋଗପତି ମାନଙ୍କୁ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ବିନିଯୋଗ ପାଇଁ ଆମନ୍ତ୍ରଣ କରିଛୁ । ଗୁରୁବାର ରୋଡ୍ ଶୋ ପାଇଁ ଆମେ ୪୦୦ ଜଣଙ୍କୁ ନିମନ୍ତ୍ରଣ କରିଥିଲୁ କିନ୍ତୁ ପ୍ରାୟ ୬୦୦ ଉଦ୍ୟୋଗପତି ଏଥିରେ ଯୋଗ ଦେଇଥିଲେ । ଆମର ଶିଳ୍ପ ଅନୁକୂଳ ନୀତି ଯୋଗୁଁ ଶିଳ୍ପପତି ମାନେ ଓଡ଼ିଶାରେ ପୁଞ୍ଜି ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ମୋର ବିଶ୍ୱାସ ୫ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଓଡ଼ିଶା ରେ ନିଶ୍ଚିତ ବିନିଯୋଗ ହେବ ଏବଂ ଆମେ ଆମ ଉଦ୍ୟମରେ ନିଶ୍ଚୟ ରୂପେ ସଫଳ ହେବୁ ।

### ନୂଆଦିଲ୍ଲୀରେ ଉତ୍କର୍ଷ ଓଡ଼ିଶା : ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଲାଗି ମୂଳଦୁଆ ପଡିଲା

# ମୁଖ୍ୟମନ୍ତ୍ରୀ ବୈଦେଶିକ ନିବେଶର ରୋଡ୍ ଶୋ ଆରମ୍ଭ କଲେ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀରେ ଆଜି ଦୁଇଟି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି । ଓଡ଼ିଶାର ପୁଞ୍ଜିନିବେଶ, ଦକ୍ଷତା ଓ ଶିଳ୍ପାୟନର ବାତାବରଣ ସଂପର୍କରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜାନୁଆରୀ ୨୦୨୫ରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା : ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଲାଗି ଏକ ଉଲ୍ଲେଖନୀୟ ମାଇଲ୍‌ଖୁଣ୍ଟ ପ୍ରତିଷ୍ଠା କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଏଥିରେ ଶିଳ୍ପ ମନ୍ତ୍ରୀଙ୍କ ସମେତ ଶିଳ୍ପ ଓ ଦକ୍ଷତା ବିକାଶର ଅଧିକାରୀମାନେ ଯୋଗ ଦେଇଥିଲେ । ହୋଟେଲ୍ ତାଜ୍ ପ୍ୟାଲେସରେ ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କ ସହ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୁଯୋଗ ସୃଷ୍ଟି, ପୁଞ୍ଜିନିବେଶ ଅନୁକୂଳ ନୀତି, ବ୍ୟବସାୟକୁ ସୁରକ୍ଷା ଆଦି ସଂପର୍କରେ ଆଲୋକପାତ କରିଥିଲେ । ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ ତାଙ୍କ ଅଭିଭାଷଣ ରଖିଥିଲେ । ସେ କହିଥିଲେ ଯେ, ରାଜ୍ୟ ସରକାର ଏହି କରାଯାଇଛି । ଶିଳ୍ପ ସଚିବ ହେମନ୍ତ ଶର୍ମା ରାଜ୍ୟର ଶିଳ୍ପ ଅନୁକୂଳ ବାତାବରଣ ସଂପର୍କରେ ସୂଚନା ଦେଇଥିଲେ । ଏହି ଅଧିବେଶନରେ ସାହି ଏକ୍ସପର୍ଟର ଅଧକ୍ଷ ହରିଶ୍ ଆହୁଜା ଭାରତ ଡାଇମିଆ ଗ୍ରୁପ୍‌ର ପରିଚାଳନା

**ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ବିଶିଷ୍ଟ ଶିଳ୍ପପତିଙ୍କୁ ନିମନ୍ତ୍ରଣ ଦେଲେ**

ପ୍ରକଳ୍ପ ଗୁଡ଼ିକ ସଂପୂର୍ଣ୍ଣ ସହାୟତା ଦେବେ । ବିଶେଷ କରି ଆଦିବାସୀ ସଂପ୍ରଦାୟର ବିକାଶ ଲାଗି ଶିଳ୍ପପତିମାନଙ୍କୁ ପରାମର୍ଷ ଦେଇଥିଲେ । ମୁଖ୍ୟ ସଚିବ ମନୋଜ ଆହୁଜା ସ୍ୱାଗତ ଭାଷଣ ଦେଇଥିଲେ । ଶ୍ରୀ ଆହୁଜା ସରକାରଙ୍କ ଇଜି ଡୁଇଙ୍ଗ୍ ଅଫ୍ ବିଜିନେସ୍‌ର ସଂସ୍କାର ଏବଂ ଅଗ୍ରଣୀ ଡିଜିଟାଲ ପ୍ଲାଟ୍‌ଫର୍ମ ଓ ଜିଲ୍ଲାସ୍ତରୀୟ ନିବେଶ ସୁବିଧା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ମେକ୍ ଇନ୍ ଓଡ଼ିଶା-୨୦୨୫ର ଏକ ଭିଡ଼ିଓ ଉପସ୍ଥାପନ ନିର୍ଦ୍ଦେଶକ ପୁନିତ୍ ଡାଇମିଆ, ଆଇଓସିଏଲ୍‌ର ନିର୍ଦ୍ଦେଶକ ଏ.ଏସ୍ ସାଇନ୍ ଓଡ଼ିଶାରେ ଶିଳ୍ପ ବାତାବରଣ ଓ ସୁଯୋଗ ସଂପର୍କରେ ଆଲୋକପାତ କରିଥିଲେ । ସେହିଭଳି ଫିକିର ପୂର୍ବ ସଭାପତି ଓ ଇମ୍ପାର ପରିଚାଳନା ନିର୍ଦ୍ଦେଶକ ସୁବ୍ରକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ । ଉତ୍କର୍ଷ ଓଡ଼ିଶା : ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଲାଗି ଆଜିର କାର୍ଯ୍ୟକ୍ରମ ଏକ ମୁଳଦୁଆ ପକାଇଛି ଓ ଓଡ଼ିଶା ଆଗମୀ ଦିନରେ ଏକ ଶିଳ୍ପ ହବ୍ ହେବାକୁ ଯାଉଛି ।

## ଗଚ୍ଛିତ ବେଆଇନ କ୍ରୋମାଇଟ ଖଣି ବିଭାଗ ପକ୍ଷରୁ ଜବତ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଂଚାୟତର ସଠିପୁର ଠାରୁ ଚୋରା କ୍ରୋମାଇଟ ଗଚ୍ଛିତ ଥିବା ଖବର ପାଇ ଯାଜପୁରରୋଡ ଖଣି ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ସବୁଜ ପାଲ ଘେରା ମଧ୍ୟରେ ୨୦.୫ ମେଟ୍ରିକ ଟନ କ୍ରୋମାଇଟକୁ ଜବତ କରି କାର୍ଯ୍ୟାଳୟକୁ ନିଆଯାଇଥିଲା। । ଉଚ୍ଚ ମାନର ଏହି କ୍ରୋମଇଟ ଯାହାର ଆନୁମାନିକ ମୂଲ୍ୟ ୭ ଲକ୍ଷଟଙ୍କା ହେବ ବୋଲି ଅନୁମାନ କରାଯାଇଛି । ହେଲେ ଏହି ବ୍ୟବସାୟ କିଏ କରୁଥିଲା ଓ କାହିଁକି ଗଚ୍ଛିତ ରଖିଥିଲା, କେଉଁ ଆଡେ ଯାଉଥିଲା ତାର କିଛି ସୂଚନା ମିଳିନି । ବିଭାଗୀୟ ଉପନିର୍ଦ୍ଦେଶକ ଇଂ ବିଭୂତି ଭୂଷଣ ବେହେରାଙ୍କ ନିର୍ଦ୍ଦେଶରେ ଖଣି ଅଧିକାରୀ ରଂଜିତ ଦାସଙ୍କ ନେତୃତ୍ୱରେ ଏକ ଟିମ ଖଣି ଅଧିକାରୀ ଆଶିଷ କୁମାର ସାହୁ, ପୁନମ ବେହେରା ଓ କାହ୍ନଚରଣ ଦେହୁରୀ ପ୍ରମୁଖ ମାଇନିଂଗ ଏନଫୋର୍ସମେଂଟ ସ୍କାଡ ଏହି ଡିପୋରେ ଚଢାଉ କରି ଗିଂଚ୍ଛିତ ମାଲକୁ ଟ୍ରକ ଯୋଗେ ନେଇଯାଇଥିଲେ ।

### ଗୋଷ୍ଠୀ କନ୍ଦଳରୁ ଧ୍ୟାନ ହଟାଇବା ପାଇଁ

# ରାଜଭବନକୁ 'ଫୋପଡ' ପକାଉଛି ବିଜେଡି : ଦିଲୀପ ମଲ୍ଲିକ

ଭୁବନେଶ୍ୱର (ସବ୍ୟୁ): ୨୪ ବର୍ଷ କ୍ଷମତାରେ ରହିବା ପରେ ଏବେ କ୍ଷମତା ପଳାଇଥିବାରୁ ବିଜେଡି ନେତାଙ୍କର ମତିଭ୍ରମ ହୋଇଗଲାଣି। ସେମାନଙ୍କୁ ସାମାନ୍ୟ ସୌଜନ୍ୟତା ବୁଝାପଡୁନାହିଁ। ବିଜେଡିରେ ଦିନକୁ ଦିନ ଗୋଷ୍ଠୀକନ୍ଦଳ ତୀବ୍ର ହେବାରେ ଲାଗିଛି। ଭୁବନେଶ୍ୱରରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ଦେଖିବାକୁ ମିଳୁଛି। ନେତା ଓ କର୍ମୀମାନେ ଏବେ ଦଳ ଛାଡ଼ିବାରେ ଲାଗିଛନ୍ତି । ଏଥିରୁ ଧ୍ୟାନ ହଟାଇବା ପାଇଁ ବିଜେଡି ଅପ୍ରସଙ୍ଗକୁ ପ୍ରସଙ୍ଗ କରି ବିଳିବିଳି ହେଉଛି ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ଏକ ପ୍ରେସ ବିବୃତିରେ ଦର୍ଶାଇଛନ୍ତି । ନିଜ ଘରେ ରାଜନୈତିକ ଅଶାନ୍ତିର ଅସନ୍ତୋଷ ଘଟୁଥିବାବେଳେ ରାଜଭବନକୁ 'ଫୋପଡ' ପକାଇବାକୁ ବିଜେଡି ପ୍ରୟାସ କରୁଛି। ରାଜ୍ୟପାଳଙ୍କୁ ଅନ୍ୟ ରାଜ୍ୟର ଜଣେ ମୁଖ୍ୟମନ୍ତ୍ରୀ ଭେଟିବା ସୌଜନ୍ୟତା ବା ବ୍ୟକ୍ତିଗତ



ସମିଚୀନ ହୋଇପାରେ। ଏହି ସାକ୍ଷାତକୁ ନେଇ ବିଜୁ ଜନତା ଦଳର ଦୁଇ ଜଣ ସାଂସଦ ପ୍ରଶ୍ନ ଉଠାଇବାକୁ ଅସୌଜନ୍ୟତା କୁହାଯିବ। ଅତୀତରେ ନବୀନବାବୁଙ୍କୁ ଗୃହବନ୍ଦୀ କରି ଅଣଓଡିଆ ଅଫିସରମାନେ ରାଜ୍ୟରେ ଶାସନ ଚଳାଉଥିଲେ। ସେତେବେଳେ ଏହି କୁହାଳିଆ ସାଂସଦମାନେ ଜଣେ ନିର୍ଦ୍ଦିଷ୍ଟ ଅଣଓଡିଆ ଅଫିସରଙ୍କର 'ପାଦଲେହନ' କରୁଥିଲେ। ଏବେ କ୍ଷମତାରୁ ଚାଲିଯିବା ପରେ ସେମାନେ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି । ଉକ୍ତ ନେତାମାନେ ସୌଜନ୍ୟତା ଏବଂ ସାମାଜିକ ଜୀବନକୁ ବୁଝନ୍ତି ନାହିଁ। ଯେଉଁଥିପାଇଁ ରାଜ୍ୟପାଳଙ୍କ ସହ ଜଣେ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ଏବଂ ଆଲୋଚନାକୁ ନେଇ ଏଭଳି ଅବାନ୍ତର ଓ ଅଯୁକ୍ତିକ ପ୍ରଶ୍ନ କରିଛନ୍ତି ବୋଲି ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି ।

## ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ପକ୍ଷରୁ ସ୍ୱଚ୍ଛତା ସଚେତନତା ରାଲି

ଜଟଣୀ(ସବ୍ୟୁ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଖୋର୍ଦ୍ଧାରୋଡ ରେଳ ଡ଼ିଭିଜନ ପକ୍ଷରୁ ନାନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମଣ୍ଡଳ ପ୍ରବନ୍ଧକ ଏଚଏସ ବାଜୱା, ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଗୁର ସିମରନ୍ କୌର ଅନ୍ୟ ଅଧିକାରୀ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଷ୍ଟେସନ ପରିସର, କ୍ୟାମ୍ପିନ୍, ଖାଦ୍ୟଷ୍ଟଲ,କାର୍ଯ୍ୟାଳୟ, ରେଲୱେ କଲୋନୀରେ ବ୍ୟାପକ ସଫେଇ ଅଭିଯାନ ଆୟୋଜିତ ହୋଇଥିଲା। ସ୍ୱଚ୍ଛତା ଉପରେ ସଚେତନତା ରାଲି ରେଲୱେ ଅଞ୍ଚଳ ପରିକ୍ରମା କରିଥିଲା। ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ବନ୍ଦ କରିବା ପାଇଁ ଯାତ୍ରୀଙ୍କୁ ସୁତାରେ ତିଆରି ବ୍ୟାଗ ପ୍ରଦାନ କରାଯାଇଥିଲା। ସ୍ୱଚ୍ଛତା ଉପରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ହାଉସ କିପିଙ୍ଗ୍ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ମେକାନିକାଲ୍ ଇଞ୍ଜିନିୟର ଲିଙ୍ଗରାଜ ତ୍ରିପାଠୀ, ଡିଏମ୍‌ଇ ସ୍ୱାଧିନତା ଦାସ ଏହାକୁ ପରିଚାଳନା କରିଥିଲେ।








## ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍‌ଅପ୍ କରନ୍ତୁ ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR: 04066/13/0011/2425 DSPL-130

# କୃଷି ଯନ୍ତ୍ରପାତି ନିର୍ମାତାଙ୍କ ସମାବେଶ

## କୃଷି ଯନ୍ତ୍ରପାତି ନିର୍ମାଣ କରିବାକୁ ନିର୍ମାତାମାନଙ୍କୁ ପରାମର୍ଶ ଦେଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): କୃଷି ଭବନସ୍ଥିତ ଅଡିଟୋରିୟମରେ କୃଷି ଯନ୍ତ୍ରପାତି ନିର୍ମାତାଙ୍କ ସମାବେଶ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ନିର୍ମାତାମାନେ ଯୋଗଦେଇଥିଲେ । ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ କୃଷି ଯନ୍ତ୍ରପାତି ମେଳା ଆଞ୍ଚଳିକ ସ୍ତରରେ ବ୍ରହ୍ମପୁର, ବଲାଙ୍ଗିର, କୋରାପୁଟର ଜୟପୁର ଓ କେଉଁଝରରେ ଅନୁଷ୍ଠିତ ହେବ । ସେହିଭଳି ଜିଲ୍ଲାସ୍ତରରେ ଓ ଉପଖଣ୍ଡ ସ୍ତରରେ ମଧ୍ୟ କ୍ରମ ଅନୁଯାୟୀ ଏହି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବାକୁ ଯାଉଛି । ଓଡ଼ିଶାରେ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ଅପେକ୍ଷାକୃତ ଅଧିକ । ତେଣୁ ସେମାନଙ୍କ ହିତକୁ ଦୃଷ୍ଟିରେ ରଖି ନିର୍ମାତାମାନେ ଆବଶ୍ୟକୀୟ କୃଷି ଯନ୍ତ୍ରପାତି ନିର୍ମାଣ କରିବା ଦରକାର ଏବଂ ସେହି କମ୍ପାନୀଗୁଡ଼ିକ ନିଜର ବିକ୍ରୟ ତଥା ମରାମତି କେନ୍ଦ୍ର ନିକଟରେ ଖୋଲିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି । ଯାହାଦ୍ୱାରା ଚାଷୀ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତୁରନ୍ତ ମରାମତି ସୁବିଧା ପାଇପାରିବେ ବୋଲି ସମାବେଶରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, ନିର୍ମାତାମାନେ ଉତ୍କୃଷ୍ଟ ମାନର ଯନ୍ତ୍ରପାତି ଗ୍ରାହକଙ୍କୁ ଯୋଗାଇ ଦିଅନ୍ତୁ । ଅବଶ୍ୟକସ୍ଥଳେ ଏକାଧିକ ଚାଷୀଙ୍କୁ ଭଡା ସୂତ୍ରରେ ଏହି ଯନ୍ତ୍ରପାତି ଯୋଗାଇ ଦେଇପାରିବେ । ଏହି ସବୁ ଯନ୍ତ୍ରପାତିର ନିର୍ମାଣ ଓଡ଼ିଶାରେ କରାଗଲେ ଉଭୟ ଓଡ଼ିଶାବାସୀ ଓ ଚାଷୀ ଉପକୃତ ହେବେ । ଏଥିନିମନ୍ତେ ସରକାର ଆବଶ୍ୟକ ପ୍ରୋତ୍ସାହନ ମଧ୍ୟ ଯୋଗାଇ ଦେଉଛନ୍ତି ।



କୃଷି କ୍ଷେତ୍ରରେ ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କୃଷକ ସଶକ୍ତ ହେବେ ଓ ସେମାନଙ୍କ ଉତ୍ପାଦନରେ ମଧ୍ୟ ବୃଦ୍ଧି ହେବ । ପୂର୍ବବର୍ଷ କୃଷି ଯନ୍ତ୍ରପାତି ବିକ୍ରୟରେ ୬୨୫ କୋଟି ଟଙ୍କାର ସବସିଡି ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଛି ବୋଲି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ପ୍ରକାଶ କରିଥିଲେ । କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ ବୈଠକ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । ସମାବେଶରେ କୃଷି ବିଭାଗର ବହୁ ବରିଷ୍ଠ ଅଧିକାରୀ ସମେତ ଇଂଜିନିୟର ଓ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କୃଷି ଯନ୍ତ୍ରପାତି ନିର୍ମାତାମାନେ ଉପସ୍ଥିତ ଥିଲେ ।

### ଆଇଆଇଟି ପରିସରରେ ଗାନ୍ଧୀ ଜୟନ୍ତୀ

ଜଟଣୀ,(ସ.ବ୍ୟୁ): ଜଟଣୀସ୍ଥିତ ଆଇଆଇଟି ପରିସରରେ ଗାନ୍ଧୀ ଜୟନ୍ତୀ ପାଳନ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ଅବସରରେ ଆରମ୍ଭ ହୋଇଥିବା ସ୍ୱଚ୍ଛତା ହିଁ ସେବା ଅଭିଯାନରେ କ୍ୟାମ୍ପସ ପରିସର ଓ ବାହାରେ ସଫେଇ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୫ଜଣ ହାଉସକିପିଙ୍ଗ ଓ ଉଦ୍ୟାନ ବିଭାଗ କର୍ମଚାରୀଙ୍କୁ ସଫାଇ ମିତ୍ର ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ଆଇଆଇଟି ପକ୍ଷରୁ ଶ୍ରମଦାନ, ସ୍ୱଚ୍ଛତାରେ ଜନ ଭାଗିଦାରୀ, ସଫେଇ ମିତ୍ର ସୁରକ୍ଷା ଶିବିର ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଗତ ୧ତାରିଖରେ ସମୂହ ସ୍ୱଚ୍ଛତା ଅଭିଯାନ ଆୟୋଜିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର, ପ୍ରଫେସର ରାଜେଶ ରୋଶନ ଦାସ, ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ, ଫାକଲଟି, କର୍ମଚାରୀ, ସୁରକ୍ଷା କର୍ମୀ ଅଂଶଗ୍ରହଣ କରିଥିଲେ।

# କଟକରେ ମାଲାବାରର ରି ଲଞ୍ଚିଂ

କଟକ,(ସବ୍ୟୁ): ଫେୟାର ପ୍ରାଇସରେ ବିଶ୍ୱାସ ରଖିଥିବା ନାମୀଦାମୀ ବ୍ରାଣ୍ଡେଡ୍ ଗହଣା ବିକ୍ରେତା ମାଲାବାର ତା'ର କଳେବରକୁ ବୃଦ୍ଧି କରିଛି । ଆଜି ରିଲଞ୍ଚ କାର୍ଯ୍ୟକ୍ରମ ଅବସରରେ ମାଲାବାରର ନୂତନ ମହଲା ଉଦ୍ଘାଟିତ ହୋଇଛି । ୬ ହଜାର ୫ଶହ ବର୍ଗଫୁଟ ପରିମିତ କୋଠାର ପ୍ରଥମ ମହଲାରେ ପୂର୍ବରୁ ବ୍ୟବସାୟ ଜାରି ରହିଥିଲା । ଏବେ ଲୋକଙ୍କ ଚାହିଦା ଅନୁସାରେ ଦ୍ୱିତୀୟ ମହଲା ଖୋଲିଛି । ଯେଉଁଠାରେ କି ସୁନା, ରୁପା ଓ ହୀରା ସାମଗ୍ରୀର ମନଛୁଆଁ ଅଳଙ୍କାର ମିଳିବ । ଆଜି ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଏହାକୁ ଉଦ୍ଘାଟନ କରିଥିଲେ । କ୍ୟାଣ୍ଟନମେଣ୍ଟ ରୋଡରେ ରହିଛି ମାଲାବାର ଏକ୍ସକ୍ଲୁସିଭ୍ ସୋ ରୁମ । ଓଡିଶା ବ୍ୟତୀତ ଅନ୍ୟ ରାଜ୍ୟର ଗହଣା ଉପରେ ରୁଚି ରଖୁଥିବା ଗ୍ରାହକ ମାନେ ନିଜ ମନପସନ୍ଦର ସୁନାଠୁ ଆରମ୍ଭ କରି ହୀରା ଗହଣା ପର୍ଯ୍ୟନ୍ତ ଅତ୍ୟାଧୁନିକ ଡିଜାଇନର ଗହଣା ସାମଗ୍ରୀ ରିହାତିରେ କିଣିପାରିବେ । ଜିରୋ ମେକିଂ ପ୍ଲାନରେ ଦୁଇଟି ସ୍କିମ କରାଯାଇଛି । ବ୍ଲୁମ ସ୍କିମ ଅନୁଯାୟୀ, ଜଣେ ଗ୍ରାହକ ୧୧ ମାସ ପର୍ଯ୍ୟନ୍ତ କିସ୍ତି ଆକାରରେ ଟଙ୍କା ପୈଠ କରିବା ପରେ ରିହାତି ମୂଲ୍ୟରେ ୧୮ ପ୍ରତିଶତ ପର୍ଯ୍ୟନ୍ତ ମେକିଂ ଚାର୍ଜ ଛାଡ ପାଇବ । ମାଲାବାରର ଆଉ ଏକ ସ୍କିମ ହେଉଛି ଗ୍ଲୋ ସ୍କିମ୍ । ଏଥିରେ ଗ୍ରାହକ ନିଜର ମନ ପସନ୍ଦର ଗହଣାକୁ ଅଗ୍ରୀମ ବୁକିଂ କରି ପାରିବେ । ସୁନା ଦର ପରିବର୍ତ୍ତନ ହେଲେ ସୁଦ୍ଧା ବୁକିଂ ତାରିଖ ଅନୁସାରେ ସୁନା ଦରରେ ସେ ଗହଣା ନେଇ ପାରିବେ । ଏଥିରେ ମଧ୍ୟ ୪ ପ୍ରତିଶତ ମେକିଂ ଚାର୍ଜ ଛାଡ ମିଳିବ ବୋଲି ଉଦ୍ଘାଟନ ଅବସରରେ ପୂର୍ବାଞ୍ଚଳ ବ୍ୟବସାୟିକ ମୁଖ୍ୟ ତହସିଲ ଅହମ୍ମଦ କହିଛନ୍ତି । ନବନିର୍ମିତ ଦ୍ୱିତୀୟ ମହଲାରେ ଗ୍ରାହକଙ୍କ ପାଇଁ କିଛି ସାମଗ୍ରୀ ରହିଛି ଯାହାକି ଉତ୍ସାହଜନକ । ମାତ୍ର ୧ ଗ୍ରାମ ସୁନାରେ ଏଠାରେ ଚେନ୍ ବିକ୍ରି ହେଉଛି ଛ କ୍ଲୁଲ୍ କଲେକ୍ସନରେ ୧୮ କ୍ୟାରେଟ୍ ସୁନା ସାମଗ୍ରୀ ମିଳୁଛି । ଏତଦବ୍ୟତୀତ ମାଇନ୍-ଡାଇମଣ୍ଡ, ଏରା-ଅନକଟ ଡାଇମଣ୍ଡ, ଏଥନିକ୍ସ-ହ୍ୟାଣ୍ଡକ୍ରାଫ୍ଟ, ଡିଭାଇନ୍-ଇଣ୍ଡିଆନ ହେରିଟେଜ୍, ହାଇ-କାଜୁଆଲ ଓ ଷ୍ଟାରଲେଟ୍-କିଡ୍ସ ଗହଣା ମାନ କଟକ କ୍ୟାଣ୍ଟନମେଣ୍ଟ ରୋଡ୍ ମାତାମଠ



ମାଲାବାର ସୋ ରୁମରେ ଉପଲବ୍ଧ । ସାଧାରଣ ଓ ମଧ୍ୟବିତ୍ତ ପରିବାର ଲୋକଟିଏ ସୁନା ନୁହେଁ ହୀରା ଗହଣା ମଧ୍ୟ କିଣିବା ପାଇଁ ସକ୍ଷମ ହୋଇଥାଏ ବୋଲି କଟକ ମାଲାବାର ସୋ ରୁମର ଷ୍ଟୋର ମ୍ୟାନେଜର ମଦନମୋହନ ସାହୁ କହିଛନ୍ତି । ଉଦ୍ଘାଟନୀ ଅବସରରେ ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର ରଥ, ଷ୍ଟୋର ମୁଖ୍ୟ ଅସନମ ଅରଙ୍କର ଉପସ୍ଥିତ ଥିଲେ ।

## ପାର୍ବଣ ଋତୁ ପାଇଁ ୱଣ୍ଡରଲ୍ଲା ଭୁବନେଶ୍ୱର ପକ୍ଷରୁ ଉତ୍ସାହଜନକ ଅଫର୍

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆମ୍ୟୁଜମେଂଟ୍ ପାର୍କ ଚେନ୍ ୱଣ୍ଡରଲ୍ଲା ହଲିଡେଜ୍ ୩୧ ତାରିଖ ଯାଏଁ ବୈଧ ଥିବା ପୂଜା ଉପହାର ଅଫର୍‌ର ଶୁଭାରମ୍ଭ କରିଛି । ଏହି ଅଫର୍ ପାର୍ବଣ ଋତୁ ସମୟରେ ୱଣ୍ଡରଲ୍ଲା ଭୁବନେଶ୍ୱରରେ ପାର୍କ ଟିକେଟ ଉପରେ ସ୍ୱତନ୍ତ୍ର ରିହାତି ପ୍ରଦାନ କରୁଛି। ସୀମିତ ସମୟ ଅଫର ପାଇଁ ଏହି ଟିକେଟଗୁଡିକ ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିବ। କେବଳ ୬୭୯ ଟଙ୍କାରେ ସମସ୍ତ ୨୧ରୁ ଅଧିକ ଲ୍ୟାଣ୍ଡ ଏବଂ ୱାଟର ରାଇଡ୍ ପାଇଁ ସୀମାହୀନ ସୁବିଧା ସହ ପାର୍କ ଟିକେଟ୍ ଏବଂ ଏହି ସୀମିତ ଅବଧି ଅଫର୍ ଅନ୍‌ଲାଇନ ବୁକିଙ୍ଗ୍ ପାଇଁ ଉପଲବ୍ଧ ହେଉଛି । ଏହି ଉତ୍ସବକୁ ବଜାୟ ରଖିବା ପାଇଁ ଓଡ଼ିଶାର ଏକମାତ୍ର ଆମ୍ୟୁଜମେଂଟ ପାର୍କ ୱଣ୍ଡରଲା ଭୁବନେଶ୍ୱର, ପର୍ଯ୍ୟଟକଙ୍କୁ ଏକ ଉତ୍ସବ ସ୍ୱତନ୍ତ୍ର ଥାଳି, ଉତ୍ସାହଭରା ଢୋଲ ପରିବେଷଣ, ଡାଣ୍ଡିଆ ନାଇଟ୍ସ, ଦମଦାର ଡ୍ୟାନ୍ସ ସୋ ଏବଂ ଏକ ରୋମାଂଚକର ଡିଜେରେ ସାମିଲ ହେବାକୁ ଆମନ୍ତ୍ରିତ କରିଛି । ଏହାଛଡା ଏହି ପାର୍କ ପାର୍ବଣ ଋତୁ ସମୟରେ ଅତିରିକ୍ତ ଏକ ଘଂଟା ପାଇଁ ଅର୍ଥାତ୍ ସନ୍ଧ୍ୟା ୭.୩୦ ମିନିଟ୍ ପର୍ଯ୍ୟନ୍ତ ଖୋଲା ରହିବ, ଯାହା ପରିଦର୍ଶକଙ୍କୁ ପାର୍ବଣ ଉତ୍ସବରେ ବୁଡ଼ି ରହିବା ଏବଂ ଉତ୍ସାହଜନକ ରାଇଡ୍ ଓ ଅନ୍ୟାନ୍ୟ କାର୍ଯ୍ୟକଳାପଗୁଡିକୁ ଉପଭୋଗ କରିବା ପାଇଁ ଅଧିକ ସମୟ ଦେବ।

## ଉଚ୍ଛେଦ କରାଯିବା ପୂର୍ବରୁ ଜାରି ନୋଟିସ ସଂକ୍ରାନ୍ତରେ ପ୍ରଶିକ୍ଷଣ ନିଅନ୍ତୁ ଆରଆଇ , ତହସିଲଦାର: ହାଇକୋର୍ଟ

କଟକ,(ସବ୍ୟୁ): କାହାରିକୁ ଉଚ୍ଛେଦ କରାଯିବା ପୂର୍ବରୁ ଏହାର ଯେଉଁ ନୋଟିସ୍ ପ୍ରକ୍ରିୟା ରହୁଛି ସେ ସଂକ୍ରାନ୍ତରେ ତହସିଲଦାର ଏବଂ ଆରଆଇମାନେ ଜାଣୁ ନାହାନ୍ତି । ଫଳରେ ଜଣେ ସାଧାରଣ ନାଗରିକ ଏହି ସରକାରୀ ଅଡୁଆ ଭିତରେ ଛନ୍ଦି ହୋଇଯାଉଛି । ତେଣୁ ଉଚ୍ଛେଦ ପୂର୍ବରୁ କାହାରିକୁ କିପରି ନୋଟିସ୍ କରାଯିବ ସେ ସଂକ୍ରାନ୍ତରେ ତହସିଲ୍‌ଦାର ଏବଂ ଆରଆଇମାନେ ନିହାତି ତାଲିମ୍ ନେବା ଆବଶ୍ୟକ ବୋଲି ହାଇକୋର୍ଟ ମତଦେବା ସହ ରାଜସ୍ୱ ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ଆଜି ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଦେଶ କପି ପାଇବାର ମାସକ ମଧ୍ୟରେ ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ତହସିଲ୍‌ଦାର ଏବଂ ଆରଆଇମାନଙ୍କୁ ତାଲିମ୍ ଦେବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଯାହାଦ୍ୱାରା ତହସିଲ୍‌ଦାର ଏବଂ ଆରଆଇମାନେ ଠିକ୍ ଭାବେ ଉଚ୍ଛେଦକରାରୀଙ୍କୁ ନୋଟିସ୍ କରିପାରିବେ ବୋଲି ହାଇକୋର୍ଟ ଆଶାବ୍ୟକ୍ତ କରିଛନ୍ତି । ପଚ୍ଚାମୁଣ୍ଡାଇର ଏକ ଉଚ୍ଛେଦ ସଂକ୍ରାନ୍ତ ମାମଲାର ଶୁଣାଣି ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ପଚ୍ଚାମୁଣ୍ଡାଇର ମଣିନାଥ ସ୍ୱାଇଁଙ୍କୁ ଜବରଦଖଲ କରିଥିବା ଅଭିଯୋଗରେ ତାଙ୍କୁ ସ୍ଥାନୀୟ ତହସିଲ୍ଦାର ଉଚ୍ଛେଦ ପାଇଁ ନୋଟିସ୍ ଜାରି କରିଥିଲେ । ଏହି ନୋଟିସ୍‌କୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟଙ୍କ ନୋଟିସ କ୍ରମେ ପଚ୍ଚାମୁଣ୍ଡାଇ ତହସିଲ୍‌ଦାର ଜବାବ ରଖି ଦର୍ଶାଇଥିଲେ ଯେ, ଆବେଦନକାରୀ ନୋଟିସ୍‌ର ଜବାବ ରଖୁବା ପରିବର୍ତ୍ତେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଯାହାକି ଗ୍ରହଣୀୟ ନୁହେଁ । ହାଇକୋର୍ଟ ଏହି ଉଚ୍ଛେଦ ନୋଟିସ୍ ଉପରେ ରହିତାଦେଶ ଜାରି କରିବା ସହ ଆଜି ତହସିଲ୍‌ଦାରଙ୍କୁ ଭର୍ଚୁଆଲ୍‌ରେ ଅଦାଲତରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜି ତହସଲ୍‌ଦାର ଉପସ୍ଥିତର ରହି ନୋଟିସ୍‌ର କାରଣ ସଂକ୍ରାନ୍ତରେ କହିଥିଲେ । କିନ୍ତୁ ଏହି ଜବାବ ଏବଂ ଉଚ୍ଛେଦ ପାଇଁ ସରକାରୀ ପ୍ରକ୍ରିୟାର ଜଟିଳତାକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଫଳରେ ହାଇକୋର୍ଟ ତହସିଲ୍ଦାର ଏବଂ ଆରଆଇମାନଙ୍କୁ ରାଜସ୍ୱ ବିଭାଗ ଉଚ୍ଛେଦ ପୂର୍ବରୁ କିପରି ନୋଟିସ୍ କରାଯିବା ଉଚିତ୍ ସେହି ମର୍ମରେ ଏକ ତାଲିମ୍ର ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଝାଡଖଣ୍ଡ ନିର୍ବାଚନ ପାଇଁ ଓଡିଶା ରାଜଭବନ ବିଜେପିର ୱାର ରୁମ ପାଲଟିଛି: ବିଜେଡି

ଭୁବନେଶ୍ୱର (ସବ୍ୟୁ): ଗତ କିଛି ଦିନ ଭିତରେ, ଓଡ଼ିଶାର ରାଜଭନ ଭିତରେ ଦେଖିବାକୁ ମିଳିଥିବା କିଛି ରାଜନୈତିକ ଗତିବିଧିକୁ ନେଇ ଆଜି ବିଜୁ ଜନତା ଦଳ ପକ୍ଷରୁ ଏହା ଉପରେ ପ୍ରଶ୍ନ ଉଠାଇବା ସଙ୍ଗେ ସଙ୍ଗେ, ଝାଡଖଣ୍ଡ ନିର୍ବାଚନ ପାଇଁ ଓଡିଶା ରାଜ ଭନ ଏକ ୱାର ରୁମ ବା ରାଜନୈତିକ ପେଣ୍ଠସ୍ଥଳୀ ପାଲଟିଛି ବୋଲି ଅଭିଯୋଗ କରାଯାଇଛି । ଏହି ରାଜନୈତିକ କାର୍ଯ୍ୟକ୍ରମ ଯୋଗୁ ଓଡ଼ିଶା ରାଜଭବନ ଗାରିମା କ୍ଷୁର୍ଣ୍ଣ ହେଉଛି ବୋଲି କୁହାଯାଇଛି । ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ବିଜେଡି ମୁଖପାତ୍ର ଶ୍ରୀମତୀ ସୁଲତା ଦେଓ ଓ ସସ୍ମିତ ପାତ୍ର କହିଥିଲେ, ରାଜଭବନ ହେଉଛି ଏକ ଗାରିମାମୟ ସ୍ଥାନ ଓ ରାଜନୀତିରୁ ଉର୍ଦ୍ଧ୍ୱରେ, କିନ୍ତୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁଙ୍କ ରାଜଭବନକୁ ଆଗମନ ନିଶ୍ଚିତ ଭାବେ ପ୍ରଶ୍ନ ସୃଷ୍ଟି କରିଛି । ଶ୍ରୀମତୀ ଦେଓ କହିଥିଲେ, ହିମନ୍ତ ବିଶ୍ୱଶର୍ମା ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ଦେଇ କହିଥିଲେ, ସେ ବ୍ୟକ୍ତିଗତ କାରଣରୁ ଓଡ଼ିଶାର ରାଜ୍ୟପାଳଙ୍କୁ ଭେଟିବାକୁ ଆସିଛନ୍ତି । କିନ୍ତୁ, ତାପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯେତେବେଳେ ଝାଡଖଣ୍ଡ ଯାଇ ସେଠାରେ ଏକ ନିର୍ବାଚନୀ ସଭାରେ ଭାଷଣ ଦେଇଥିଲେ, ସେତେବେଳେ ବିଶ୍ୱଶର୍ମା ଓ ଭେଙ୍କିଆ ନାଇଡୁଙ୍କ ଗସ୍ତ ରାଜନୈତିକ କାରଣରୁ ଥିଲା ବୋଲି ସ୍ପଷ୍ଟ ହୋଇଥିଲା । ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଝାଡଖଣ୍ଡ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ସେ ନିର୍ବାଚନ ଲଢିବେ କି ନାହିଁ, ସେଥିରେ ବିଜେଡିର କିଛି ଯାଏ ଆସେ ନାହିଁ, କିନ୍ତୁ ଓଡ଼ିଶାର ରାଜଭବନକୁ ରାଜନୀତିର ଆଖଡ଼ାସ୍ଥଳୀରେ ପରିଣତ ନକରାଯାଉ ଓ ଏହାର ଗାରିମା ନଷ୍ଟ ନହେଉ ବୋଲି ଶ୍ରୀମତୀ ଦେଓ କହିଥିଲେ ।

# ବରିଷ୍ଠ ନାଗରିକ ମଞ୍ଚର ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ



କଟକ, (ସ୍ୱପ୍ର): ବରିଷ୍ଠ ନାଗରିକ ମଞ୍ଚ, ମହାନଦୀ ବିହାର ଦ୍ୱାରା ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏଥିରେ ମଞ୍ଚର ସଭାପତି ରବୀନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇଥିଲା । ଜଗନ୍ନାଥ ମନ୍ଦିର ପରିସରରୁ ଶତାଧିକ ବରିଷ୍ଠ ନାଗରିକ ଓ ସାଙ୍ଗରେ ଯୁବ ବର୍ଗଙ୍କୁ ନେଇ ରାମଧୁନ ସଂଗୀତ ଗାନ ସହିତ ଏକ ବିଶାଳ ରାଲି ମହାନଦୀ ବିହାର ପରିକ୍ରମା କରିଥିଲା । ଏଥିରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, କର୍ପୋରେଟର ସୁବ୍ରତ ଘଡାଇ, ଏମ.ଡି.ଏ. ଉପଦେଷ୍ଟା ରବୀନ୍ଦ୍ର ନାଥ ଶତପଥି, ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସମାଜସେବୀ ସଞ୍ଜୟ ଜେନା, ମଞ୍ଚର ବରିଷ୍ଠ ଉପଦେଷ୍ଟା ଇଂ ଗୋପାଳ କୃଷ୍ଣ ବେହେରା, ଯଦୁନାଥ ମହାପାତ୍ର ଓ ସଞ୍ଜୟ କୁମାର ସାହାଣୀ, ମହାନଦୀବିହାରର କିଛି ମୁରବୀ ପ୍ରମୋଦ ଚନ୍ଦ୍ର ମିଶ୍ର, ପ୍ରମୋଦ ଚନ୍ଦ୍ର ଦାଶ, ଶିବ ପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଆଇଡିଏଫସି ବ୍ୟାଙ୍କ ଓ ଇକୋ ବ୍ୟାଙ୍କର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ । ମଞ୍ଚର ଉପ ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ମହାନ୍ତି, ସମ୍ପାଦକ ଭାଗିରଥି ସାମଲ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦାସଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପାଦନା କରାଯାଇଥିଲା । ଏହି ସଭା ଓ ରାଲିକୁ ଚାଉଳିଆଗଞ୍ଜ ପୋଲିସ ଥାନା, ମହାନଦୀବିହାର ପୋଲିସ ଫାଣ୍ଡି ତରଫରୁ ସୁରକ୍ଷା ପ୍ରଦାନ କରାଯାଇଥିଲା ।

## ଝାମ୍ପିନେଲେ ସାଢେ ୩ ଲକ୍ଷ

ଭୁବନେଶ୍ୱର, (ସବ୍ୟୁ) : ବ୍ୟାଙ୍କରୁ ଟଙ୍କା ଉଠାଇ ରାସ୍ତାରେ ଯାଉଥିବା ବେଳେ ବାଇକ୍‌ରେ ଆସି ଦୁଇଜଣ ଲୁଟେରା ଭାଇ-ଭଉଣୀଙ୍କ ଠାରୁ ସାଢେ ୩ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି ।

ଚନ୍ଦ୍ରଶେଖରପୁର ଫେଜ୍-୧ରେ ଥିବା ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ଭାଇ-ଭଉଣୀ ତାଙ୍କ ଘର ତିଆରି ପାଇଁ ସାଢେ ୩ଲକ୍ଷ ଟଙ୍କା ଉଠାଇଥିଲେ । ଟଙ୍କା ଉଠାଇବା ପରେ ବ୍ୟାଗରେ ଧରି ଘରକୁ ଯାଉଥିବା ବେଳେ ଦୁଇଜଣ ଲୁଟେରା ବାଇକ୍‌ରେ ଆସି ଟଙ୍କା ବ୍ୟାଗ ଝାମ୍ପିନେଇ ଦ୍ରୁତ ଗତିରେ ଖସିଗଲେ । ଭାଇ-ଭଉଣୀ ଚିଲାଇଥିଲେ ମଧ୍ୟ କୌଣସି ଲାଭ ହୋଇନଥିଲା । ଦୁହେଁ ଉପାୟଶୂନ୍ୟ ହୋଇ ଚନ୍ଦ୍ରଶେଖରପୁର ଥାନାକୁ ଯାଇ ଲୁଟ୍ ସମ୍ପର୍କରେ ଅଭିଯୋଗ କରିଥିଲେ ।

ଅଭିଯୋଗ ଆଧାରରେ ପୋଲିସ ଘଟଣାସ୍ଥଳକୁ ଆସି ଟଙ୍କା ଉଠାଇବା ସମ୍ପର୍କରେ ବ୍ୟାଙ୍କରୁ ବୁଝିବା ପରେ ରାସ୍ତାରେ ଥିବା ସିସି କ୍ୟାମେରା ଫୁଟେଜକୁ କାଢି ଛାନ୍‌ଭିନ୍ କରୁଛି । ପୋଲିସ କହିବାନୁଯାୟୀ କ୍ୟାମେରା ଫୁଟେଜରୁ ଦୁଇ ଅଭିଯୁକ୍ତ ଚିହ୍ନଟ ହୋଇସାରିଲେଣି, ଖୁବ୍‌ଶୀଘ୍ର ଗିରଫ ହେବେ ।

## ଜନଜାତି ସ୍ୱାସ୍ଥ୍ୟ ବିକାଶ ଓ ଯୁବ ସଶକ୍ତିକରଣ ନେଇ କିଟ୍, କିସ୍ ଓ ଜାପାଇଗୋ ମଧ୍ୟରେ ବୁଝାମଣା

ଭୁବନେଶ୍ୱର (ସବ୍ୟୁ): ଜନଜାତି ସ୍ୱାସ୍ଥ୍ୟ ବିକାଶ ଓ ଯୁବ ସଶକ୍ତିକରଣ ନେଇ କିଟ୍, କିସ୍ ଓ ଜାପାଇଗୋ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଟ୍ରାଇବାଲ୍ ହେଲ୍ଥ ରିସର୍ଚ୍ଚ ଇନୋଭେସନ୍ ଆଣ୍ଡ ଭୋକେସନାଲ୍ ଏମପାୱାରମେଣ୍ଟ (ଥ୍ରାଇଭ୍) ଶୀର୍ଷକ ବୁଝାମଣା ପତ୍ରରେ କିଟ୍ ବିଶ୍ୱବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଓ ଜାପାଇଗୋ ପକ୍ଷରୁ ଡ. ସୋମେଶ କୁମାର ସ୍ୱାକ୍ଷର କରିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣା ଦ୍ୱାରା ଜନଜାତି ଗବେଷଣା, ସଂସ୍କୃତି ସଂରକ୍ଷଣ ଓ ଯୁବ ସଶକ୍ତିକରଣ ଦିଗରେ କାର୍ଯ୍ୟ କରିବା ସହ ଜନଜାତି ବର୍ଗର ଲୋକଙ୍କ ମଧ୍ୟରେ ଜଟିଳ ରୋଗ ଓ ସାମାଜିକ ସମସ୍ୟା ଦୂର କରିବା ଲକ୍ଷ୍ୟ ରହିଛି । ଏହି ଅବସରରେ କିସ୍ ପରିସରରେ ଟ୍ରାଇବାଲ୍ ହେଲ୍ଥ ଆଣ୍ଡ ରିସର୍ଚ୍ଚ (ସିଟିଏଚ୍‌ଆର୍) ଓ ସେଣ୍ଟର ଫର ୟୁଥ୍ ଇନୋଭେସନ୍ ଆଣ୍ଡ ଇନକ୍ଲୁସିଭ୍‌ନେସ୍ (ସିୱାଇଆଇଆଇ) ଭଳି ଦୁଇଟି ଗବେଷଣା କେନ୍ଦ୍ର ଉନ୍ମୋଚିତ ହୋଇଥିଲା । ଏହି ଦୁଇ କେନ୍ଦ୍ର ଜରିଆରେ ଜନଜାତି ଓ ଯୁବ ବିକାଶ କାର୍ଯ୍ୟ ଉପରେ ଗବେଷଣା କରାଯିବ ।



ବୁଝାମଣା ସମ୍ପର୍କରେ ଏକ ଭିଡ଼ିଓ ବାର୍ତ୍ତାରେ ସୂଚନା ଦେଇ ଜାପାଇଗୋ ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଲେସ୍ଲି ମାନ୍ଧୁସୋ କହିଲେ, ଏହି ବୁଝାମଣା ଫଳରେ ଉଭୟ କିଟ୍ ଓ କିସ୍ ସହ ଜାପାଇଗୋ ଜନଜାତି ସ୍ୱାସ୍ଥ୍ୟର ବିକାଶ, ଶୈକ୍ଷିକ ଭାଗୀଦାରି ଓ ଦକ୍ଷତା ବୃଦ୍ଧି ଆଦି ଦିଗରେ ମିଳିତ ଭାବେ କାର୍ଯ୍ୟ କରିବେ । ଏହି ବୁଝାମଣା ଏକ ବୈଶ୍ୱିକ ଉଦାହରଣ ହେବ ଓ ଏହା ପରିବର୍ତ୍ତନର ଏକ ମଡେଲ୍ ହୋଇପାରିବ ବୋଲି ଲେସ୍ଲି କହିଥିଲେ । ଜାପାଇଗୋ ଗ୍ଲୋବାଲ୍ ପ୍ରୋଗ୍ରାମର ବରିଷ୍ଠ ଉପସଭାପତି ତଥା ଦେବୋରା ବୋସମେୟର କହିଲେ, ଏହି ବୁଝାମଣା ଦ୍ୱାରା ଯୁବଗୋଷ୍ଠୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଚାରଗତ କ୍ଷେତ୍ରରେ ଭବିଷ୍ୟତରେ ଆସିବାକୁଥିବା ଥିବା ସମସ୍ୟା ଓ ସମାଧାନ ଏହି କେନ୍ଦ୍ର ଦ୍ୱାରା କରାଯାଇପାରିବେ । ଡ. ସୋମେଶ କୁମାର କହିଲେ, ଏହି ଦୁଇଟି କେନ୍ଦ୍ର ଖୋଲାଯିବା ଦ୍ୱାରା ଜନଜାତି ସମାଜର ବ୍ୟାପକ ବିକାଶ ହୋଇପାରିବ ।

# ନାଲକୋ ପକ୍ଷରୁ ସ୍ୱଚ୍ଛାତା ହିଁ ସେବା ପକ୍ଷ ୨୦୨୪

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଖଣିମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ପକ୍ଷରୁ ସାର ।ଭାରତରେ ଚାଲିଥିବା ସ୍ୱଚ୍ଛତା ହିଁ ସେବା ପକ୍ଷ ୨୦୨୪ ପାଳିତ ହୋଇଯାଇଛି ଖଣିମନ୍ତ୍ରଣାଳୟ ଏବଂ ଆବାସ ଓ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ସ୍ୱେଚ୍ଛାକୃତ' ଶ୍ରମଦାନ' କାର୍ଯ୍ୟକଳାପ ଏବଂ ସ୍ୱଚ୍ଛତା ପାଇଁ ସାମୂହିକ ଦାୟୀତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ପକ୍ଷ ପାଳନ କରାଯାଇଥିଲା । ସି.ଏମ୍.ଡି. ଶ୍ରୀ ଶ୍ରୀଧର ପାତ୍ରଙ୍କ ନେତୃତ୍ୱରେ କମ୍ପାନୀର ସମସ୍ତ ପରିଚାଳନା ୟୁନିଟ୍ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀ, ସି. ଆଇ. ଏସ୍. ଏଫ୍. କର୍ମଚାରୀ ସ୍ୱଚ୍ଛତା ଶପଥ ଗ୍ରହଣ କରିଥିଲେ । ଏହି ପକ୍ଷ ପାଳନ ଅବସରରେ, ନାଲକୋ ପକ୍ଷରୁ ସାମୂହିକ ସ୍ୱଚ୍ଛତା ଅଭିଯାନ, ସାମୂହିକ ବୃକ୍ଷରୋପଣ ଅଭିଯାନ, ସ୍ୱାସ୍ଥ୍ୟ ଶିବିର, ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ସହ ସଫେଇ ମିତ୍ର ମାନଙ୍କୁ ପି.ପି.ଇ. ତଥା ସୁରକ୍ଷା/ ସ୍ୱଚ୍ଛତା କିଟ୍ ଇତ୍ୟାଦି ବଣ୍ଟନ କରଯାଇଥିଲା ।



ଏହା ବ୍ୟତୀତ, ୧୫ ଦିନ ଧରି ଚାଲିଥିବା ଅଭିଯାନରେ କୁଇଜ୍, ଚିତ୍ରକଳା ପ୍ରତିଯୋଗିତା, କବିତା ଆବୃତ୍ତି ସମେତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଯେଉଁଥିରେ କର୍ମଚାରୀ, ଛାତ୍ର ଏବଂ ବିଭିନ୍ନ ବର୍ଗର ସହ ଭାଗୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ନାଲକୋ ଅନୁଗୋଳ ଓ ଦାମନଯୋଡ଼ି ଠାରେ ଥିବା ପରିଚାଳନା ୟୁନିଟ୍ ପକ୍ଷରୁ ପରିପାଶ୍ୱିକ୍ ଅଞ୍ଚଳରେ ଥିବା ପୁରାତନ ଆବର୍ଜନା କ୍ଷେତ୍ର ଗୁଡ଼ିକୁ ଚିହ୍ନଟ ସହ ସଫା କରାଯାଇଥିଲା । ଏହି ଅବସରରେ ସାମୁଦାୟିକ ଅଂଶ ଗ୍ରହଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ଯାହାଏକ ସ୍ୱଚ୍ଛ ଓ ଦୀର୍ଘସ୍ଥାୟୀ ସୁସ୍ଥ ପରିବେଶ ଗଠନ ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱେଚ୍ଛାସେବୀ ମାନଙ୍କୁ ବର୍ଷରେ ୧୦୦ ଘଣ୍ଟା ସ୍ୱଚ୍ଛତା ନିମନ୍ତେ ସମର୍ପିତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ଦୀର୍ଘ ୧୫ ଦିନ ବ୍ୟାପୀ ଚାଲିଥିବା ଏହି ଅଭିଯାନ ଗାନ୍ଧୀ ଜୟନ୍ତୀ ଅବସରରେ ସମାପ୍ତ ହୋଇଛି । ସମାପନ ଉତ୍ସବରେ ସ୍ୱଚ୍ଛ ଭାରତ ଦିବସ ସହ ସଫେଇ କର୍ମଚାରୀଙ୍କ ଅବଦାନକୁ ସମ୍ମାନ ଜଣାଇବା ନିମନ୍ତେ ସଫେଇ ମିତ୍ର ସମ୍ମାନ ଶିବିରମଧ୍ୟ ଆୟୋଜନ କରଯାଇଥିଲା ।

## ବାଲିପୁଟ ଶାସ୍ତ୍ରୀ ସ୍ମୃତି ହାଇଅର୍ ସେକେଣ୍ଡରୀ ସ୍କୁଲ ପକ୍ଷରୁଏଡ୍ସ ସଚେତନତା କାର୍ଯ୍ୟକ୍ରମ

ପୁରୀ, (ସବ୍ୟୁ): ପୁରୀ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଶାସ୍ତ୍ରୀ ସ୍ମୃତି ହାଇଅର୍ ସେକେଣ୍ଡାରି ସ୍କୁଲ ଯୁବ ରେଡ କ୍ରସ , ରେଡ୍ ରିବନ କ୍ଲବ ପକ୍ଷରୁ କଲେଜ ପରିସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ରାଉତ ଉଦଘାଟନ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପିକା ତଥା ୟୁଥ୍ ରେଡ କ୍ରସ କାଉନସିଲର ଡକ୍ଟର ଜ୍ୟୋତ୍ସ୍ନା ରାଣୀ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ବିଶ୍ ଏଡ଼ସ ଦିବସ ପାଳନ ଓ ଏଡ଼ସ ରୋଗ ସମ୍ପର୍କରେ କିପରି ସଚେତନ ହେବା ସେ ବିଷୟରେ ସୂଚନା ଦେଇ ଥିଲେ ଛ ରେଡ୍ କ୍ରସ୍ ଜିଲ୍ଲା ସଂଯୋଜକ ରବୀନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶାସ୍ତ୍ରୀ ସ୍ମୃତି ସ୍ନାତକ ମହା ବିଦ୍ୟାଳୟର ଅଧ୍ୟକ୍ଷା ରିତା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚେତନତା ହିଁ ସୁରକ୍ଷା ବୋଲି ମତ ଦେଇଥିଲେ । ଜିଲ୍ଲା ଏଡ଼ସ ସୁପରଭାଇଜରର ଦୁଃଖୀ ଶ୍ୟାମ ପଟ୍ଟନାୟକ ଏଡ଼ସ ରୋଗର କାରଣ ଓ ନିରାକରଣ, ଓ ସଚେତନତା ମାଧ୍ୟମରେ ରୋକା ଯାଇ ପାରିବ ବୋଲି ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡକ୍ଟର ଜ୍ୟୋତ୍ସ୍ନା ରାଣୀ ମହାନ୍ତି ପରିଚାଳନା କରି ଥିଲେ । ଏହି କାର୍ଯ୍ୟ କ୍ରମରେ ଅଧ୍ୟାପକ ସଚ୍ଚିଦାନନ୍ଦ ମିଶ୍ର, ଅଧ୍ୟାପକ ମନୋଜ କୁମାର ମହାପାତ୍ର, ଡେମୋନଷ୍ଟ୍ରେଟର ଶ୍ରୀମତୀ ସୁଶୀଳା ପ୍ରଧାନଙ୍କ ସମେତ କଲେଜର ବହୁ ଅଧ୍ୟାପକ ଉପସ୍ଥିତ ଥିଲେ ।

## ପୁରୀରେ ନୂତନ ଏସପିଙ୍କ ଯୋଗ ଦାନ, ପୁରୀକୁ ଅପରାଧ ମୁକ୍ତ କରାଯିବ: ଏସପି

ପୁରୀ (ସବ୍ୟୁ): ପୁରୀ ଏକ ଧାର୍ମିକ କ୍ଷେତ୍ର । ସହରରେ ଅପରାଧକୁ ଦୃଢ଼ ହସ୍ତରେ ଦମନ କରାଯିବ । ପୁରୀକୁ ଅପରାଧ ମୁକ୍ତ କରାଯିବ । ସହରରେ ନିଶା କାରବାରକୁ ଦୃଢ଼ ଭାବରେ ରୋକାଯିବ । ଏହା କହି ଛନ୍ତି ନୂତନ ଏସପି ବିନୀତ କୁମାର ଅଗ୍ରୱାଲ । ଗତକାଲି ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ ପରେ ଆଜି ବିଧିବଦ୍ଧ ଭାବେ ପୁରୀରେ ନୂତନ ଆରକ୍ଷୀ ଅଧିକ୍ଷକ ଭାବେ ବିନୀତ କୁମାର ଅଗ୍ରୱାଲ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଅପରାହ୍ନରେ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଲେ ଅପରାଧୀଙ୍କ ବିରୋଧରେ ପୂର୍ବରୁ ପୋଲିସର ଯେପରି କାର୍ଯ୍ୟାନୁଷ୍ଠାନ ଚାଲିଛି ତାହାକୁ ଅଧିକ ଜୋର ଦାର ଓ କ୍ରିୟାଶୀଳ କରାଯିବ । ଅପରାଧକୁ ଦୃଢ଼ ହସ୍ତରେ ଦମନ କରାଯିବ । ଅପରାଧୀଙ୍କ ଡାଟା ବେଶ ପ୍ରସ୍ତୁତ କରାଯିବା । ପେଶାଦାର ଅପରାଧୀଙ୍କ



ବିରୋଧରେ କଠୋର କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ । ବିଭିନ୍ନ ସମସ୍ୟା ଅଭିଯୋଗ ନେଇ ଥାନାକୁ ଓ ପୋଲିସ ନିକଟକୁ ଆସୁଥିବା ସାଧାରଣ ଲୋକଙ୍କ ଅଭିଯୋଗ ଉପରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ । ଧାର୍ମିକ ସହର ପୁରୀରେ ନିଶା ଦ୍ରବ୍ୟ କାରବାରକୁ କଦାପି ପ୍ରଶ୍ରୟ ଦିଆଯିବ ନାହିଁ । ବ୍ରାଉନ ସୁଗର କାରବାର କରୁଥିବା ନିଶା ବେପାରୀ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବଛ ସେପରି ମହିଳା ଓ ଶିଶୁ ନିର୍ଯାତନା ଅପରାଧ ଉପରେ ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଦେବବ୍ରତ ଚକ୍ର, ବିଷ୍ଣୁ ପ୍ରସାଦ ପତି, ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁଙ୍କ, ଡେପୁଟି କମାଣ୍ଡଛଣ୍ଡ ଶ୍ରୀମନ୍ଦିର ଜିତେନ୍ଦ୍ର କୁମାର ଦେହୁରୀଙ୍କ ସମେତ ଏସଡ଼ିପିଓ ସଦର ରବି ନାରାୟଣ ଭଞ୍ଜଙ୍କ ସମେତ ଜିଲ୍ଲାର ସମସ୍ତ ଇନସ୍ପେକ୍ଟର ଉପସ୍ଥିତ ଥିଲେ ।

## ଚାଷୀଙ୍କ ଜମିକୁ ଜଳସେଚନ ସମସ୍ୟା
# ବିଭିନ୍ନ ସମସ୍ୟା ନେଇ ଶ୍ରୀ ସ୍ୱପ୍ନେଶ୍ୱର କୃଷକ ସଂଘର ଦାବି

ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳ ଚାଷୀ ମାନଙ୍କର ଜମିକୁ ଜଳସେଚନ ସମସ୍ୟାର ସମାଧାନ ଓ ଅସାଧୁ ବ୍ୟକ୍ତିଙ୍କ ଅକ୍ତିଆରରେ ଥିବା ନାଳ ଓ ସରକାରୀ ଜମିକୁ ଉଦ୍ଧାର କରିବା ନେଇ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର କୃଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।



ସବ୍-ମାଇନର ଗେଟ୍ ନଂ-୨୨ ଠାରୁ ବାହାରିଥିବା ନାଳ (ଧାଡ଼ିଆୟନାଳ) ସମ୍ପୂର୍ଣ୍ଣ ପୋତି ହୋଇଯାଇଛି, ସବ୍-ମାଇନର ଗେଟ୍ ନମ୍ବର-୨ ୧-ବିଏସଏନଏଲ ଅଫିସ ଠାରୁ ଅଙ୍କୁଲା ବନ୍ଧ ଦେଇ କାଠୁଆ ନାଳ ପର୍ଯ୍ୟନ୍ତ ଯାଉଥିବା ନାଳ ଉଦ୍ଧାର ଅସମ୍ପୂର୍ଣ୍ଣ ହୋଇ ରହିଛି। କାରଣ କେତେକ ଅସାଧୁ ବ୍ୟକ୍ତି ଉକ୍ତ ନାଳକୁ ଅଧିକାରରେ ରଖିଛନ୍ତି । ପୁରୁଷୋତ୍ତମପୁର ଏନଏସି ନାଳର ମଇଳା ପାଣି ବିଏସଏନଏଲ ଅଫିସ ଠାରୁ ଯାଇ ବିଲରେ ପଶି ସବୁବେଳେ ଫସଲ ନଷ୍ଟ ହେଉଛି ଓ ଏନଏସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ ଏହାର କୌଣସି ସମାଧାନ କରାଯାଉନାହିଁ । ଏନଏସି ଉକ୍ତ ମଇଳା ପାଣିକୁ କାଠୁଆ ନାଳରେ ପକାଇବା ବ୍ୟବସ୍ଥା କରାଯାଉ। ସ୍ୱପ୍ନେଶ୍ୱର ମନ୍ଦିର ଛକ ଠାରୁ ବଡ଼ ଶଙ୍ଖ ପର୍ଯ୍ୟନ୍ତ ଦୀର୍ଘ ଦିନଧରି ହେଲା କଂକ୍ରିଟ୍ ଡ୍ରେନ୍ କାମ ଚାଲିଛି କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ସମାପ୍ତ ହୋଇପାରି ନାହିଁ। ପୋତି ହୋଇ ରହିଥିବା ଅନ୍ୟ କେତୋଟି ନାଳ କିଛି ପୁଟ୍ ଚେପାରୀ ଓ ସ୍ୱାର୍ଥପର ଲୋକ ନିଜ ଅକ୍ତିଆରରେ ରଖୁଛନ୍ତି, ଯାହାଫଳରେ ପାଣି ନିଷ୍କାସନ ନହୋଇ ଫସଲ ନଷ୍ଟ ହେଉଛି । ବଡ଼ ଶଙ୍ଖ ଉପରକୁ ଥିବା ଲୁଙ୍ଗି ଘାଇ (ଜଳାଧାର) ସମ୍ପୂର୍ଣ୍ଣ ପୋତି ହୋଇଯାଇଛି । ଉକ୍ତ ନାଳକୁ ପୁନରୁଦ୍ଧାର କରାଯାଉ। କିନ୍ତୁ ସ୍ଥାନୀୟ ତହସିଲଦାର ସେ ଦିଗରେ କୌଣସି ପ୍ରକାର ଦୃଷ୍ଟି ଦେଉନାହାନ୍ତି । କାଠୁଆ ନାଳରେ ଦୁଇଟି ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଛି । ଉକ୍ତ ଗେଟ୍ ଗୁଡିକର ରକ୍ଷଣାବେକ୍ଷଣ ଅଭାବରୁ ଗେଟ୍ ଗୁଡିକ ଭାଙ୍ଗି ଗଲାଣି । ଉକ୍ତ ବିଷୟରେ ଡ୍ରେନେଜ୍ ବିଭାଗକୁ ବାରମ୍ବାର ଅବଗତ କରାଗଲେ ମଧ୍ୟ କୌଣସି ଗୁରୁତ୍ୱ ଦିଆଯାଉନାହିଁ ।

ଡ୍ରେନେଜ୍ ବିଭାଗକୁ କାଠୁଆ ନାଳ ପାର ହେବା ପାଇଁ ପୋଲ ନିର୍ମାଣ କରିବାକୁ ବାରମ୍ବାର ଅନୁରୋଧ କରାଯାଇଛି । କିନ୍ତୁ ଯେଉଁଠାରେ ଆବଶ୍ୟକ ସେଠାରେ ନକରି ବ୍ରିଜ୍ ପାଖରେ ପୁଣି ଏକ ବ୍ରିଜ୍ ନିର୍ମାଣ କରୁଛନ୍ତି, ଉଦାହରଣ ସ୍ୱରୂପ ଶିକୁଳା ଗ୍ରାମକୁ ରାସ୍ତା ନିକଟ ଚତରା ନାଳ ପାଖରେ ୧୦ ମିଟର ବ୍ୟବଧାନରେ ଦୁଇଟି ବ୍ରିଜ୍ ତିଆରି ହୋଇଛି । ଏ ସବୁ ବିଷୟ ସ୍ଥାନୀୟ ପ୍ରଶାସନଙ୍କୁ ବାରମ୍ବାର ଅବଗତ କରାଇଲେ ସୁଧା ସେମାନେ ପରସ୍ପର ଉପରେ ଦୋଷ ଲଦି ନିଶ୍ଚିନ୍ତ ରହୁଛନ୍ତି । ଯାହାଦ୍ୱାରା କି ଚାଷୀମାନେ ବହୁତ ଅସୁବିଧା ଓ କ୍ଷତିର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ବିଭାଗର ସମନ୍ୱୟ ଅଭାବରୁ ଉକ୍ତ କାର୍ଯ୍ୟ ଗୁଡ଼ିକ ହୋଇପାରୁ ନାହିଁ । ଏଣୁ ଉପରୋକ୍ତ ଅସୁବିଧା ଗୁଡ଼ିକର ସମାଧାନ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସେମାନେ ଉକ୍ତ ସ୍ମାରକ ପତ୍ରରେ ଉଲ୍ଲେଖ କରିଛନ୍ତି ।

ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର କୃଷକ ସଂଘର ସଭାପତି, ସମ୍ପାଦକ, ଉପଦେଷ୍ଟା ଓ କୋଷାଧ୍ୟକ୍ଷଙ୍କ ସମେତ ବହୁ ଚାଷୀ ମାନେ ଉପସ୍ଥିତ ଥିଲେ । ଏହା ସହିତ ସଂଘ ପକ୍ଷରୁ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକଙ୍କୁ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଶି ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି । ଏହି ଅବସରରେ ଚାଷୀ ନେତା ସିମାଞ୍ଚଳ ନାହାକ ଓ ସୀତାରାମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ୟତିକ୍ରମ ନଘଟାଇ ବୁଗୁଡ଼ା ରୁଟ୍‌ରେ ସରକାରୀ ବସ୍ ଚଳାଇବା ଦାବି

ବୁଗୁଡା, (ସବ୍ୟୁ): କେନ୍ଦୁଝରକୁ ଯାଉଥିବା ବସ୍ (ନଂ- ଓଡି ୧୯ ଜେ- ୪୦୮୧) ଭଞ୍ଜନଗରରୁ ବାହାରି ବାଲିପଦର ଓ ବୁଗୁଡ଼ା ପଟ ଦେଇ କେନ୍ଦୁଝର ଯିବା ପାଇଁ ପରମିଟ୍ ରହିଥିବା ବେଳେ ତାହା ଜଗନ୍ନାଥ ପ୍ରସାଦ ଦେଇ କରସିଙ୍ଗି ଛକରେ ପହଞ୍ଚି କେନ୍ଦୁଝରକୁ ଯାଉଛି । ବୁଗୁଡା ଅଞ୍ଚଳରୁ ସନ୍ଧ୍ୟା ସମୟରେ ଭୁବନେଶ୍ୱର ଯିବା ପାଇଁ ଅନ୍ୟ କୌଣସି ବସ୍ ନଥିବା ବେଳେ ଏହି ବସଟିର ବୁଗୁଡ଼ାରେ ପହଞ୍ଚିବା ସମୟ ଅପରାହ୍ନ ଘ୦୪:୨୦ମି ରହିଥିବାରୁ ଯାତ୍ରୀଙ୍କ ବହୁତ ସୁବିଧା ହେଉଥିଲା। ତେବେ ବସଟିର ରୁଟ୍ ପରିବର୍ତ୍ତନ ହେତୁ ବୁଗୁଡ଼ା ଅଞ୍ଚଳର ଯାତ୍ରୀମାନଙ୍କୁ ଅପରାହ୍ନ କିମ୍ବା ସନ୍ଧ୍ୟାରେ ଭୁବନେଶ୍ୱର, କଟକ, ଘଟଗାଁ, କେନ୍ଦୁଝର ଯିବାକୁ ଥିଲେ ବହୁ ଦୂରସ୍ଥ କରସିଙ୍ଗି ଛକକୁ ଯିବାକୁ ପଡୁଛି । ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି । ଅନ୍ୟପକ୍ଷରେ ସରକାରୀ ବସର ଏଭଳି ରୁଟ୍ ପରିବର୍ତ୍ତନ ବୁଗୁଡ଼ା ଅଞ୍ଚଳବାସୀଙ୍କ ପ୍ରତି ବୈମାତୃକ ମନୋଭାବର ଏକ ନଗ୍ନ ନମୁନା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ତେଣୁ, ରାଜ୍ୟ ସଡକ ପରିବହନ ନିଗମର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ ସକାଶେ ସାଧାରଣରେ ଦାବି ହେଉଛି ।

## ରମେଶ ଚନ୍ଦ୍ର ଦତ୍ତ ମେଧାବୀ ଛାତ୍ର ପୁରସ୍କାର ପ୍ରଦାନ ସମାରୋହ




ବାରିପଦା, (ସବ୍ୟୁ) : ଶାମାଖୁଣ୍ଟା ବ୍ଲକ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଟାପାଳ ପରିସରରେ ରମେଶ ଚନ୍ଦ୍ର ଦତ୍ତ ମେଧାବୀ ଛାତ୍ର ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୨୦୨୪ ମ୍ୟାଟ୍ରିକ ପରୀକ୍ଷାରେ ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟାପାଳରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଅର୍ଜୁନ ସିଂକୁ ୪ ହଜାର ଟଙ୍କାର ଅର୍ଥରାଶି ଓ ଶିକ୍ଷଣୀୟ ପୁସ୍ତକ ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର କୃତୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖ୍ୟାତିସମ୍ପନ୍ନ ଚିକିତ୍ସକ ପ୍ରଫେସର ଡଃ ପିନାକୀ ଦତ୍ତଙ୍କ ପୃଷ୍ଠପୋଷକତାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କଣ୍ଟାପାଳ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଶାକର୍ମୀ ସଂଘ ଗଞ୍ଜାମ ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଛତ୍ରପୁର, (ସବ୍ୟୁ) : ଭାରତୀୟ ମଜଦୁର ସଙ୍ଘ ଅନୁବନ୍ଧିତ ଓଡିଶା ରାଜ୍ୟ ଆଶା କର୍ମୀ ସଂଘର ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଏକ ଲିଖିତ ଦାବିପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି ।

ଆଶା କର୍ମୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରାଯିବା, ଯେ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ଦିଆଯାଇନାହିଁ ସେମାନଙ୍କୁ ୧୮ ହଜାର ଟଙ୍କା ପ୍ରଦାନ କରାଯିବା, ଆଶା କର୍ମୀଙ୍କୁ ସାମାଜିକ ସୁରକ୍ଷା ଦିଆଯିବା, ଅବସର ଆଶା କର୍ମୀଙ୍କୁ ୫ ଲକ୍ଷ ଟଙ୍କା ଏବଂ ମାସିକ ପେନସନ ୫ ହଜାର ଟଙ୍କା ପ୍ରଦାନ କରାଯିବା, ସବୁ ପିଏଚସି /ସିଏଚସିରେ ଆଶା ଗୃହ ନିର୍ମାଣ କରାଯିବା ଲାଗି ଦାବିପତ୍ର ମାଧ୍ୟମରେ ସେମାନେ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ଓଡିଶା ରାଜ୍ୟ ଆଶା କର୍ମୀ ସଂଘର ଗଞ୍ଜାମ ଜିଲ୍ଲା ସଭାନେତ୍ରୀ ଲଳିତା ଦୋରା, ଜିଲ୍ଲା ସମ୍ପାଦିକା ବବିତା ରାଉତ, ଜିଲ୍ଲା କୋଷାଧ୍ୟକ୍ଷ ସସ୍ମିତା ପାଢ଼ୀ, ଛତ୍ରପୁର ବ୍ଲକ ସଭାନେତ୍ରୀ ସୁଜାତା ପାତ୍ର, ରଙ୍ଗେଇଲୁଣ୍ଡା ବ୍ଲକ ସଭାନେତ୍ରୀ ମମତା ମହାନ୍ତି, ସମ୍ପାଦିକା ଲକ୍ଷ୍ମୀପ୍ରିୟା ପାତ୍ର, ଖଲ୍ଲିକୋଟ ବ୍ଲକ ସମ୍ପାଦିକା ସନ୍ତୋଷିନୀ ମହାପାତ୍ର, ପୁରୁଷୋତ୍ତମପୁର ବ୍ଲକ ସଭାନେତ୍ରୀ ରାଜଲକ୍ଷ୍ମୀ ପଣ୍ଡାଙ୍କ ସମେତ ବହୁ ଆଶା କର୍ମୀ ମାନେ ଉପସ୍ଥିତ ଥିଲେ ।

## ବନ୍ୟପ୍ରାଣୀ ସଂରକ୍ଷଣରେ ଜନ ସହଭାଗିତା ସଂକ୍ରାନ୍ତରେ ବୈଠକ



ଭଂଜନଗର, (ସବ୍ୟୁ): ଜଙ୍ଗଲର ସୁରକ୍ଷା ସହିତ, ବନ୍ୟପ୍ରାଣୀଙ୍କ ସୁରକ୍ଷା ଜରୁରୀ । ଆମ ପରିବେଶର ସନ୍ତୁଳନ ପାଇଁ, ଉଭୟଙ୍କ ଆବଶ୍ୟକତା ରହିଛି । ଏଣୁ ଜଙ୍ଗଲ ସୁରକ୍ଷା ରହିଲେ, ମଣିଷ ଏବଂ ଜୀବଜଗତ ତିଷ୍ଠି ରହିବ । ଏଥିପାଇଁ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଆବଶ୍ୟକ । ଏ କ୍ଷେତ୍ରରେ ଲୋକଙ୍କର ସହଭାଗୀତା ଜରୁରୀ । ଏହାକୁ ନେଇ ଭଂଜନଗର ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ସ୍ଥାନୀୟ ସ୍ଥାୟୀ ଚାରା ଉଦ୍ୟାନ କେନ୍ଦ୍ର ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବନଖଣ୍ଡୀୟ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋର୍ କମିଟି ସଦସ୍ୟ ନୀଳମାଧବ ପାତ୍ର, ନୀଳାଞ୍ଚଳ ଖିଲାର, ଜିଲ୍ଲାପରିଷଦ ସଦସ୍ୟ ସୁଧିର କୁମାର ଜେନା, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁରେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ବନବିଭାଗ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ ।

## ଆପ୍ତିରା ସ୍କୁଲରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ

ଆଗରପଡ଼ା, (ସବ୍ୟୁ): ବନ୍ତ ବ୍ଲକ ଅଧିନ କାଦବରାଙ୍ଗ କ୍ଲଷ୍ଟର ଅନ୍ତର୍ଗତ ଆପ୍ତିରା ୟୁଜିଏମଇ ବିଦ୍ୟାଳୟରେ ଜାତିର ପିତା ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି। ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ଗାନ୍ଧୀଜୀଙ୍କ ପ୍ରତି ମୂର୍ତ୍ତୀ ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ପୁଷ୍ପମାଲ୍ୟ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ପୁହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଧାରଣସଭାରେ ଛାତ୍ରଛାତ୍ରୀ ମାନେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ,ସ୍ୱାଧିନତା ସଂଗ୍ରାମରେ ଉଭୟଙ୍କ ଭୂମିକା ବିଷୟରେ ବକ୍ତବ୍ୟ ଦେଇଥିଲେ। ଶିକ୍ଷକ ଗୌରାଙ୍ଗ ବିଶ୍ୱାଳ,ଗୋପୀନାଥ ଦାଶ,ଶିକ୍ଷୟତ୍ରୀ ଅନୁଜା ପଣ୍ଡା ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ସ୍ୱଚ୍ଛତାପକ୍ଷ ଅନ୍ତିମ ଦିବସରେ ବିଦ୍ୟାଳୟ ପରିସର ଓ ଏହାର ଆଖପାଖକୁ ପରିଷ୍କାର ଓ ପରିଚ୍ଛନ୍ନ କରଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ଶିକ୍ଷକ ପ୍ରଭାତ ନାୟକ ଓ କ୍ରୀଡ଼ା ଶିକ୍ଷକ ରତ୍ନାକର ଖିଲାର ପରିଚାଳନା କରିଥିଲେ।

## ଓଡିଶା ଆଉଟସୋର୍ସିଂ ନର୍ସିଂ କର୍ମଚାରୀ ୟୁନିଅନ୍ ପକ୍ଷରୁ ଦାବିପତ୍ର



ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ନର୍ସିଂ କର୍ମଚାରୀଙ୍କ ଛଟେଇ ନିର୍ଦ୍ଦେଶ ପୁନଃ ବିଚାର କରି ସେମାନଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବା ଲାଗି ଗୁରୁବାର ପୁଣି ଜିଲ୍ଲାପାଳଙ୍କୁ ଭେଟିଲେ ଓଡିଶା ଆଉଟସୋରସିଂ ନର୍ସିଂ କର୍ମଚାରୀ ୟୁନିଅନ ଗଞ୍ଜାମ ଜିଲ୍ଲା କମିଟି। ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କୁ ଭେଟି ଏନେଇ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । ଏନେଇ ସେମାନେ ପୂର୍ବରୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଭେଟି ଲିଖିତ ଭାବେ ଦାବି କରିଥିଲେ ମଧ କୌଣସି ସୁଫଳ ମିଳିପାରିନଥିବା ସେମାନେ କହିଛନ୍ତି । ଆଗାମୀ ଦିନରେ ସେମାନଙ୍କ ଦାବି ପୂରଣ ନହେଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ସଂଯୁକ୍ତ କିଶାନ୍ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ ଦିବସ

ପାରଳାଖେମୁଣ୍ଡି, (ସବ୍ୟୁ): କୃଷକ ସଂଗଠନ ମାନଙ୍କ ସର୍ବଭାରତୀୟ ମଞ୍ଚ ସଂଯୁକ୍ତ କିଶାନ୍ ମୋର୍ଚ୍ଚା ପକ୍ଷରୁ ଆଜି ସର୍ବଭାରତୀୟ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। ସଂଯୁକ୍ତ କିଶାନ୍ ମୋର୍ଚ୍ଚାର ସର୍ବଭାରତୀୟ କମିଟିର ଡାକରା ପରିପ୍ରେକ୍ଷିରେ ଆଜି ଗଜପତି ଜିଲ୍ଲା ଅନ୍ତର୍ଗତ କାଶୀନଗର ଠାରେ ବିଭିନ୍ନ କୃଷକ ସଂଗଠନ ମାନଙ୍କ ପକ୍ଷରୁ ଆୟୋଜିତ ପ୍ରତିବାଦରେ ବିଭିନ୍ନ ଗ୍ରାମର ଶତାଧିକ କୃଷକ ଯୋଗ ଦେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୨୦୨୦ ମସିହାର ଆଜିର ଦିନରେ ଉତ୍ତର ପ୍ରଦେଶର ଲକ୍ଷ୍ମୀପୁର ଖେରୀ ଠାରେ ବିଜେପି ନେତା ତଥା ତତ୍କାଳୀନ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ର ଟେନୀ'ଙ୍କ ପୁଅ ଓ ତାଙ୍କ ସହଯୋଗୀ ଗୁଣ୍ଡାମାନେ ଶାନ୍ତିପୂର୍ଣ୍ଣ ଭାବେ ରାସ୍ତାରେ ଯାଉଥିବା




କୃଷକ ଆନ୍ଦୋଳନର କର୍ମୀମାନଙ୍କ ଉପରେ ନିଜର ଗାଡି ଚଳାଇ ଆକ୍ରମଣ କରିଥିଲେ। ଏଥିରେ ଚାରି ଜଣ କୃଷକ'ଙ୍କ ସହ ଜଣେ ସ୍ଥାନୀୟ ସାମ୍ବାଦିକ ପ୍ରାଣ ହରାଇଥିବା ବେଳେ ଅନେକ ଗୁରୁତର ଭାବେ ଆହତ ହୋଇଥିଲେ। ମୋଦି ସରକାରଙ୍କ ତିନି କଳା ଆଇନକୁ ବିରୋଧ କରି ସେତେବେଳେ ଦିଲ୍ଲୀ ସୀମାନ୍ତରେ କୃଷକ ମାନଙ୍କ ଆନ୍ଦୋଳନ ଚାଲିଥିବା ବେଳେ ଲକ୍ଷ୍ମୀପୁର ଖେରୀର ଏହି ଘଟଣା ସେତେବେଳେ ସାରା ଦେଶରେ ଚହଳ ପକାଇଥିଲା। ସେହି ଘଟଣାରେ ଶହୀଦ ହୋଇଥିବା କୃଷକମାନଙ୍କୁ ମନେ ପକାଇବା ପାଇଁ ତଥା ସରକାରଙ୍କ କୃଷକ ବିରୋଧି ନୀତିର ପ୍ରତିବାଦ କରିବାକୁ ପ୍ରତିବର୍ଷ ଏହି ଦିନକୁ ପ୍ରତିବାଦ ଦିବସ ଭାବେ ସଂଯୁକ୍ତ କିଶାନ୍ ମୋର୍ଚ୍ଚା ପକ୍ଷରୁ ପାଳନ କରାଯାଉଛି । ଆଜି ସଂଯୁକ୍ତ କିଶାନ୍ ମୋର୍ଚ୍ଚାର ଡାକରାରେ ଅଖିଳ ଭାରତ କିଶାନ୍ ମଜଦୁର ସଭା (ଏ:ଆଇ:କେ:ଏମ:ଏସ:) ର କାଶୀନଗର ବ୍ଲକ କମିଟି ପକ୍ଷରୁ କାଶୀନଗର ଠାରେ ଲକ୍ଷ୍ମୀପୁର ଖେରୀର କୃଷକ ହତ୍ୟା ପ୍ରତିବାଦ ଦିବସ ପାଳନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ କିଶାନ୍ ମଜଦୁର ସଭାର ଜିଲ୍ଲା ସମ୍ପାଦକ କେଦାର ଶବର, କାଶୀନଗର ବ୍ଲକ ସଭାପତି ସମ୍ବାରୁ ଶବରଙ୍କ ସମେତ ମଜଦୁର ସଭାର ଚୈତନ୍ୟ ଶବର, ଜୁନେସ ମେଦି ଓ ଗଜପତି ଜିଲ୍ଲା ସଂଘ ପକ୍ଷରୁ ଆର୍.ଲୋକନାଥମ୍ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ କୃଷକ ବିରୋଧି ନୀତିର ପ୍ରତିବାଦ କରିଥିଲେ। କୃଷକମାନଙ୍କ ସବୁ ଫସଲର ସର୍ବନିମ୍ନ ସହାୟକ ଦର ପାଇଁ ଆଇନ ପ୍ରଣୟନ କରିବା, ସବୁ କୃଷକଙ୍କ ସମସ୍ତ କୃଷିଋଣ ଛାଡ କରିବା, କୃଷକ ବିରୋଧି ପ୍ରସ୍ତାବିତ ବିଦ୍ୟୁତ୍ ବିଲକୁ ପ୍ରତ୍ୟାହାର କରିବା, ଜଙ୍ଗଲ ଜମିରେ ଚାଷବାସ କରୁଥିବା ସମସ୍ତ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା, ୬୦ ବର୍ଷ ପରେ ସବୁ କୃଷକଙ୍କୁ ମାସିକ ସର୍ବନିମ୍ନ ପାଞ୍ଚ ହଜାର ଟଙ୍କା ସାମାଜିକ ଭତ୍ତା ପ୍ରଦାନ କରିବା ଆଦି ଦାବି କରା ଯାଇଥିଲା।

## ଗଞ୍ଜାମ ଏସ୍‌ପି ଭାବେ ଦାୟିତ୍ୱ ନେଲେ ଶୁଭେନ୍ଦୁ କୁମାର ପାତ୍ର

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ପୁଲିସ ଜିଲ୍ଲାର ନୂତନ ଏସପି ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି ଶୁଭେନ୍ଦୁ କୁମାର ପାତ୍ର। ୨୦୧୯ ବ୍ୟାଚର ଯୁବ ଆଇପିଏସ ଅଫିସର ଆଜି ଯୋଗ ଦେବା ପରେ ବରିଷ୍ଠ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପୂର୍ବରୁ ସେ କନ୍ଧମାଳରେ ଏସପି ଭାବେ ନିଜ ଦାୟୀତ୍ୱ ସଠିକ ଭାବେ ତୁଲାଇଥିଲେ। ଦାୟିତ୍ୱ ଗ୍ରହଣ କଲା ପରେ ଏସପି ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି, ଗଞ୍ଜାମ ଜିଲ୍ଲା ଏକ ଧାର୍ମିକ କ୍ଷେତ୍ର। ଏଠାରେ ସେବା କରିବାର ସୁଯୋଗ ମିଳିଥିବାରୁ ଓଡିଶା ସରକାର ଓ ପୋଲିସ ବିଭାଗକୁ ଧନ୍ୟବାଦ । ଏବେ ପାର୍ବଣ ଋତୁ ଚାଲିଥିବାରୁ ଶାନ୍ତି ଶୃଙ୍ଖଳା କିପରି ଶେଷ ହେବ ସେ ଦିଗରେ ଆମେ କାମ କରିବୁ । ଗଞ୍ଜାମରେ ଅପରାଧି ସମସ୍ୟାକୁ ସେ ଦକ୍ଷତାର ସହିତ ମୁକାବିଲା କରିବା ସହ ଆଇନ ଶୃଙ୍ଖଳା ସ୍ଥିତି ଉପରେ ଅଧିକ ଧ୍ୟାନ ଦିଆଯିବ। ଅପରାଧ ମୁକ୍ତ ଗଞ୍ଜାମ ସମେତ ନାଗରିକମାନଙ୍କୁ ସୁରକ୍ଷା ଯୋଗାଇବା ସହ ଶାନ୍ତି ଶୃଙ୍ଖଳା ଉପରେ ଅଧିକରୁ ଅଧିକ ଫୋକସ ରହିବ। ସୂଚନାଯୋଗ୍ୟ ଯେ- ପୂର୍ବରୁ ଗଞ୍ଜାମ ପୁଲିସ ଜିଲ୍ଲାରେ ଥିବା ଏସପି ଜଗମୋହନ ମିନା କଟକ ଡିସିପି ଭାବେ ବଦଳି ହୋଇଛି । ସେ ଗଞ୍ଜାମ ପୁଲିସ ଜିଲ୍ଲାରେ ୮ ଜାନୁଆରୀ ୨୦୨୩ ରୁ ୩୦ ସେପ୍ଟେମ୍ବର ୨୦୨୪ ପ୍ରଯ୍ୟନ୍ତ ଏସପି ଭାବେ ଦାୟିତ୍ୱ ସମ୍ପାଦାନ କରିଥିଲେ ।

## ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ପାଇଁ ଚୟନ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବାରିପଦା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଅକ୍ଟୋବର ମାସ ୬ ରୁ ୯ ତାରିଖ ପଯ୍ୟନ୍ତ ଗଜପତି ଜିଲ୍ଲାସ୍ଥିତ ଏମ.ଆର. ବାଳକ ହାଇସ୍କୁଲ, ପାରଳାଖେମୁଣ୍ଡିରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଭଲିବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୨୪ଜଣ କ୍ରୀଡ଼ାବିତ ଯୋଗ ଦେବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପ୍ରକାଶ କରିଛନ୍ତି ।

ଏମାନଙ୍କ ମଧ୍ୟରୁ ୧୭ବର୍ଷରୁ କମ ବାଳିକା ବିଭାଗରେ ବାରିପଦା ବ୍ଲକ ଅନ୍ତର୍ଗତ ବଡ଼ବ୍ରାହ୍ମଣମରା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତକଳା ପ୍ରଥମ ବର୍ଷର ଛାତ୍ରୀ ସୁମିତ୍ରା ସିଂ ରାଜ୍ୟସ୍ତରୀୟ ପାଇଁ ଚୟନ ହୋଇଛନ୍ତି । ଏଥିପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆରତୀ ଟୁଡୁ, ଓଡ଼ିଆ ପ୍ରଧାପକ ପ୍ରଶାନ୍ତ ବାରିକ, ଇଂରାଜୀ ପ୍ରଧାପକ ଦେବସ୍ମିତା ଦାସ, ଅର୍ଥନୀତି ପ୍ରଧାପକ ଦେବାଶିଷ ବେହେରା, ସାମାଜିକ ବିଜ୍ଞାନ ପ୍ରଧାପକ ଦୀନକୃଷ୍ଣ ମହାନ୍ତ, ରାଜନୀତି ବିଜ୍ଞାନ ପ୍ରଧାପକ ଅଙ୍କିତା ସାହୁ, ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଆଲୁମିନି କମିଟିର ସମସ୍ତ ସଦସ୍ୟ ପ୍ରମୁଖ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି ।



## ହୋଲ୍ ଫାଉଣ୍ଡେସନ୍ ବାର୍ଷିକ ଉତ୍ସବ ଉପଲକ୍ଷେ ଚିତ୍ରକଳା ଶିବିର

ବାରିପଦା, (ସବ୍ୟୁ) : ହୋଲ୍ ଫାଉଣ୍ଡେସନ୍ ସ୍ଥିତ ବାର୍ଷିକ ଉତ୍ସବ ଉପଲକ୍ଷେ ଏକ ଚିତ୍ରକଳା ଶିବିର ଆୟୋଜନ କରାଯାଇଥିଲା । ତତ୍‌ସଙ୍ଗେ ଗାନ୍ଧୀ ଜୟନ୍ତୀ ଅବସରରେ ଧନପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ଚିତ୍ରକଳା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଚିତ୍ରକଳା ପ୍ରତିଯୋଗୀତା ଭାଗ ନେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ତତ୍‌ସହିତ ଚିତ୍ରକଳା ଶିବିର ଟି ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଶିବିରରେ ମୟୂରଭଞ୍ଜ ଜିଲ୍ଲାର ଚିତ୍ରଶିଳ୍ପୀ ମହେନ୍ଦ୍ର ନାଥ ଦଣ୍ଡପାଟ, ମାନସ ରଞ୍ଜନ ପତି, ଦିଲ୍ଲୀପ ସିଂ ଓ କଲ୍ୟାଣ ବାରିକ ଆଦି ଅଂଶଗ୍ରହଣ କରିଥିଲେ ଏବଂ ସମସ୍ତ ଶିଳ୍ପୀ ସେମାନଙ୍କ ଚିତ୍ରକଳା ଗୁଡ଼ିକୁ ପ୍ରଥମ ଦିନରେ ଆରମ୍ଭ କରିଥିଲେ । ଏହି ଚିତ୍ରକଳା ଶିବିରଟି ଆସନ୍ତା ଅକ୍ଟୋବର ୬ପର୍ଯ୍ୟନ୍ତ ଚାଲିବ । ଅନ୍ତିମ ଦିନରେ କଳାକୃତି ଗୁଡ଼ିକୁ ପ୍ରଦର୍ଶନ କରାଯିବ । ଏହି ଚିତ୍ରକଳା ଗୁଡ଼ିକୁ ସମାଜର ସମସ୍ତ ଆଗରେ ଏକ ଦର୍ପଣ ଭାବରେ ପ୍ରକାଶ କରାଯିବ ବୋଲି ଆଶା କରାଯାଏ ।



## ସରସ୍ୱତୀ ଶିଶୁ ବିଦ୍ୟା ଭବନ ପରିସରରେ ୨୮ତମ ଜ୍ଞାନବିଜ୍ଞାନ ମେଳା



ଭଞ୍ଜନଗର, (ସବ୍ୟୁ): ବେଲଗୁଣ୍ଠା ସରସ୍ୱତୀ ଶିଶୁ ବିଦ୍ୟା ଭବନ ପରିସରରେ ୨୮ତମ ଜ୍ଞାନ ବିଜ୍ଞାନ ମେଳା ପାଳିତ ହୋଇଯାଇଛି । ଏହି ଜ୍ଞାନ ବିଜ୍ଞାନ ମେଳାରୁ ଉଦ୍‌ଘାଟକ ଭାବେ ସ୍ଥାନୀୟ ତହସିଲଦାର କଳାକୃଷ୍ଣ ପ୍ରଧାନ ଉପସ୍ଥିତ ରହି ଉଦ୍‌ଘାଟନ କରିବା ସହିତ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ୨୦୦ ଜଣାରୁ ଉର୍ଦ୍ଧ ବିଭିନ୍ନ ପ୍ରକାରର ପ୍ରକଳ୍ପ ଆଣି ଅଂଶ ଗ୍ରହଣ କରିଥିଲେ । ୫ଟି ବିଭାଗରେ ବିଭକ୍ତ କରାଯାଇଥିଲା । ବିଚାରପତି ଭାବେ ଜୁନିଅର ବିଜ୍ଞାନ ମହାବିଦ୍ୟାଳୟ ପ୍ରଦ୍ୟୁମ୍ନ କୁମାର ସାହୁ, ରଜତ କୁମାର ରାଉତ, ଜି.ଟି. ହାଇସ୍କୁଲ ସୁନାଖି ଦିଗାଲ, ଅକ୍ଷୟ କୁମାର ଦାସ (ଶିକ୍ଷକ), ଦୀପକ ଜେନା, ସତ୍ୟ ନାରାୟଣ ସିଓ (ପୂର୍ବତନ ଗୁରୁଜୀ) ଆଦି ଉପସ୍ଥିତ ରହି ୫ ଟି ବିଭାଗର ପ୍ରକଳ୍ପ ଗୁଡ଼ିକ ମୂଲ୍ୟାୟନ କରିଥିଲେ । ମାଆ ମାନଙ୍କୁ ନେଇ ଏକ କର୍ମଶାଳା ରଖାଯାଇଥିଲା । ମାଆ ମାନେ ବିଭିନ୍ନ ପ୍ରକାରର ପିଠା, ମିଠା ଓ ବିଭିନ୍ନ ବର୍ଜ୍ୟ ବସ୍ତୁର ସଦୁପଯୋଗ ପାଇଁ ଉପକରଣ ପ୍ରସ୍ତୁତ କରି ଆଣିଥିଲେ ।

ଭୋଜନ ବିରତି ପରେ ପୁରସ୍କାର ବିତରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଦେବୀ ପ୍ରସାଦ ପାତ୍ର, ଶୂଳପାଣି ଶତପଥି , ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ରଥ, ପ୍ରଶାନ୍ତ କୁମାର ସାହୁ ,ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ କୁମାର ପାତ୍ର, ବିଦ୍ୟାଳୟ ସମ୍ପାଦକ ସୂର୍ଯ୍ୟ ନାରାୟଣ ପାତ୍ର ପ୍ରମୁଖ ଅତିଥି ମାନେ ମଞ୍ଚାସୀନ ଥିଲେ ।

କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅତିଥି ମାନଙ୍କ ପରିଚୟ ପ୍ରଦାନ ଓ ସ୍ୱାଗତ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁମା ତଥା ଆଶା, ମାମାଜିନୀ, ସୁମିତ୍ରା, ଅଲିଭା, ଅମ୍ବିକା, ଶୋଭା, ମିନ୍ଟି, ଗୁରୁଜୀ ପ୍ରମୋଦ, କୁମାରେଶ୍ୱର, ଗଣେଶ, ମୋନଜ ଆଦି ନିଜ ନିଜ ଦାୟିତ୍ୱ ସମ୍ପାଦନା କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଜାତୀୟ ରାଜପଥ-୪୯ରେ ସୁରକ୍ଷିତ ଗମନାଗମନ ଓ ଘାଟି ରାସ୍ତା ପ୍ରଶସ୍ତିକରଣ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା

ବାରିପଦା, (ସବ୍ୟୁ) : ଜନସାଧାରଣଙ୍କ ସୁରକ୍ଷିତ ଗମନାଗମନର ସୁବିଧା ଏବଂ ଯାନବାହାନର ସଠିକ ଚଳାଚଳ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ମୟୂରଭଞ୍ଜ ଦେଇ ଯାଇଥିବା ଜାତୀୟ ରାଜପଥ-୪୯ ରାସ୍ତାକୁ ପ୍ରଶସ୍ତ କରୁଛି । ଏହି ପରିପ୍ରେକ୍ଷୀରେ, ନିୟମିତ ଟ୍ରାଫିକ୍ ଜାମ ଯୋଗୁଁ ରାସ୍ତାରେ ଯାନବାହନ ପ୍ରତିଦିନ ୫ ରୁ ୭ ଘଣ୍ଟା ପର୍ଯ୍ୟନ୍ତ ଅଟକି ରହୁଛି ଏବଂ ଏହି ଭାରି ଟ୍ରାଫିକ୍ ଜାମ୍ ଯୋଗୁଁ ଆମ୍ବୁଲାନ୍ସ, ସ୍କୁଲ ଏବଂ କଲେଜ ବସ୍, ଦୈନିକ ଯାତ୍ରୀ ମାନଙ୍କର ଗମନାଗମନରେ ମଧ୍ୟ ବହୁ ବାଧାପ୍ରାପ୍ତ ହୁଏ । ଯେହେତୁ ବାମନଘାଟି ଓ ପଂଚପୀଢ଼ ଉପଖଣ୍ଡ ସହିତ ସଂଯୋଗ କରୁଥିବା ଏହା ହେଉଛି ଏକମାତ୍ର କ୍ଷୁଦ୍ର ମାର୍ଗ ଯାହା ବ୍ୟବସାୟ / ବାଣିଜ୍ୟିକ ଉଦ୍ଦେଶ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ, ଏଣୁ ବର୍ତ୍ତମାନ ରାଜପଥରେ ଯାତାୟାତ ପାଇଁ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଜିଲ୍ଲାପ୍ରଶାସନ, ଯାନବାହାନ ଚଳାଚଳ ଏବଂ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟକୁ ସୁରୁଖୁରୁରେ କରାଇବା ପାଇଁ ବିହିତ ପଦକ୍ଷେପ ନେଇଛି ।

ଏଣୁ ଏଥିନିମନ୍ତେ ଜିଲ୍ଲାପାଳ ହେମକାନ୍ତ ସୟ ଜନସାଧାରଣଙ୍କ ସୁରକ୍ଷିତ ଯାତାୟତ ଏବଂ ରାସ୍ତାର ପ୍ରଶସ୍ତିକରଣ ଦୁଇଟି କାର୍ଯ୍ୟ ସଠିକ ଭାବରେ କିଭଳି ହୋଇ ପାରିବ ସେନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ, ନିୟମିତ ବ୍ୟବଧାନରେ ଯାତାୟତକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପ୍ରଶାସନର କର୍ମଚାରୀ ଏବଂ ଏନ୍‌ଏଚ୍‌ଏଆଇର କର୍ମଚାରୀମାନେ ରାଜାବସା ଠାରେ ସମ୍ପୂର୍ଣ୍ଣ ନିୟୋଜିତ ହେବେ ଏବଂ ଟ୍ରକ ଚାଳକମାନଙ୍କୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସେମାନଙ୍କ ଗାଡି ପାର୍କିଂ ନକରିବାକୁ ନିର୍ଦ୍ଦେଶ ଦେବା ପାଇଁ ବିଶୋଇ ଠାରେ କର୍ମଚାରୀଙ୍କୁ ନିୟୋଜିତ କରାଯିବ । ବିଶୋଇ ଆଡକୁ ଖାଡମ୍ବେଡା ଆରଆଇ କାର୍ଯ୍ୟାଳୟ ନିକଟରେ ୧ କିମି ପ୍ୟାଚ୍ ଗୋଟିଏ ରାସ୍ତା ତୁରନ୍ତ ମରାମତି ଆବଶ୍ୟକ କରୁଥିବାରୁ ଟ୍ରକମାନଙ୍କୁ ଉକ୍ତ ପ୍ୟାଚ୍ ମଧ୍ୟରେ ସେମାନଙ୍କ ଗାଡି ପାର୍କ କରିବାକୁ ଅନୁମତି ଦିଆଯିବ ନାହିଁ । ବିଶୋଇ ଅଧୀନରେ ଥିବା ଜାତୀୟ ରାଜପଥ ପ୍ରାଧିକରଣର ସ୍ଥାନୀୟ କର୍ତ୍ତୃପକ୍ଷ ଖରାପ ଓ କ୍ଷତିଗ୍ରସ୍ତ ରାସ୍ତାର ମରାମତି କାର୍ଯ୍ୟ ଶେଷ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ପଡିବ । ବାଙ୍ଗିରିପୋଷି ଘାଟିରେ ଯାନବାହନ ମାନଙ୍କ ସୁଗମ ଚଳପ୍ରଚଳ ପାଇଁ ଆବଶ୍ୟକ ପରିସ୍ଥିତିକୁ ଶୃଙ୍ଖଳିତ କରିବା ପାଇଁ ବାଙ୍ଗିରିପୋଷିରୁ ଭାରୀ ଯାନର ଗତିବିଧି ନିୟନ୍ତ୍ରଣ କରିବା ପାଇଁ ଘାଟିର ଉଭୟ ପାର୍ଶ୍ୱରେ ପର୍ଯ୍ୟାପ୍ତ ପୋଲିସ୍ କର୍ମଚାରୀ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବିଶୋଇ ରୁ ବାଙ୍ଗିରିପୋଷି ଏବଂ ବାଙ୍ଗିରିପୋଷିରୁ ବିଶୋଇ ପର୍ଯ୍ୟନ୍ତ ଭାରିଜାନ ଦେଢ଼ ଘଣ୍ଟା ବ୍ୟବଧାନରେ ବିକଳ୍ପ ଭାବରେ ଚାଲିବ ଏବଂ ପରବର୍ତ୍ତୀ ଅର୍ଡର ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶନାମା ବଳବତ୍ତର ରହିବ । ଘାଟିର ଉଭୟ ପାର୍ଶ୍ୱର ବାମ ପାର୍ଶ୍ୱରେ ଗାଡିଗୁଡିକ ପାର୍କିଂ କରାଯିବ ଏବଂ ଏହା ଘଔଇଓର ସ୍ଥାନୀୟ ଅଧିକାରୀଙ୍କ ପୋଲିସ୍ କର୍ମଚାରୀ ଏବଂ କର୍ମଚାରୀଙ୍କ ଦ୍ୱାରା ନିଶ୍ଚିତ ହେବ । ଏହାକୁ ଅଧିକ ବ୍ୟବହାରିକ କରିବା ପାଇଁ ବାଙ୍ଗିରିପୋଷି ଏବଂ ବିଶୋଇର ତହସିଲଦାରଙ୍କୁ ଭାରୀ ଯାନ ପାର୍କିଂ ପାଇଁ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଘଔଇଓର ସ୍ଥାନୀୟ ଅଧିକାରୀ ବାଙ୍ଗିରିପୋଷି ଘାଟିର ଉଭୟ ପାର୍ଶ୍ୱରେ କ୍ରେନ୍ ଯୋଗାଇବାକୁ ଏବଂ ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ସେବା ଯୋଗାଇବେ ବୋଲି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଦେଶନାମାରେ ଏହା ମଧ୍ୟ ସ୍ଥାନିତ ଅଛି ଯେ କାର୍ଯ୍ୟର ପ୍ରକୃତି ଅର୍ଥାତ ଜନସାଧାରଣଙ୍କ ସେବାରେ ପ୍ରଯୁଜ୍ୟ ଯାନଗୁଡିକ ଯଥା ଆମ୍ବୁଲାନ୍ସ, ଫାୟାର ବ୍ରିଗେଡ୍ ଯାନ, ପୋଲିସ୍ ଗାଡି, ସ୍କୁଲ୍ ଏବଂ କଲେଜ ବସ୍ ଇତ୍ୟାଦି ଉପରେ ପ୍ରତିବନ୍ଧକ ପ୍ରଯୁଜ୍ୟ ନୁହେଁ ଏବଂ ଏହାର ଚଳାଚଳକୁ ନେଇ କୌଣସି ରୋକ ଲଗାଯାଇ ପାରିବନି ।

# ବ୍ରାହ୍ମଣୀ ନଦୀରେ ନୂତନ ସେତୁ ପାଇଁ ଦସ୍ତଖତ ଅଭିଯାନ

ଢେଙ୍କାନାଳ , (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଓ ସଦର ବ୍ଲକ ସହିତ ଢେଙ୍କାନାଳ କାମାକ୍ଷାନଗରକୁ ସଂଯୋଗ କରୁଥିବା କମଗରା ନିକଟରେ ବ୍ରାହ୍ମଣୀ ନଦୀ ଉପରେ ନୂତନ ସେତୁ ନିର୍ମାଣ କରିବାକୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି । ଏକ ହଜାର ଦସ୍ତଖତ ସଂଗ୍ରହ ପରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯିବ ବୋଲି ଜଣାପଡିଛି। ଗତ ୧୯୯୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ବ୍ରାହ୍ମଣୀ ନଦୀ ଉପରେ ସାରଙ୍ଗଧର ସେତୁ ନିର୍ମାଣ କରାଯାଇଥିଲା । ଫଳରେ ଢେଙ୍କାନାଳ – କାମାକ୍ଷାନଗର ରାସ୍ତା ଦେଇ କଟକ, ଭୁବନେଶ୍ୱର ସହିତ ରାଉରକେଲା, ସମ୍ବଲପୁର, କୁଚିଣ୍ଡା, ଦେବଗଡ଼, ଅନଗୁଳ ଆଦି ଜିଲ୍ଲାକୁ ଯୋଗାଯୋଗ ସହଜ ହୋଇ ପାରିବା ସହ ଦୂରତା କମ ହୋଇ ପାରିଛି । କିନ୍ତୁ ଏହି ସେତୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଦୀର୍ଘ ୩୧ ବର୍ଷରୁ ଉର୍ଦ୍ଧ ସମୟ ଧରି ରାଜ୍ୟର ପ୍ରମୁଖ ସେତୁ ପାଲଟିଥିବା ସାରଙ୍ଗଧର ସେତୁ ଏବେ ଅବହେଳିତ ହୋଇ ରହିଛି । ପ୍ରତ୍ୟେକ ଦିନ ହଜାର ହଜାର ଭାରିଯାନ ଠାରୁ ଆରମ୍ଭ କରି ଅନେକ ଗାଡି ଏହା ଉପରେ ଚଳ ପ୍ରଚଳ କରୁଥିବା ବେଳେ ବର୍ଷର ପ୍ରାୟ ପ୍ରତ୍ୟେକ ସମୟରେ ଏହି ଜରାଜୀର୍ଣ୍ଣ ସେତୁର ମରାମତି କରାଯାଉ ଅଛି । କିନ୍ତୁ ଅଧିକ ଲୋଡ଼ ହେତୁ ଏହାର ଭିତ୍ତିଭୂମି ଦୁର୍ବଳ ହେବାରେ ଲାଗିଛି । ଯାହା ଫଳରେ କେତେବେଳେ ଯେ ସେତୁଟି ଭାଙ୍ଗିନଯିବ ତାହା କହି ହେଉନାହିଁ । ତେଣୁ ବ୍ରାହ୍ମଣୀ ନଦୀର କମଗରା ଠାରେ ଆଉ ଏକ ନୂତନ ତିନି ଲାଇନ ବିଶିଷ୍ଟ ସେତୁ ନିର୍ମାଣ ପାଇଁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି । କାମାକ୍ଷାନଗର ଉପଖଣ୍ଡର ଯମୁନାକୋଟ ଗାଁର ସମାଜସେବୀ ତଥା ନାଟ୍ୟକାର ଅରୁଣ ନାୟକ ଏଥିପାଇଁ ୧ହଜାରରୁ ଉର୍ଦ୍ଧ ଲୋକଙ୍କ ଦସ୍ତଖତ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି ।



ଏଥିପାଇଁ ଏହି ସାରଙ୍ଗଧର ସେତୁ ଉପରେ ନିର୍ଭର କରୁଥିବା କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ ବ୍ଲକ ସମେତ ଢେଙ୍କାନାଳ ଜିଲ୍ଲାର ଅନେକ ଗାଁକୁ ଯାଇ ଆରମ୍ଭ କରିଛନ୍ତି ଦସ୍ତଖତ ଅଭିଯାନ । ପ୍ରାୟ ୧ହଜାରରୁ ଉର୍ଦ୍ଧ ଲୋକଙ୍କ ଦସ୍ତଖତ ଥିବା ଦାବି ପତ୍ର ରାଜ୍ୟ ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ସହ ତୁରନ୍ତ ଏହି ସ୍ଥାନରେ ନୂତନ ସେତୁ ନିର୍ମାଣ କରିବାପାଇଁ ଦାବି କରିଛନ୍ତି ।

# ଆମ୍ବପାଳ ଗ୍ରାମବାସୀଙ୍କ ପକ୍ଷରୁ ହିଙ୍ଗୁଳା ଖଣି ବନ୍ଦ ଆନ୍ଦୋଳନ

ତାଳଚେର, (ସବ୍ୟୁ) : ଜମି ଓ ବାସଗୃହର କ୍ଷତିପୂରଣ ଦାବୀ ନେଇ ଛେଣ୍ଡିପଦା ବ୍ଲକ ଆମ୍ବପାଳ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ହିଙ୍ଗୁଳା କୋଇଲା ଖଣି ବନ୍ଦ ଆନ୍ଦୋଳନ କରାଯାଇଛି । ଆଜି ସକାଳୁ ଶତାଧିକ କ୍ଷତିଗ୍ରସ୍ତ ପ୍ରଜା ହିଙ୍ଗୁଳା କୋଇଲା ଖଣି, ଟାଇମ ଅଫିସ, କୋଇଲା ପରିବହନ ରାସ୍ତା ଆଦି ଅବରୋଧ କରିବାରୁ ଖଣିରୁ କୋଇଲା ଉତ୍ପାଦନ କାର୍ଯ୍ୟ ସଂପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଥିଲା । ସୂଚନାରୁ ପ୍ରକାଶ ଯେ ଆମ୍ବପାଳ ଗ୍ରାମର ୪୭ ଏକର ଜାଗା ଏମ୍‌ସିଏଲ୍ ୧୯୯୪ ମସିହା ଓ ୨୦୧୦ ମସିହାରେ ମୋଟ ଦୁଇଟି ପର୍ଯ୍ୟାୟରେ ଅଧିଗ୍ରହଣ କରିଛି ।

ମାତ୍ର ସେହି ସମାନ ସମୟରେ କୁସୁମପାଳ,ମଲ୍ଲୀବନ୍ଧ ଓ ଗୋପାଳପ୍ରସାଦ ଗ୍ରାମର ତୃତୀୟ ପର୍ଯ୍ୟାୟ ଜମି ଏମ୍‌ସିଏଲ୍ ଅଧିଗ୍ରହଣ କରି ସଂପୃକ୍ତ ଜମିହରା ପ୍ରଜାମାନଙ୍କୁ ନିଯୁକ୍ତି ଓ କ୍ଷତିପୂରଣ ପ୍ରଦାନ କରିଥିବା ବେଳେ ଆମ୍ବପାଳ ଗ୍ରାମର ୨୩୯ଜଣ କ୍ଷତିଗ୍ରସ୍ତ ପ୍ରଜାଙ୍କ ପ୍ରତି ଖଣି କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଫଳରେ ସେମାନେ ଦୀର୍ଘ ୩୦ ବର୍ଷ ହେଲା ଧୂଳି,ଧୂଆଁ ତଥା ପ୍ରଦୂଷଣର ଶିକାର ହୋଇ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ କ୍ଷତିଗ୍ରସ୍ତ ଗ୍ରାମବାସୀମାନେ ଏମସିଏଲ୍‌ର ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ବାରମ୍ବାର ଆପତ୍ତି ଅଭିଯୋଗ କଲେ ମଧ୍ୟ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ସେମାନଙ୍କ ପ୍ରତି ବୈମାତୃକ ଭାବ ପ୍ରଦର୍ଶନ କରୁଛନ୍ତି । ତା.୧୮.୦୯.୨୦୨୪ରିଖରେ ଅନୁଗୋଳ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନ,ଛେଣ୍ଡିପଦା ବିଧାୟକ ଓ ଖଣି କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ସମାଧାନୀ ବୈଠକ ଅନୁଷ୍ଠିତ ହୋଇ ଏହି ସମସ୍ୟାର ସମାଧାନ ସାତ ଦିନ ମଧ୍ୟରେ କରାଯିବ ବୋଲି ଲିଖିତ ପ୍ରତିଶୃତି ଦିଆଯାଇଥିଲା । ପରନ୍ତୁ ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସେମାନଙ୍କ ସମସ୍ୟାର କୌଣସି ସମାଧାନ ନ ହେବାରୁ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯାଇଛି ବୋଲି ଆମ୍ବପାଳ କ୍ଷତିଗ୍ରସ୍ତ ପ୍ରଜାସଂଘର ସଭାପତି ଧର୍ମାନନ୍ଦ ମାଝୀ ଓ ସଂପାଦକ ନାରାୟଣ ବେହେରା ପ୍ରକାଶ କରିଥିଲେ । ଆମ୍ବପାଳ କ୍ଷତିଗ୍ରସ୍ତ ପ୍ରଜାସଂଘର ସଦସ୍ୟ ବିଜୟ ମାଝୀ,କୁଞ୍ଜବିହାରୀ ନାଏକ,ବିଜୟ ନାଏକ,ଭୋଳେଶ୍ୱର ବେହେରା,ବିନୟ ସାହୁ,କୁନା ସାହୁଙ୍କ ସମେତ ଶତାଧିକ କ୍ଷତିଗ୍ରସ୍ତ ପ୍ରଜା ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ରିପୋର୍ଟ ଲେଖା ହେଲାବେଳକୁ ଆନ୍ଦୋଳନ ଜାରି ରହିଛି ।

# ନବରାତ୍ରର ପ୍ରଥମ ଦିବସ : ଶୈଳପୁତ୍ରୀ ବେଶରେ ପୂଜା ପାଇଲେ ମା'

ରାସୋଳ, (ସବ୍ୟୁ) :ହିନ୍ଦୋଳ ଉପଖଣ୍ଡ କୁନୁଆଁ ପିଠାଧିଶ୍ୱରୀ ଶ୍ରୀ ଶ୍ରୀ ମାଆ ସୁକିଆ ବାଉତୀ ଙ୍କ ଶାରଦୀୟ ନବ ଦିନାତ୍ମକ ନବରାତ୍ର ପୂଜା ଆଜି ଠାରୁ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି । ଆଜି ସକାଳେ ୮ ଘଟିକା ବେଳେ ଧାରୀ ମାନେ ସ୍ଥାନୀୟ ପୁଷ୍କରିଣୀ ରୁ ବିଧି ପୂର୍ବକ ଜଳ ସଂଗ୍ରହ କରି ଘଣ୍ଟ ଘଣ୍ଟା ଢୋଲ ଓ ସଙ୍କୀର୍ତ୍ତନ ମଣ୍ଡଳୀ ସହ ଏକ ବିରାଟ ଶୋଭାଯାତ୍ରାରେ ମନ୍ଦୀର ପରିସର ରେ ପହଞ୍ଚିବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଥମେ ନବ ପତ୍ରିକା ପ୍ରବେଶ ପରେ ଅଖଣ୍ଡ ସ୍ଥାପନ, ମଣ୍ଡଳ ପୂଜନ ହୋଇ ଚଣ୍ଡୀ ହବନ କରାଯାଇଥିଲାଛ ଆଜି ସନ୍ଧ୍ୟା ରେ ଦୀପ ଯଜ୍ଞ ପରେ ପିଠାଧିଶ୍ୱରି ଶ୍ରୀ ଶ୍ରୀ ମା' ସୁକିଆ ବାଉତୀ ଙ୍କ ମହାସ୍ନାନ ହୋଇ ଷୋଡଶ ଉପଚାର ପୂଜନ ହେବ । ପ୍ରଥମ ଦିବସର ପ୍ରଥମ ସ୍ୱରୂପରେ ଦେବୀ ଭକ୍ତ ମାନଙ୍କ ଶୈଳ ପୁତ୍ରୀ ବେଶରେ ଦର୍ଶନ ଦେଇଥିଲେ । ମା ' ସୁକିଆ ବାଉତୀ ସେବା ସମିତି ଆନୁକୁଲ୍ୟରେ ଆୟୋଜିତ ଏହି ନବରାତ୍ର ପୂଜାରେ ମୁଖ୍ୟ ଆଚାର୍ଯ୍ୟ ଭାବେ ପଣ୍ଡିତ ନୀରଦ ମିଶ୍ର ଯୋଗ ଦେଇଥିବା ବେଳେ ସହଯୋଗୀ ଆଚାର୍ଯ୍ୟ ଭାବେ ପଣ୍ଡିତ ସୁବାସ ଚନ୍ଦ୍ର ମିଶ୍ର, ସୌଭାଗ୍ୟ ରଞ୍ଜନ ସର, ଜଗଦୀଶ ମିଶ୍ର ଓ ହରମୋହନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ପୂଜାକାର୍ଯ୍ୟ କରିଥିଲେ । ମୁଖ୍ୟ କର୍ତ୍ତା ଭାବେ ସପତ୍ନିକ ଶରତ କୁମାର ସାମଲ ଓ ନମିତା ସାମଲ ଯୋଗ ଦେଇ ଥିଲେ। ଦେବୀ ଙ୍କ ନିତ୍ୟ ସେବକ ହୃଷୀ କେଶ ଦେହୁରୀ ଠାକୁରାଣୀ ଙ୍କୁ ବେଶ କରିଥିଲେ । ଆଜି ସ୍ଥାନୀୟ କୁନି କୁନି କଳାକାର ମାନଙ୍କୁ ନେଇ ନୃତ୍ୟାଞ୍ଜଳୀ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା ତିନି ତାରିଖ ଗୁରୁବାର ପୂଜା ଆରମ୍ଭ ହୋଇ ଏଗାର ତାରିଖ ରାତିରେ ନବରାତ୍ର ପୂଜନ ର ପୂର୍ଣ୍ଣାହୁତୀ ହେବେ । ଏଥିରେ ବହୁ ସଂଖ୍ୟା ରେ ଭକ୍ତ ମାନେ ଯୋଗ ଦେଇ ମାତୃ କୃପା ଲାଭ କରିବା ପାଇଁ ଆୟୋଜକ ମାଆ ସୁକିଆ ବାଉତୀ ସେବା ସମିତି ର କର୍ମକର୍ତ୍ତା ମାନେ ନିବେଦନ କରିଛନ୍ତି ।

# ଓଏଭି ହିନ୍ଦୀ ପକ୍ଷ ଉଦ୍‌ଯାପିତ

ଗୋଡ଼ିବନ୍ଧ,(ସବ୍ୟୁ) : ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ମହୁଲପାଳ)ରେ ମହା ଆଡ଼ମ୍ବରରେ ହିନ୍ଦୀ ପକ୍ଷ ପାଳିତ ହୋଇ ଯାଇଅଛି । ହିନ୍ଦୀ ଦିବସର ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୪ରୁ ଆରମ୍ଭ ହୋଇ ୨୮ ତାରିଖରେ ଉଦ୍ୟାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଅମିତ କୁମାର ସାମନ୍ତରାୟ ସଭାପତିତ୍ୱ କରିଥିବା ବେଳେ ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ କନକଡ଼ାହାଡ଼ ଉଚ୍ଚ ବିଦ୍ୟାଳୟ ସଂସ୍କୃତର ହିନ୍ଦୀ ଶିକ୍ଷକ ସରୋଜ କୁମାର ଦାସ ,ମୁଖ୍ୟବକ୍ତା ଧଉମପୁର ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପଦ୍ମ ଚରଣ ବେହେରା ଏବଂ ସମ୍ମାନିତ ଅତିଥି ଦେବଗଡ଼ ଜିଲ୍ଲା ବାଘବଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ବସନ୍ତ କୁମାର ବରାଳ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ବର୍ତ୍ତମାନ ସମୟରେ ରାଷ୍ଟ୍ରଭାଷାର ମହତ୍ତ୍ୱ ଏବଂ ନିଜ ମାତୃଭାଷାକୁ ସମ୍ମାନ କରିବା ସହ ଆଗାମୀ ଦିନରେ ଛାତ୍ରଛାତ୍ରୀ ମାନେ ସଚେତନ ହୋଇ ଆମ ରାଷ୍ଟ୍ରଭାଷାର ଗୌରବକୁ ଅକ୍ଷୁର୍ଣ୍ଣ ରଖିବାକୁ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ବୁଝାଇ କହିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦଶମ ଶ୍ରେଣୀ ଛାତ୍ର ଭବାନୀ ଶଙ୍କର ବେହେରା, ନବମ ଶ୍ରେଣୀ ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ସାହୁ ଓ ଶୁଭଶ୍ରୀ ମହାନ୍ତି ହିନ୍ଦୀ ଦିବସ ବିଷୟରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଏବଂ କନିଷ୍ଠ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପୂର୍ବରୁ ହିନ୍ଦୀ ବକ୍ତୃତା , କବିତା ଓ ପ୍ରବନ୍ଧ ଲିଖନ ପ୍ରଭୃତି ଅନେକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସର୍ବ ଶେଷରେ ବିଦ୍ୟାଳୟର ଛାତ୍ରୀ ଦୀପ୍ତିମୟୀ ନାହାକ, ରାଲୀ ପ୍ରଧାନ, ପ୍ରଜ୍ଞା ଲକ୍ଷ୍ମିତା ଦେହୁରୀ ଏବଂ ସ୍ୱର୍ଣ୍ଣପ୍ରଭା ମହାପାତ୍ର ନୃତ୍ୟ ପରିବେଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ-ଅଭିଭାବକ ସଂଘର ସଭାପତି ବସନ୍ତ କୁମାର ନାୟକ ଓ ସଦସ୍ୟ ରଂଜିତ କୁମାର ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରାଧାମୋହନ ପୂଜାହାରୀ ମଞ୍ଚ ପରିଚାଳନା କରିଥବା ବେଳେ ଆଇଟି ଶିକ୍ଷକ ଅମଳେନ୍ଦୁ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଘରେ ଲାଗିଲା ନିଆଁ

ଢେଙ୍କାନାଳ , (ସବ୍ୟୁ) : ଢେଙ୍କାନାଳ ସହରସ୍ଥିତ ଦକ୍ଷିଣକାଳୀ ରାସ୍ତାରେ ଥିବା ଦେବୀ ଦୁର୍ଗା ଚିକିତ୍ସାଳୟ ନିକଟରେ ଥିବା ଏକ ଘରେ ଲାଗିଥିବା ନିଆଁକୁ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଲିଭାଇବାରେ ସକ୍ଷମ ହୋଇଛନ୍ତି। ରାତି ପ୍ରାୟ ୩ଟା ୪୫ ମିନିଟରେ ଦକ୍ଷିଣକାଳୀ ରାସ୍ତାରେ ଥିବା ଦେବୀ ଦୁର୍ଗା ଚିକିତ୍ସାଳୟ ନିକଟସ୍ଥ ଅମୃତ କୁମାର ବିଶ୍ୱାଳଙ୍କ ଘରେ ନିଆଁ ଲାଗିଥିବାର ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ସେଠାରେ ପହଞ୍ଚି ଅଗ୍ନିନିର୍ବାପକ ଯନ୍ତ୍ର ଦ୍ୱାରା ନିଆଁକୁ ଆୟତ୍ତକରିଥିଲେ। ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବାର ଜଣାପଡିଛି।

# ୩ ବାଇକ ଜବତ, ୩ ଗିରଫ

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ପୋଲିସ ପକ୍ଷରୁ ବୁଧବାର ଦିନ ୫୫ ନମ୍ବର ଜାତୀୟ ରାଜପଥ ର ନାକିଟି ଅଞ୍ଚଳ ରେ ଗାଡି ମଟର ଯାଞ୍ଚ କରାଯାଇଛି । ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡି ଗୁଡିକ ଯାଞ୍ଚ କରାଯାଇଥିଲା । ଏହି ସମୟ ରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗ ରେ ଆଠମଲ୍ଲିକ ଅଞ୍ଚଳର ଜଗବନ୍ଧୁ ସାହୁ , ଗଦେଇମୁଣ୍ଡା ଗ୍ରାମର ସଦାନନ୍ଦ ପ୍ରଧାନ , ଧଉରାଗୋଠ ଅଞ୍ଚଳ ର କ୍ଷୀରୋଦ କୁମାର ସାହୁ । ସେମାନଙ୍କ ଠାରୁ ୩ ଟି ବାଇକ ଜବତ କରିଛି । ସେମାନେ ମଦ୍ୟ ପାନ କରି ବାଇକ ଚଳାଉଥିବା ବେଳେ ହଣ୍ଡପା ଆଇଆଇସି ନମିତା ନାୟକ ଗିରଫ କରିଥିଲେ । ଏ ନେଇ ୩ ଟି ମାମଲା ରୁଜୁ କରାଯାଇଛି ।

# ନୂତନ ସଦର ଉପଜିଲ୍ଲାପାଳଙ୍କ ଯୋଗଦାନ

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ସଦରରେ ନୂତନ ଉପଜିଲ୍ଲାପାଳ ତଥା ସବଡିଭିଜନାଲ ମାଜିଷ୍ଟ୍ରେଟ ଭାବରେ ବିବୁଦ୍ଧ ଗଡନାୟକ ନିଜ କାର୍ଯ୍ୟରେ ଗୁରୁବାର



ପୂର୍ବାହ୍ନରେ ଯୋଗଦାନ କରିଛନ୍ତି । ପୂର୍ବରୁ ସେ ଜଗତସିଂହ ପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବରେ ସୁଚାରୁ ରୂପେ କାର୍ଯ୍ୟ କରିଛନ୍ତି । ସେ ଯୋଗଦାନ କରିବା ପରେ ବର୍ତ୍ତମାନ ପାର୍ବଣ ଋତୁରେ ଦଶହରା ଏବଂ ଲକ୍ଷ୍ମୀ ପୂଜା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ଲୋକମାନେ କିପରି ସୁବିଧାରେ ଦର୍ଶନ କରିବା ସହିତ ଶାନ୍ତି ଶୃଙ୍ଖଳା ଦିଆଯିବ ତା ଉପରେ ପ୍ରାଥମିକତା ଦିଆଯିବ ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି । ସେହିପରି ରାଜସ୍ୱ ମାମଲା ଗୁଡିକ ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ସେ ପ୍ରାଥମିକତା ଦେଇଛନ୍ତି ।

# ବିଜେପିର ସଦସ୍ୟତା ଗ୍ରହଣ କଲେ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ

ଭୁବନ ,(ସବ୍ୟୁ) :ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ରେ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଜେପି ର ସଦସ୍ୟତା ଗ୍ରହଣ କରିଛନ୍ତି । ଯୁବ ମୋର୍ଚ୍ଚା ସଭାପତି ନିର୍ମଳ ଚନ୍ଦ୍ର ଗୁରୁ,ଉପ ସଭାପତି ସୁବାସ ଚନ୍ଦ୍ର ଦାସ,ସାଧାରଣ ସମ୍ପାଦକ ଜଗବନ୍ଧୁ ଗୁରୁ ,ଜିଲ୍ଲା ସାଧାରଣ ସମ୍ପାଦକ ଡମ୍ବରୁଧର ପାତ୍ର ,ମିଡ଼ିଆ ସେଲ ପ୍ରଭାରୀ ସନ୍ତୋଷ ରାଉଳ, ଜଗନ ବେଜ,ଚିନ୍ମୟ ପୃଷ୍ଟି,ପୂର୍ବତନ ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ବିହାରୀଙ୍କ ବହୁ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଯୁକ୍ତ ତିନି ର ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ମୋବାଇଲରେ ବିଜେପିର ସଦସ୍ୟ ହୋଇଥିଲେ । ଏହି ଅବସରରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ପହଞ୍ଚି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ପଥରମୁଣ୍ଡା ଯଜ୍ଞ ମଣ୍ଡପ ଓ ଗୋଷ୍ଠୀ କେନ୍ଦ୍ର ଉଦଘାଟିତ

କଣିହାଁ, (ସବ୍ୟୁ) : କଣିହାଁ ବ୍ଲକ ପଥରମୁଣ୍ଡା ଗ୍ରାମର ଶ୍ରୀ ଜଗନ୍ନାଥ ମନ୍ଦିରର ଯଜ୍ଞ ମଣ୍ଡପ ଓ ନୂତନ ଗୋଷ୍ଠି କେନ୍ଦ୍ରର ଶୁଭ ଉଦଘାଟନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନୀତ ଅତିଥି ଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ୯ନଂ ଜୋନ ଜିଲ୍ଲା ପରିଷଦ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଉଦ ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପଥରମୁଣ୍ଡା ଗ୍ରାମର ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଅଜଣା ଯୁବକଙ୍କ ଶବ ଉଦ୍ଧାର

ବଇଣ୍ଡା ,(ସବ୍ୟୁ) : ହଣ୍ଡପା ଥାନା ଅନ୍ତର୍ଗତ ବଇଣିଣା ଟ୍ରେନ ଲାଇନ ସାଇଡରୁ ଏକ ଅଜଣା ଯୁବକଙ୍କ ଶବ ଉଦ୍ଧାର । ବୟସ ପାଖା ପାଖି ୨୦ ହେବ ବୋଲି ଜଣାପଡିଛି। ରେଢ଼ାଖୋଲ ରେଲୱେ ପୁଲିସ ଶବ ଜବତ କରି ତାଳଚେର ପଠେଇ ଦିଆଯାଇଥିବା ରେଲୱେ ପୁଲିସସୂଚନା ଦେଇଛି ।

# ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା

ତାଳଚେର,(ସବ୍ୟୁ) :ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଦଳର ସୁପ୍ରିମ ନବୀନ ପଟ୍ଟନାୟକଙ୍କଆହ୍ୱାନ କ୍ରମେ ସାରା ରାଜ୍ୟରେ ବିଜୁ ଜନତା ଦଳର ଜନସମ୍ପର୍କପଦ ଯାତ୍ରା ଆରମ୍ଭ ହୋଇଛି । ଆଜି ତାଳଚେର ରାଣୀପାର୍କ ବସଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ ସହ ସେଠାରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା । ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଲନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ସାମିଲ ହୋଇ ପଦଯାତ୍ରା ହୋଇଥିଲା । ବିଜେପି ସରକାର କିପରି ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସରକାରକୁ ଆସିଛନ୍ତି । ସୁଭଦ୍ରା ଯୋଜନା ୩ଶହ ୟୁନିଟ୍ ବିଜୁଳି ଫ୍ରି, ପ୍ରତ୍ୟେକ ମାଆ ମାଉସୀଙ୍କୁ ଭତା ଦେବାନେଇ ପ୍ରତିଶ୍ରୁତିଦେଇ ଦେଇଥିଲେ ବୋଲି ଲୋକମାନଙ୍କୁ ସଚେତନତା କରାଯାଇଥିଲା । ତେବେ ଏହି ପଦଯାତ୍ରା ସହରାଚଂଳର ବିଭିନ୍ନ ୱାର୍ଡ଼ ଓ ସହରପରିକ୍ରମା କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ସମୟରେ ଲୋକଭିମୁଖୀ ଯୋଜନା ଲୋକଙ୍କ ପାଖରେ ପଂହଚୁଥିଲା ସେ ବର୍ଣ୍ଣନା କରିଥିଲେ । ପରିଶେଷରେ ମେଡ଼ିକାଲ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିଭୂର୍ତିରେ ମାଲ୍ୟାର୍ପଣ କରି ଉପଖଣ୍ଡିଚିକିତ୍ସାଳୟରେ ଫଳ ବଂଟନ କରାଯାଇଥିଲା ।

# ଅଭିଭାବକ ଶିକ୍ଷକ ସମନ୍ୱୟ ବୈଠକ

ଭୁବନ ,(ସବ୍ୟୁ) : ଭୁବନ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରେ ଅଭିଭାବକ ଓ ଶିକ୍ଷକ ମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ୨ ଅଧକ୍ଷା ଶ୍ରୀମତୀ ସୁପ୍ତିମୟି ସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୩ ର ଅଧକ୍ଷ ଦିଲ୍ଲୀପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଭିଭାବକ ମାନେ ପିଲାମାନଙ୍କର ସମସ୍ତ କାର୍ଯ୍ୟକଳାପ ଓ ପାଠ ପଢା ଉପରେ ଗୁରୁତ୍ୱ ଆରୋପ ପାଇଁ ପରାମର୍ଶ ଦେଇଥିଲେ । କେନ୍ଦ୍ର ସରକାରଙ୍କ ର ନିର୍ଦ୍ଦେଶ କ୍ରମେ ଆପାର ଆଇ ଡି ସମସ୍ତ ପିଲାମାନଙ୍କର ନିତ୍ୟାନ୍ତ ଜରୁରୀ , ସେ ବିଷୟରେ ବିଶଦ ଭାବରେ ସଭା ଉପସ୍ଥାପିକା ଡଃ ତେଜସ୍ୱିନି ବେହେରା ସମ୍ୟକ୍ ଧାରଣା ଦେଇଥିଲେ ଏବଂ ଅଭିଭାବକ ମାନଙ୍କୁ ବିଦ୍ୟାଳୟ ସମ୍ବନ୍ଧୀୟ ସମସ୍ତ ତଥ୍ୟ କୁ ଅର୍ଥନୀତି ବିଭାଗ ର ଅଧାପିକା ମଞ୍ଜୁସା ମଞ୍ଜରୀ ମିଶ୍ର ଏବଂ ବରିଷ୍ଠ କିରାଣୀ ଏ ବିଷୟରେ ଅବଗତ କରାଇଥିଲେ । ଏହି ସଭାରେ ରାଜନୀତି ବିଭାଗ ଅଧାପିକା ଶ୍ରୀମତୀ ପ୍ରଣତି ବେହେରା ଏବଂ ଓଡ଼ିଆ ବିଭାଗ ଅଧାପିକା ନମିତା ଦ୍ୱିବେଦୀ ବାଣିଜ୍ୟ ବିଭାଗର ଅଧାପକ ସୁଧାଂଶୁ ଶେଖର ଓଝା, ସୁଧାଂଶୁ ବେହେରା,ଲାଇବ୍ରେରିୟାନ ଗୟାଧର ଦାସ, ବାସନ୍ତୀ ବେହେରା, ସୁରେନ୍ଦ୍ର ଗୁରୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବରିଷ୍ଠ କିରାଣୀ ବିଜୟ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଚିତ ଭଡ଼ା ପ୍ରଦାନ ନେଇ ତାଳଚେର ଟ୍ରକ ମାଲିକ ସଂଘର ବୈଠକ

# ଟ୍ରକ ଯୋଗେ ପରିହବନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ

ତାଳଚେର,(ସବ୍ୟୁ) : ତାଳଚେରରେ ଟ୍ରକ ଯୋଗେ କୋଇଲା ପରିହବନ କ୍ଷେତ୍ରରେ ଘୋର ଅବ୍ୟବସ୍ଥା ଦେଖା ଦେବାରୁ ଟ୍ରକ ମାଲିକ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଆନ୍ଦୋଳନ ଦ୍ୱିତୀୟ ଦିନରେ ପଂହଚିଛି । ଫଳରେ ଟ୍ରକ ଯୋଗେ କୋଇଲା ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇ ଯିବାରୁ କଳାଳକାରଖାନା ଶିଳ୍ପ ଗୁଡ଼ିକରେ କୋଇଲା ସଙ୍କଟ ଦେଖାଦେଇଥିବା ଜଣାପଡ଼ିଛି । ବିଶେଷକରି ଟ୍ରକମାଲିକମାନଙ୍କ ପ୍ରତି ପରିବହନକାରୀ ସଂସ୍ଥାର ଅସହଯୋଗ ଓ ବର୍ଦ୍ଧିତଭଡ଼ା କଟା ନୀତିଯୋଗୁଁ ଟ୍ରକମାଲିକମାନଙ୍କ ଦୁଃଖ ଦୂରହେବା ପରେବର୍ତେ ଦିନକୁ ଦିନ ସମସ୍ୟା ଜଟିଳ ହେବାକୁ ଯାଉଛି ବୋଲି ଟ୍ରକମାଲିକମାନେ ଏହା ପ୍ରକାଶ କରିଛନ୍ତି । ଟ୍ରକମାଲିକମାନେ ନିଜର ଗୁଜୁରାଣ ମେଂଟାଇବା କଷ୍ଟକର ବ୍ୟାପର ହୋଇଛି । ଯାହା ଫଳରେ ଟ୍ରକମାଲିକଙ୍କ ପରିବାର ଉପରେ କଳାବାଦଲ ଘେରି ରହିଛି । ଗତ ୧୦ମାସ ତଳେ ଭଡ଼ାବୃଦ୍ଧିପାଇ ପାଇଁ ଟ୍ରକ ମାଲିକସଂଘ ପକ୍ଷରୁ ବଡ଼ଧରଣର ଆନ୍ଦୋଳନ କରାଯାଇଥିଲା । ଫଳରେ ଟ୍ରକ ମାଲିକମାନଙ୍କ ଭଡ଼ା ବୃଦ୍ଧିନେଇ ସ୍ଥାନୀୟ ବିଧାୟକ ପ୍ରଶାସନ ଓ ପରିବହନକାରୀ ସଂସ୍ଥା ପ୍ରତିନିଧିଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନାରେ ଭଡ଼ାବୃଦ୍ଧି ନେଇ ନିଷ୍ପତି କରାଯାଇଥିଲା ।

ତେବେ ନିଷ୍ପତି ମୁତାବକ ୪-୫ମାସ ଠିକଠାକ ଚାଲିବାପରେ ପୁଣି ଏହି ନିଷ୍ପତିରୁ ପରିବହନକାରୀ ସଂସ୍ଥା ଓହରି ଯାଇଛନ୍ତି । ଏବେ ଭଡ଼ା ବୃଦ୍ଧି ନିଷ୍ପତ ତ ଦୂରର କଥା ପୁରୁଣା ଭଡ଼ାରୁ କାଟି ଉଚିତ୍ ରେଟ୍ ବଦଳରେ କମ ରେଟରେ ପରିପହନକାରୀ ସଂସ୍ଥା ଟ୍ରକମାଲିକଙ୍କୁ ଅର୍ଥ ପ୍ରଦାନ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ତେବେ ପ୍ଲାଂଟ ସହିତ ସଲାସୁତରା କରି କିଛି ଦଲାଲ ସାଜି ପରିହନ ସଂସ୍ଥାମାନେ ଏପରି ପରିସ୍ଥିତ କରୁଛନ୍ତି ବୋଲି ଟ୍ରକମାଲିକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି । ଟ୍ରକମାଲିକଙ୍କ ବଢ଼ି ଚାଲିଥିବା ଦୁର୍ଦ୍ଦଶାକୁ କିପରି ସମାଧାନ କରିବାକୁ ହେବ ସେଥିନେଇ ବିସ୍ତୃତ ଆଲୋଚନା କରାଯାଇ ପରିବହନକାରୀ ସଂସ୍ଥାକୁ ବିରୋଧକରି ଆନ୍ଦୋଳନକୁ ମାଲିକ ମାନେ ଓହ୍ଲାଇଛନ୍ତି ।

ସଂଘର ସଭାପତି ଅରବିନ୍ଦ ଭୂତିଅ. ରତନ ଶତପଥୀ, କାର୍ଯ୍ୟକାରୀ ସଭାପତି ଟୁକୁନା ସ୍ୱାଇଁ, ଉପଦେଷ୍ଟା ମୂରଲୀ ସାହୁ, ଆଂଚଳିକ ଟ୍ରକମାଲିକ ସଂଘର ସଭାପତି, ଗ୍ରାମାଚଂଳ ଟ୍ରକମାଲିସଂଘ ସଭାପତି ବିଜୟ କୁମାର ସାହୁ ଏବଂ ପ୍ରତ୍ୟେକ ଇନଚାର୍ଜମାନେ ଏଥିରେ ଉପସ୍ଥିତ ଥିଲେ । ଏହିନିଷ୍ପତିକୁ ଭିତିକରି ଟ୍ରକମାଲିକମାନେ ସମ୍ପୂର୍ଣ୍ଣଭାବେ ଆଜି ଠାରୁ ଆନ୍ଦୋଳନ ଜାରି ରଖିଥିବା ଜଣାପଡ଼ିଛି ।

# ହାଇସ୍କୁଲରେ ସିସି କ୍ୟାମେରା ଲଗାଇବାକୁ ଦାବି

ଆଠମଲ୍ଲିକ , (ସବ୍ୟୁ) : ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କରିବାକୁ ସ୍କୁଲ ପରିଚାଳନା କମିଟି ତରଫରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଆଇ ଏ ଏସ ) ତେଜସ୍ୱିନୀ ବେହେରାଙ୍କୁ ଦାବିପତ୍ର ଦିଆ ଯାଇଥିବା ଜଣାପଡିଛି । ଦାବୀ ଗୁଡିକ ମଧ୍ୟରେ ମୁଖ୍ୟତଃ ୯୦୦ ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ପାଠ ପଢୁଥିବା ଉଚ୍ଚ ବିଦ୍ୟାଳୟ ରେ ୧୦୦୦ ସିଟ ବିଶିଷ୍ଟ ଏକ ମିଟିଙ୍ଗ ହଲନିର୍ମାଣ, ସ୍କୁଲ ପରିସରରେ ସି ସି ଟିଭି ଲଗାଇବା ଓ ପ୍ରାର୍ଥନା ହେଉଥିବା ସ୍ଥାନରେ ଫେବର ବ୍ଲକ ଲଗାଇବା ପ୍ରଭୃତି ରହିଛି । ଦାବିପତ୍ର ଗ୍ରହଣ କରି ବିଡ଼ିଓ ତେଜସ୍ୱିନୀ ବେହେରା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଙ୍କୁ ସ୍କୁଲ ପରିଦର୍ଶନ ରେ ଯିବାକୁ ନିର୍ଦ୍ଦେଶ ଦିଆ ଯିବ ବୋଲି କହିଥିଲେ । ଦାବିପତ୍ର ଦେବା ସମୟ ରେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁନିଲ କୁମାର ପ୍ରଧାନ,ପରିଚାଳନା କମିଟି ସଭାପତି ସଦାନନ୍ଦ ଦନ୍ତା, ପରିଚାଳନା କମିଟି ର ସଭ୍ୟ ଉଦିପ୍ତ ପୁରୋହିତ ଉପସ୍ଥିତ ଥିଲେ ।

# ହିନ୍ଦୋଳରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ହିନ୍ଦୋଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ହିନ୍ଦୋଳ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ପଞ୍ଜିକୃତ ୧୫୧ଟି ଅଭିଯୋଗର ସମାଧାନ ହୋଇଥିବାବେଳେ ସେଥିରୁ ବ୍ୟକ୍ତିଗତ ୧୩୩ଟି,ସାମୁହିକ ଗ୍ରାମସମସ୍ୟା ୬ଟି,ରେଡକ୍ରସ ୪ଟି ଟି ହୋଇଥିବାବେଳେ ତୁରନ୍ତ ୬୭ଟି ସମସ୍ୟାର ସମାଧାନ ହୋଇଥିଲା ଏବଂ ରେଡ଼କ୍ରସ/ସିଏମଆରଏଫ ବାବଦରେ ୨୪ ହଜାରଟଙ୍କା ପ୍ରଦାନ କରାଯାଇଥିଲା । ହିନ୍ଦୋଳ ଉପଖଣ୍ଡ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପକ୍ଷରୁ ଶିକ୍ଷା ଅବ୍ୟବସ୍ଥା, ବିଦ୍ୟୁତ ସମସ୍ୟା ଓ ସହରରେ ବୁଲା ଗାଈଗୋରୁଙ୍କ ଉପଦ୍ରବ ସମସ୍ୟାର ସମାଧାନ ପାଇଁ ଅଭିଯୋଗପତ୍ର ଦିଆଯିବା ସହ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିଲା । ତେବେ ଗୁଳୁଗୁଳି ଓ ଅସହ୍ୟ ଗରମରେ ଦୂରଦୁରାନ୍ତରୁ ଆସୁଥିବା ଅଭିଯୋଗକାରି ବୃଦ୍ଧ, ବୃଦ୍ଧା, ମହିଳା, ରୋଗୀ ଓ ବୟସ୍କ ମାନଙ୍କପାଇଁ ବସିବା, ବିଶ୍ରାମନେବା, ପିଇବାପାଇଁ ପାଣି ଇତ୍ୟାଦି ବ୍ୟବସ୍ଥା ବ୍ଲକପ୍ରଶାସନ ପକ୍ଷରୁ କରାଯାଇନଥିବାରୁ ଜନସାଧାରଣ ଡହଳବିକଳ ହେଉଥିବାର ଦେଖାଯାଇଥିଲା । ଅଭିଯୋଗ ଶୁଣାଣି ଶିବିରରେ ପିଡ଼ି ଡିଆରଡିଏ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଏସଡିପିଓ ଦୀପକ ଜେନା, ବିଡ଼ିଓ ବିନିତା ବିଜୟିନୀ, ତହସିଲଦାର ଦିଲିପ ସେଠି,ଏସଡ଼ିଏମଓ ସୁଧାଂଶୁ ମିଶ୍ର, ବ୍ଲକ ଅଧ୍ୟକ୍ଷଝ ସସ୍ମିତାରାଣୀ ନାଏକ, ଏନଏସି ନିର୍ବାହୀ ଅଧିକାରୀ ନିରଞ୍ଜନ ଗୁରୁ ଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ତାଳଚେର ଥର୍ମାଲରେ ସ୍ୱଚ୍ଛତା ପକ୍ଷ ସମାପନ

ତାଳଚେର, (ସବ୍ୟୁ) : ଏନ୍‌ଟିପିସି ତାଳଚେର ଥର୍ମାଲ ୧୪ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ଆୟୋଜିତ ସ୍ୱଚ୍ଛତା ପଖୱାଡ଼ା ମାଧ୍ୟମରେ ସ୍ୱଚ୍ଛ ଏବଂ ସବୁଜ ପରିବେଶ ପ୍ରତି ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି । ଏହି ପ୍ରୟାସଟି ଜାତୀୟ ସ୍ୱଚ୍ଛ ଭାରତ ଅଭିଯାନ ସହ ସମନ୍ୱିତ ହୋଇଥିଲା, ଯାହା ସ୍ୱଚ୍ଛତା ଏବଂ ସାମୁଦାୟିକ ଭାଗିଦାରିକୁ ପ୍ରୋତ୍ସାହନ ଦେଇଥାଏ ।

ଦୁଇ ସପ୍ତାହ ଧାରାବାହିକ ଅଭିଯାନ ସମୟରେ, ତାଳଚେର ଥର୍ମାଲ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରି ଥିଲା ଯାହାର ଲକ୍ଷ୍ୟ ଥିଲା ସ୍ୱଚ୍ଛତା ସମ୍ବନ୍ଧୀୟ ଜାଗରୂକତା ବୃଦ୍ଧି କରିବା, କେବଳ କାରଖାନା ପରିସରରେ ନୁହେଁ, ନିକଟବର୍ତ୍ତୀ ସମୁଦାୟମାନଙ୍କ ପାଖରେ ମଧ୍ୟ ସେମାନଙ୍କମଧ୍ୟରେ ଥିଲା ଅନେକ କାର୍ଯ୍ୟକ୍ରମ । ଯେପରିକି ଛାତ୍ରଛାତ୍ରୀମାନଙ୍କ ସ୍ୱଚ୍ଛତା ଜାଗରଣ ପାଇଁ ସ୍ୱଚ୍ଛତା ସାମଗ୍ରୀ ବଣ୍ଟନ, ଏକ ପଦଯାତ୍ରା, ଯାହା ସ୍ୱଚ୍ଛତା ଆନ୍ଦୋଳନରେ ସାମୁଦାୟିକ ଭାଗିଦାରିକୁ ପ୍ରୋତ୍ସାହନ କରିଲା, ସରକାରୀ ବିଦ୍ୟାଳୟରେ ସ୍ୱଚ୍ଛତା ର ଗୁରୁତ୍ୱ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଚିନ୍ତା କରିବାକୁ ପ୍ରେରିତ କରିବାକୁ ପ୍ରତିଯୋଗିତା ଏବଂ ନିକଟସ୍ଥ ବଜାର ଅଞ୍ଚଳରେ ନୁକ୍କଡ଼ ନାଟକ ଯାହା ଆମ ଦାୟିତ୍ୱରେ ସ୍ୱଚ୍ଛତା ରଖିବାର ଆବଶ୍ୟକତାକୁ ସୃଜନଶୀଳ ଭାବେ ପ୍ରକାଶ କଲା । ଏହା ସହିତ, ସଫାଇ ମିତ୍ର ସୁରକ୍ଷା ଶିବିର ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଠାରେ ସଫାଇ କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଦିଗ ଓ ସହଯୋଗୀ ବିଷୟରେ ଜାଣିବାରେ ସାହାଯ୍ୟ ମିଳିଲାଛ ସେମାନଙ୍କ ପାଇଁ ବିଶେଷ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା ।

ଏହି ଅବସରରେ, ତାଳଚେର ଥର୍ମାଲର ପରିଯୋଜନା ପ୍ରମୁଖ ଏବଂ ସିଜିଏମ ଶ୍ରୀ ବିଜୟ ଚନ୍ଦ୍ର ନିଜ କହିଲେ, ସ୍ୱଚ୍ଛତା କେବଳ ଏକ ପ୍ରଚାର ନୁହେଁ, ବରଂ ଏହା ପ୍ରତ୍ୟେକ ଲୋକଙ୍କର ଦାୟିତ୍ୱ ଅଟେ । ତାଳଚେର ଥର୍ମାଲରେ,




ଆମେ ଆମର ସମୁଦାୟ ଏବଂ କାର୍ଯ୍ୟସ୍ଥଳରେ ସ୍ୱଚ୍ଛତା ଏବଂ ପରିବେଶୀୟ ସୁସ୍ଥିରତାକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧ ଅଛୁ । ଆମ ସାମୂହିକ ପ୍ରୟାସ ମାଧ୍ୟମରେ, ଆମେ ଏକ ସ୍ୱଚ୍ଛ , ସ୍ୱାସ୍ଥ୍ୟକର ଏବଂ ଅଧିକ ସୁସ୍ଥ ଭବିଷ୍ୟତ ତିଆରି କରିପାରିବା ।

ସ୍ୱଚ୍ଛତା ପଖୱାଡ଼ାର ସମାପନ ୨ ଅକ୍ଟୋବର ୨୦୨୪ ରେ ଏକ ବୃକ୍ଷାରୋପଣ ଅଭିଯାନ ସହିତ ହୋଇଥିଲା, ଯାହା ସଂଗଠନର ସବୁଜ ଏବଂ ସୁସ୍ଥ ପରିବେଶ ପ୍ରତି ନିଷ୍ଠାକୁ ପ୍ରତିନିଧିତ୍ୱ କରିଥିଲା ।

ଏହି ସମୟରେ ଅନେକ ଚାରା ଲଗାଯାଇଥିଲା, ଯାହା ପରିବେଶ ସୁରକ୍ଷା ପ୍ରତି ତାଳଚେର ଥର୍ମାଲର ନିରନ୍ତର ପ୍ରୟାସକୁ ଅଧିକ ଶକ୍ତିଶାଳୀ କରିଦେଲା । ଏହି ଅଭିଯାନରେ କର୍ମଚାରୀ, ସେମାନଙ୍କର ପରିବାରବର୍ଗ ଏବଂ ସ୍ଥାନୀୟ ସମୁଦାୟର ସକ୍ରିୟ ଭାଗିଦାରି ଥିଲା, ସମସ୍ତେ ଏକ ସ୍ୱଚ୍ଛା ଏବଂ ସବୁଜ ଭବିଷ୍ୟତକୁ ସମର୍ଥନ କଲେ ।

# ଜରପଡା ପତିତପାବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ସମାରୋହ



ଅନୁଗୁଳ/ଛେଣ୍ଡିପଦା, (ସବ୍ୟୁ) : ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଜରପଡା ପତିତ ପାବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସ୍ଥାନୀୟ ଜରପଡା ଫରେଷ୍ଟ ରେଞ୍ଜ ପକ୍ଷରୁ ୭୦ ତମ ରାଜ୍ୟ ସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି ।

ଜରପଡା ସେକ୍ସନ ଫରେଷ୍ଟର ବସନ୍ତ କୁମାର ଗଡନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଅଧକ୍ଷା ଶକ୍ତି ସରୂପା ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆୟୋଜିତ ଜନସଚେତନତା କାର୍ଯ୍ୟକ୍ରମ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯିବାର ଲକ୍ଷ୍ୟ ଉଦ୍ଦେଶ୍ୟ ତଥା ଆବଶ୍ୟକତା ସମ୍ପର୍କରେ ସବିଶେଷ ଭାବେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କତଡା ସେକ୍ସନ ଫରେଷ୍ଟର ପଙ୍କଜ ବେହେରା ଯୋଗ ଦେଇ ସରକାରଙ୍କ ପକ୍ଷରୁ ବନ୍ୟପ୍ରାଣୀ ତଥା ବନ୍ୟଜନ୍ତୁଙ୍କ ସୁରକ୍ଷା ସକାଶେ ନିଆଯାଇଥିବା ପଦକ୍ଷେପ ଏବଂ ଆଇନଗତ କଟକଣା ଉପରେ ସବିଶେଷ ସୂଚନା ଦେଇଥିଲେ । ସେହିପରି ବରିଷ୍ଠ ସମାଜସେବୀ, ପରିବେଶବିତ ତଥା ବନ୍ୟପ୍ରାଣୀବିତ ଚିନ୍ମୟୀ ଦାସ ଯୋଗ ଦେଇଥିଲେ । ସେ ବନ୍ୟପ୍ରାଣୀଙ୍କ ଜୀବନ ରକ୍ଷା ଉପରେ ଆଲୋଚନା କରିଥିଲେ ।

ବିଶେଷକରି ଗ୍ରୀଷ୍ମ ଋତୁରେ ତଷାତୁର ପଶୁ ପକ୍ଷୀ ମାନଙ୍କୁ ଜଙ୍ଗଲ ପାହାଡ ମଧ୍ୟରେ ବିଭିନ୍ନ ପାତ୍ର ଦ୍ୱାରା ପିଇବା ପାଣି ବ୍ୟବସ୍ଥା କରାଗଲେ ପାନୀୟ ଜଳ ସଙ୍କଟରୁ ବର୍ତିଯାଇପାରିବେ ଏବଂ ଅଯଥାରେ ପଶୁ ପକ୍ଷୀଙ୍କ ଜୀବନ ବିପଦରୁ ମୁକ୍ତି ମିଳିବ ବୋଲି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରିବା ସହ ବନ୍ୟଜନ୍ତୁ ସୁରକ୍ଷା ଦିଗରେ ବହୁ ଗୁରୁତ୍ୱପୂର୍ଣ ପଦକ୍ଷେପ ତଥା ପସଙ୍ଗ ଉପରେ ଆଲୋକପାତ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସମାଜସେବୀ ଲମ୍ବୋଦର ସାହୁ, ସାମ୍ବାଦିକ ଭୋଳେଶ୍ୱର ଗୋଛାୟତ, ଫରେଷ୍ଟ ଗାର୍ଡ ଝରଣା ସାହୁ, ଅଧାପକ ହରମୋହନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲା ରେଡକ୍ରସ ସଯୋଜକ ତଥା ବରିଷ୍ଠ ଅଧାପକ ଅଶୋକ କୁମାର ବିଶ୍ୱାଳ ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ ପ୍ରଦାନ ସହ ସଭାମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗୀୟ କର୍ମଚାରୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# କଳମଛୁଇଁ ଶିଶୁମନ୍ଦିରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ସାଉଥବଲଣ୍ଡା, (ସବ୍ୟୁ) : ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିର ଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର କୋଷାଧ୍ୟକ୍ଷ ପଂଚାନନ ବେହେରା ଓ ମୁଖ୍ୟ ବକ୍ତା ଭାବରେ ଆଚାର୍ଯ୍ୟା ଅନୀଲ କୁମାର ସାହୁ ଯୋଗ ଦେଇ ମହାତ୍ମା ଗାନ୍ଧୀ ଓ ଲାଲବାହାଦୂର ଶାସ୍ତ୍ରୀଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରିଥିଲେ । ଆଚାର୍ଯ୍ୟ ସଂଜୟ ସାଲିମା ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନାଚାର୍ଯ୍ୟ ଶ୍ରୀ ଦେହୁରୀ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ତ୍ୟାଗପୂତ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରି ଭାରତମାତାଙ୍କ ଦୁଇ ସୁପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ । ଆଚାର୍ଯ୍ୟା ପ୍ରିୟଙ୍କା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ବସନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ,ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା
# ମଣିଷ ପଣିଆ ଦେଖାଇଲେ ଡ୍ରାଇଭର

ନୀଳଗିରି,(ସବ୍ୟୁ) :ନୀଳଗିରିସ୍ଥିତ ଗୋପୀନାଥପୁର ଷ୍ଟେସନରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଯାତ୍ରୀବାହୀ ଟ୍ରେନ୍ ଆଗକୁ ଜଣେ ଯୁବକ ଡେଇଁ ପଡ଼ିଥିଲେ । ରେଲଲାଇନ୍ ଭିତରେ ଯୁବକ ଜଣଙ୍କ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ବେଳେ ଟ୍ରେନ୍ ଡ୍ରାଇଭର ନିଜର ମାନବିକତା ଦେଖାଇ ଟ୍ରେନ୍‌କୁ ଛିଡ଼ା କରାଇ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଯୁବକ ଜଣଙ୍କୁ ଟ୍ରେନ୍‌ରେ ବାଲେଶ୍ୱର ଅଭିମୁଖେ ନେଇ ସେଠାରୁ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଆଉଟ୍‌ଡୋରରେ ଥିବା ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାରୁ ପ୍ରକାଶ ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୨୦ ମିନିଟ୍ ସମୟରେ ଟ୍ରେନ୍‌ଟି ଗୋପିନାଥପୁର ଷ୍ଟେସନ ଛାଡ଼ି ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ରାଇଗାଁ ଗେଟପରେ ଏକ ବାଙ୍କ ନିକଟରେ ନୀଳଗିରି ଏନ୍ଏସି ଅନ୍ତର୍ଗତ ନଂ୧୯ର ଓ୍ୱାର୍ଡ ଷ୍ଟେସନ ସାହି ଗ୍ରାମର ବାଙ୍ଗୁରୁ ସିଂଙ୍କ ପୁତ୍ର ବାପୁଲି ସିଂ ଟ୍ରେନ୍ ଆଗକୁ ଡେଇଁ ପଡ଼ିଥିଲେ । ଟ୍ରେନ୍ ଡ୍ରାଇଭର ଏକଥା ଜାଣି ବାପିଲିଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ସେହି ଟ୍ରେନ୍ ଯୋଗେ ବାଲେଶ୍ୱର ଅଭିମୁଖେ ନେଇ ଡାକ୍ତରଖାନାକୁ ପଠାଇଥିଲେ । ବାପିଲିଙ୍କ ମୃତ୍ୟୁ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।

# ଆଖଣ୍ଡଳମଣି ପୀଠ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଆରଡି,(ସବ୍ୟୁ) : ଓଡିଶାର ସର୍ବପୁରାତନ ଶୈବପୀଠ ଆରଡିଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିସର ଓ ପୀଠର ମାଷ୍ଟରପ୍ଲାନ କାର୍ଯ୍ୟକାରୀ ପାଇଁ ପୂର୍ବ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ୨ଟି ପ୍ରଯ୍ୟାୟରେ ୪୮କୋଟି ଟଙ୍କାର କାର୍ଯ୍ୟ କିପରି ଚାଲିଛି ତାହାର ସ୍ଥିତି ପରଖିବା ପାଇଁ ଗୁରୁବାର ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ ଗୁହୁ ପୁନମ ତାପସ କୁମାର ଓ ଭଦ୍ରକ ଜିଲାପାଳ ଦିଲିପ କୁମାର ରାଉତରାୟ, ଚାନ୍ଦବାଲି ବିଡିଓ ଅସିତ ମହାନ୍ତି, ଜିଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ ସରୋଜକୁମାର ଦତ୍ତ ପ୍ରମୁଖ ଆରଡିପୀଠରେ ପହଁଚି ପ୍ରଥମେ ମଣିବାବାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ପରିସର ବେଢ଼ା ବୁଲିବା ସହିତ ପ୍ରଥମ ପ୍ରଯ୍ୟାୟରେ ହୋଇଥିବା କାର୍ଯ୍ୟ ବେଢ଼ା ଚଟାଣ, ପ୍ରାଚେରୀ, ୪ଦ୍ୱାରର ମୁଖଚାଳି, ଶ୍ରାବଣୀମଣ୍ଡପ, ସିଂହ ଦ୍ୱାର ଆଦି ବୁଲି ଦେଖିଥିଲେ।ପରେ ମନ୍ଦିର କାର୍ଯ୍ୟାଳୟରେ ୨ପ୍ରଯ୍ୟାୟରେ ଚାଲୁଥିବା ଶିବପ୍ଲାଜା, ଗାଡିପାର୍କିଂ ଓ ଶିବଗଙ୍ଗା ପୁଷ୍କରିଣୀର ଉନ୍ନତି କରଣ କାର୍ଯ୍ୟର ସଚିବ ଜିଲାପାଳଙ୍କ ସହ ସମୀକ୍ଷା କରିବା ପରେ କାର୍ଯ୍ୟ ହେଉଥିବା ସ୍ଥାନକୁ ଯାଇ ସ୍ଥିତି ପରଖିଥିଲେ।ଏହି କାର୍ଯ୍ୟ ଦୀର୍ଘ ୧ବର୍ଷ ଧରି ଚାଲୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ପୂର୍ତ୍ତ ବିଭାଗର ଅଣଦେଖା ଯୋଗୁ କାର୍ଯ୍ୟରତ ଠିକାଦାର ମନଇଛା କାର୍ଯ୍ୟ କରୁଥିବାରୁ ସମୟ ଅତିବାହିତ ହୋଇଥିଲେ ମଧ୍ୟ କାର୍ଯ୍ୟ ସରୁନଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ ସଚିବ। ଏପରିକି ଶିବଗଙ୍ଗା ପୁଷ୍କରିଣୀ ପାବଚ୍ଛ, ଶିବପ୍ଲାଜା ଓ ଗାଡିପାର୍କିଂ କାମ ଅତିନିମ୍ନମାନର ହେଉଥିବା ସ୍ଥାନୀୟ ଲୋକ ସଚିବଙ୍କ ନିକଟରେ ଅଭିଯୋଗ କରିପାରିବା ପରେ ବିଭାଗୀୟ ଅଧିକାରୀଙ୍କ ଠାରୁ ପଚାରି ବୁଝିବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଶେଷକରି ଆରଡିପୀଠ ବନ୍ୟା, ବାତ୍ୟା ଅଞ୍ଚଳ ହୋଇଥିବାରୁ ଅତଧିକ ପବନ ହେଲେ ନିର୍ମିତ ହୋଇଥିବା ୫୧ଫୁଟର ଶିବ ପ୍ରତିମା କ୍ଷତିଗ୍ରସ୍ତ ହେବ ବୋଲି ସଚିବ ତାପସକୁମାର ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ତୁରନ୍ତ ଏହି କାର୍ଯ୍ୟର ସ୍ଥାୟିତ୍ୱ କରିବା ପାଇଁ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ କଡା ତାଗିଦ କରିଥିଲେ।

# ସରିଲା ବ୍ଲକସ୍ତରୀୟ ସୁରଭି



ଭୋଗରାଇ,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ହରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉତ୍ସବ ଉଦ୍‌ଯାପନୀ ମଧ୍ୟରେ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଗୋଷ୍ଠୀଶିକ୍ଷାଧିକାରୀ ଜନକଲୋଚନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ସ୍କୁଲଛାତ୍ରୀମାନେ ସ୍ୱାଗତ ସଂଗୀତଗାନ କରିଥିଲେ । ସିଆର୍‌ସିସି ବେଣୁଚରଣ ଜେନା ସୁରଭିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିବା ବେଳେ ପ୍ରଧାନ ଶିକ୍ଷକ ଅରୁଣ କୁମାର ଧଡ଼ା ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କୃତ୍ତିବାସ ସାହୁ, ମୁଖ୍ୟବକ୍ତାଭାବେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଶତୀଶ ଚନ୍ଦ୍ର ପଣ୍ଡା, ସମ୍ମାନୀତ ଅତିଥିଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ପଣ୍ଡା, ଋଷଭ କୁମାର ମହାପାତ୍ର,ସରପଞ୍ଚ ଜଗନ୍ନାଥ ସେଠୀ, ସମିତିସଦସ୍ୟା କବିତା ସାହୁ,ପୂର୍ବତନ ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଭୋଗରାଇର ୨୫ଟି କ୍ଲଷ୍ଟରୁ ୮୭୫ଜଣ ଛାତ୍ରଛାତ୍ରୀ ୨୯ଟି ବିଭାଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏଥିମଧ୍ୟରୁ ପ୍ରଥମ ହୋଇଥିବା ୨୯ଜଣ ଅଭିନୟରେ ଦଳଗତ ଭାବେ ୫ଜଣଙ୍କୁ ଦକ୍ଷ ବିଚାରକ ମଣ୍ଡଳୀ ଦ୍ୱାରା ଜିଲ୍ଲାପାଇଁ ମନୋନୀତ କରାଯାଇଥିଲା । ଏହି ଶିଶୁ ମହୋତ୍ସବକୁ ସିଆର୍‌ସିସି ବିକ୍ରମ କେଶରୀ ବେହେରା, ଗୌତମ କୁମାର ଦତ୍ତ, ଉତ୍ତମ କୁମାର ସାମଲଙ୍କ ସମେତ ସମସ୍ତ ସିଆରସିସି, ଶିକ୍ଷକ-ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଠାକୁରମୁଣ୍ଡା,(ସବ୍ୟୁ) :ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ରୁଗୁଡ଼ିବେଡା କ୍ଲଷ୍ଟର ରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟ ରେ ନୃତ୍ୟ, ସଙ୍ଗୀତ, ବକ୍ତୃତା,ତର୍କ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସର ରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ବିଇଓ ରାମ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଏବିଇଓ ଉତ୍ତୋଜ କୁମାର ମିଶ୍ର, ଏବିଇଓ ଦିଲ୍ଲୀପ କୁମାର ଧଳ,ଏବିଇଓ ସଂଯୁକ୍ତା ନାୟକ ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତରଣୀସେନ ମହାନ୍ତ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ପଣ୍ଡା ପ୍ରମୁଖ ଯୋଗ ଦେଇ ବ୍ୟକ୍ତବ୍ୟ ରଖିବା ସହିତ କୃତି ପ୍ରତିଯୋଗି ମାନଙ୍କୁ ମାନପତ୍ର ଓ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଅତୃଷ୍ଣା ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ଚକ୍ରଧର ସାହୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦେଶୀ ମଦ ଜବତ : ୨ ଗିରଫ

ବେତନଟୀ,(ସବ୍ୟୁ) :ବେତନଟୀ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଦେଶୀ ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସୂଚନାରୁ ପ୍ରକାଶ ଖବର ପାଇ ବେତନଟୀ ଅବକାରୀ ଥାନାଧିକାରୀ ପ୍ରକାଶ ସାହୁଙ୍କ ନେତୃତ୍ୱରେ ଏକ ଟିମ ଗୁରୁବାର ବେତନଟୀ ଥାନା ଅଧୀନ ଇନ୍ଦିରାନଗର ଠାରେ ଚଢଉ କରି କାର୍ତ୍ତିକେଶ୍ୱରଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଦେଶୀ ମଦ ଜବତ କରିଥିଲା ।ପରେ ପରେ ବଡ଼ସାହି ଥାନା ଅଧୀନ ପୁରୁଣାପାଣି ଗ୍ରାମରେ ଚଡଉ କରି ଲକ୍ଷ୍ମଣ କିସ୍କୁଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ମଧ ଦେଶୀ ମଦ ଜବତ କରାଯାଇଥିଲା । ଗିରଫ ଦୁଇ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ସେଠାରେ ସେମାନଙ୍କୁ ଜାମିନ ମିଳିଥିଲା ।

## ସତ୍ୟନାରାୟଣ ବିଦ୍ୟାପୀଠରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ



ଢ଼େଙ୍କିକୋଟ ,(ସବ୍ୟୁ):ବୁଧବାର ଢ଼େଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଉଭୟ ଗାନ୍ଧୀ ଓ ଶାସ୍ତ୍ରୀ ଜୀ ଙ୍କ ପ୍ରତିମୁର୍ତ୍ତି ନିକଟରେ ଧୂପ ଦୀପ ପ୍ରଜ୍ୱଳନ କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ପରେ ସେମାନଙ୍କର ସ୍ମୃତୀଚାରଣ କରାଯାଇ ଦେଶ ମାତୃକା ପଇଁ ସେମାନଙ୍କର ତ୍ୟାଗ,ବଳିଦାନ,ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫକିର ଚରଣ ସାହୁଙ୍କ ସମେତ ଶିକ୍ଷକ ଚନ୍ଦ୍ରଶେଖର ମଲିକ, କମଳାକାନ୍ତ ମହାନ୍ତ,ହେମନ୍ତ ସେଠି,ଦୀପ୍ତିଶୋଭା ବେହେରା,ଜୟନ୍ତି ଜେନା,ରଂଜିତା ମୁର୍ମୁ,ଦିପାଞ୍ଜଳି ସେଠି,ମଧୁସ୍ମିତା ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ସାହୁ ଯୋଗଦାନ କରିଥିଲେ।

# କେନ୍ଦୁଝରରେ କେବେ ପ୍ରତିଷ୍ଠା ହେବ ଟ୍ରମାକେୟାର ସେଣ୍ଟର

କେନ୍ଦୁଝର ,(ସବ୍ୟୁ) :କେଉଁଝର ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ପ୍ରତିବର୍ଷ ଅନେକ ଜୀବନ ଯାଉଛି । ରାସ୍ତା ଖରାପ ଓ ଅଧିକ ଗାଡ଼ିମୋଟର ଚଳାଚଳ ଯୋଗୁଁ ଦିନକୁ ଦିନ ଦୁର୍ଘଟଣା ବଢ଼ିଚାଲିଛି। ଅନ୍ୟ ଜିଲ୍ଲା ତୁଳନାରେ ଏହି ଜିଲ୍ଲାର ଦୁର୍ଘଟଣାଜନିତ ମୃତାହତଙ୍କ ସଂଖ୍ୟା ମଧ ଅଧିକ। ଜିଲ୍ଲାର ରିମୂଳି, ଢେଙ୍କିକୋଟ, କାଞ୍ଜିପାଣିଘାଟି, ବାଉଁଶୁଳିଛକ, ବାଂଶପାଣି ଏକ୍ସପ୍ରେସ୍ ହାଇଓ୍ୱେ, କୁଆଁଝରଣଘାଟି ଦୁର୍ଘଟଣାପ୍ରବଣ ଅଞ୍ଚଳ ଭାବେ ପରିଗଣିତ ହୋଇଛି। ଏସବୁ ସ୍ଥାନରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି । ଏଭଳି ସ୍ଥିତିରେ ଦୁର୍ଘଟଣାଗ୍ରସ୍ତଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦିଆଯାଇ ସେମାନଙ୍କ ବହୁମୂଲ୍ୟ ଜୀବନ ବଞ୍ଚାଇବା ପାଇଁ ଜିଲ୍ଲାରେ ଏକ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ନହୋଇପାରିବା ପରିତାପର ବିଷୟ ବିଶେଷକରି ପାଣିକୋଇଲି – ରିମୁଳି ରାଜାମୁଣ୍ଡା ପର୍ଯ୍ୟନ୍ତ ଜାତୀୟ ରାଜପଥ ଚାରିଲେନ୍ ବିଶିଷ୍ଟ ରାସ୍ତା ନିମ୍ନମାନର ହୋଇଥିବାରୁ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ସେହିପରି ମୁମ୍ବାଇ କୋଲକାତା ବ୍ୟୟବହୁଳ ଜାତୀୟ ରାଜପଥ କେନ୍ଦୁଝର ଦେଇ ଯାଇଛି । ଏହି ରାସ୍ତା ରେ ବି ଦୁର୍ଘଟଣା ଘଟୁଛି । ଜାତୀୟ ରାଜପଥ କଡ଼ରେ ଥିବା ବିଭିନ୍ନ ଡାକ୍ତରଖାନାରେ ଦୁର୍ଘଟଣାଜନିତ ରୋଗୀଙ୍କ ପାଇଁ ଆନୁସଙ୍ଗିକ ଚିକିତ୍ସା ବ୍ୟବସ୍ଥା ନଥିବାରୁ ସମସ୍ତ ଦୁର୍ଘଟଣାଗ୍ରସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ଏତେ ସଂଖ୍ୟକ ଦୁର୍ଘଟଣାଗ୍ରସ୍ତଙ୍କୁ ତତ୍କାଳ ଚିକିତ୍ସା ସେବା ଯୋଗାଇଦେବା ସମ୍ଭବପର ହେଉନଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ସରକାରୀ ପରିସଂଖ୍ୟାନରୁ ପ୍ରକାଶ ଯେ, କେନ୍ଦୁଝର ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ଦୈନିକ ପ୍ରାୟ ଜଣକର ଜୀବନ ଯାଉଛି। ୨୦୨୪ ମସିହାରେ ୨୩୬ଜଣଙ୍କ ଜୀବନ ଯାଇଛି । କେନ୍ଦୁଝର ଜିଲ୍ଲାରେ ୫ଟି ଟ୍ରମା କେୟାର ସେଣ୍ଟର ଖୋଲିବା ପାଇଁ ନିଷ୍ପତି ହୋଇଥିଲା । ସରକାର ବଦଳିବା ପରେ ଏହି ନିଷ୍ପତି କାର୍ଯ୍ୟକାରୀ ହୋଇପାରୁନି। ଦିନକୁ ଦିନ ବୃଦ୍ଧି ପାଉଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି କେନ୍ଦୁଝରରେ ଏକ ସ୍ୱତନ୍ତ୍ର ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା କରାଯିବା ଜରୁରୀ ହୋଇପଡ଼ିଛି । ସରକାର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ତେବେ ମିଳିଥିବା ସୂଚନା ଅନୁସାରେ, ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଏକ ଅସ୍ଥାୟୀ ଟ୍ରମା କେୟାର ସେଣ୍ଟର କାର୍ଯ୍ୟ ଚାଲିଛି। ତାହା ଆସନ୍ତା ୩ ମାସ ମଧ୍ୟରେ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି ।

## ଚାନ୍ଦମାରି ପଡ଼ିଆ ବୃଦ୍ଧାଶ୍ରମରେ ଯୋଗ ଶିବିର

ବାଲେଶ୍ୱର,(ସବ୍ୟୁ) :ଆନ୍ତର୍ଜାତିକ ବୟସ୍କ ନାଗରିକ ଦିବସ ଅକ୍ଟୋବର ୧ ତାରିଖ ଅବସରରେ ବାଲେଶ୍ୱର ସହରସ୍ଥିତ ସହଦେବଖୁଣ୍ଟା ଚାନ୍ଦମାରୀ ପଡ଼ିଆରେ ଅବସ୍ଥିତ ଅମୃତଧାରା ବୃଦ୍ଧାଶ୍ରମରେ ଏକ ଯୋଗଶିବିର ମା ଲଳିତେଶ୍ୱରୀ କାଳୀମନ୍ଦିର ଯୋଗ କେନ୍ଦ୍ର ତରଫରୁ ଅନୁଷ୍ଠିତ ହୋଇଥିଲା। ଏଥିରେ ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କୁ ଯୋଗ, ପ୍ରାଣାୟାମ ଶିକ୍ଷା ସହିତ ଶେଷ ସମୟରେ ଭଗବାନଙ୍କ ନାମ ଜପ କରିବା ପାଇଁ ସହଜ ଶିକ୍ଷା ପ୍ରଦାନ କରାଯାଇଥିଲା। ସେମାନଙ୍କ ପାଇଁ ରାତ୍ରିଭୋଜନର ବ୍ୟବସ୍ଥା ମଧ କରାଯାଇଥିଲା। ଏହି ଅବସରରେ ଯୋଗ କେନ୍ଦ୍ରର ଯୋଗଗୁରୁ ସୁଜିତ୍ କୁମାର ଜେନା ଯୋଗଶିକ୍ଷା ପ୍ରଦାନ କରିଥିଲେ। କେନ୍ଦ୍ରର ସଭାପତି ପ୍ର. ଜୟସ୍ମିତା ନାୟକ, ଉପସଭାପତି ରୀତା ରାଉତଙ୍କ ସମେତ ଜ୍ୟୋସ୍ନାଲତା ଜେନା, ସୁଜାତା ପଣ୍ଡା, ହରପ୍ରିୟା ରଣା, ମୀନା ସେଠୀ, ଲୁନା ପତି, ବ୍ୟାସଦେବ ରାଉତ, ସଞ୍ଜୟ ସେନାପତି, ମୋନାଲିସା ସେନାପତି, ରାଧାକାନ୍ତ ଦାସ, ମିନତୀ ଦାସ ଓ ଶଶୀକାନ୍ତ ମହାନ୍ତି ପ୍ରଭୃତି ଅନ୍ତେବାସୀମାନଙ୍କ ସହିତ ଅନ୍ତରଙ୍ଗ ଆଳାପ ଆଲୋଚନା ମାଧ୍ୟମରେ ସେମାନଙ୍କର ମାନସିକ ଅବସ୍ଥାର ପରିବର୍ତ୍ତନ ପାଇଁ ଯୋଗର ଆବଶ୍ୟକତାକୁ ବୁଝାଇଥିଲେ। ବୃଦ୍ଧାଶ୍ରମର ସହାୟକ ପ୍ରଭାତ ବାବୁ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ନିତ୍ୟାନନ୍ଦ କଲେଜ ଅଫ୍ ଫାର୍ମାସୀରେ ଖୋଲିଲା ଏମ୍ ଫାର୍ମ ବିଭାଗ

ବାଲେଶ୍ୱର,(ସବ୍ୟୁ) : ସେରଗଡ଼ସ୍ଥିତ ନିତ୍ୟାନନ୍ଦ କଲେଜ ଅଫ୍ ଫାର୍ମାସୀ (ଏନ୍‌ସିପି)ରେ ଚଳିତ ଶିକ୍ଷା ବର୍ଷ ୨୦୨୪-୨୫ ନିମନ୍ତେ ଫାର୍ମାସିଟିକାଲ କେମେଷ୍ଟ୍ରିରେ – ୧୫ ସିଟ୍ ଓ ଫାର୍ମାସିଉଟିକସ୍ ବିଭାଗରେ ୧୫ ସିଟ୍ ବିସିଷ୍ଟ ଏମ୍‌ଫାର୍ମ ଖୋଲାଯାଇଛି। ଏହା ପିସିଆ ନୂଆଦିଲ୍ଲୀ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିଲାଭ କରିଛି। ନାମଲେଖା ନିମନ୍ତେ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ର୍‍ୟାଙ୍କଧାରୀ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ ବୋଲି ଅନୁଷ୍ଠାନ ତରଫରୁ ଘୋଷଣା କରାଯାଇଛି। ଚଳିତ ବର୍ଷ ଏମ୍ ଫାର୍ମ ଖୋଲିବା ଦ୍ୱାରା ଏହା ଏକ ଅଗ୍ରଣୀ ଅନୁଷ୍ଠାନର କୃତିତ୍ୱ ଅର୍ଜନ କରିପାରିଛି। ପ୍ରକାଶ ଥାଉକି ବି.ସି.ଇ.ଟି. ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନସ୍‌ର ସିଷ୍ଟର କନସର୍ନ ଭାବରେ ନିତ୍ୟାନନ୍ଦ କଲେଜ ଅଫ୍ ଫାର୍ମାସୀ ୨୦୨୦ ମସିହାରେ ଖୋଲାଯାଇଥିଲା। ଡି.ଫାର୍ମ ରେ – ୬୦ ସିଟ୍ ଏବଂ ବି.ଫାର୍ମରେ – ୧୦୦ ଗୋଟି ସିଟ୍‌ରେ ଆଡ଼ମିସନ ହୋଇ ଆସୁଅଛି। ସଦ୍ୟ କୃତକାର୍ଯ୍ୟ ହୋଇଥିବା ବି.ଫାର୍ମର ଅନ୍ତିମ ବାର୍ଷିକ ଛାତ୍ରଛାତ୍ରୀମାନେ ଭାରତର ବଡ଼ ବଡ଼ ନାମିଦାମି କମ୍ପାନୀ ମାନଙ୍କ ଦ୍ୱାରା ହୋଇଥିବା କ୍ୟାମ୍ପସ ଚୟନରେ ଶତପ୍ରତିଶତ ନିଯୁକ୍ତି ପାଇ ଅନୁଷ୍ଠାନକୁ ଗୌରାବାନ୍ୱିତ କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ସମ୍ପାଦିକା ସୁବ୍ରତା ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ, ସହ ଉପସଭାପତି ରାଜଶ୍ରୀ ସ୍ୱାଇଁ, ଅନୁଷ୍ଠାନର ଅଧକ୍ଷ ଡ. ଆଦିତ୍ୟ କୁମାର ଜେନା, ନିର୍ଦ୍ଦେଶକ ଡ. ବିଜୟ କୁମାର ସାହୁ ଓ ସମସ୍ତ କର୍ମଚାରୀଗଣଙ୍କ ମଧରେ ଆନନ୍ଦର ଲହରୀ ଖେଳିଯାଇଛି।

## ସାପ କାମୁଡାରେ ଶିଶୁ ମୃତ

ଠାକୁରମୁଣ୍ଡା ,(ସବ୍ୟୁ) : ଚିତି ସାପ କାମୁଡାରେ ୫ର୍ଷ ଶିଶୁର ମୃତ୍ୟୁ ହୋଇଛି। ଏଭଳି ଘଟଣା ଆନନ୍ଦପୁର ଥାନା ମନୋହରପୁର ଗ୍ରାମ ପଞ୍ଚାୟତର ସାନ ପୁରୁଣାପାଣି ସାହିରେ ଘଟିଛି। ଘଟଣାରୁ ପ୍ରକାଶ କାଣ୍ଡେରାମ ହେମ୍ବ୍ରମ ଙ୍କ ଏକ ମାତ୍ର ଝିଅ ଲକ୍ଷ୍ମୀ ହେମ୍ବ୍ରମ (୫) ଘରେ ଶୋଇ ମୋବାଇଲ ଦେଖୁଥିବା ବେଳେ ଏକ ଚିତିସାପ କାମୁଡି ଦେଇଥିଲା। ଲକ୍ଷ୍ମୀ ଅନ୍ଧାର ଥିବାରୁ ଜାଣିପାରି ନଥିଲା। ରାତିରେ ଲକ୍ଷ୍ମୀର ମୁଣ୍ଡ ବିନ୍ଧା ଏବଂନ୍ତି ଲାଗିବାରୁ ପରିବାର ଲୋକେ ଟର୍ଚ୍ଚ ମାରି ସାପକୁ ଦେଖିବା ପରେ ସନ୍ଦେହ କରି ରାତିରେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ଆଣିଥିଲେ। ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା । ଡାକ୍ତର ଲକ୍ଷ୍ମୀକୁ ମୃତ ଘୋଷଣା କରିଥିଲେ। ଠାକୁରମୁଣ୍ଡା ଥାନା ଏସ ଆଇ ଅନିତା ସ୍ୱାଇଁ ୧୭/୨୦୨୪ ରେ ମାମଲା ରୁଜୁ କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ କୁ ପଠାଇଥିବା ସୂଚନା ଦେଇଛନ୍ତି ।

## କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

ଦୋବଲ,(ସବ୍ୟୁ):ଧାମନଗର ଥାନା ଅନ୍ତର୍ଗତ ପଧାନୀ ପଞ୍ଚାୟତ ଦଶନ୍ଧିକୂଳ ଗ୍ରାମର ବିଷ୍ଣୁ ପୁହାଣଙ୍କ କଲେଜ ବଢୁଆ ଝିଅ (୧୯)ଗୁରୁବାର ଦିନ ବେକରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହିତ ଥାନାରେ ଏକ ଅପମୃତ୍ୟୁ ମାମଲା ୨୭/୨୪ ରେ ରୁଜୁ କରିଛି। ତେବେ ଆତ୍ମହତ୍ୟା କରିଥିବା ଛାତୀ ଜଣଙ୍କ ଯାଜପୁର ଜିଲା ଏସଜି କଲେଜରେ ପାଠ ପଢୁଥିଲେ। ଗୁରୁବାର ଦିନି କଲେଜରୁ ଘରକୁ ଫେରିବା ପରେ ନିଜ ଶୋଇବା ଘରେ ଭିତର ପଟୁ କବାଟ ବନ୍ଦ କରି ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପ୍ରେମ ଜନିତ କାରଣରୁ ସେ ଏପରି କରିଥିବା ପୁଲିସ କହିଛି। ତେବେ ମୃତକଙ୍କ ନିକଟରୁ ତାଙ୍କର ହାତ ଲେଖା ଚିଠି ପରିବାର ଲୋକ ଜବତ କରିଛନ୍ତି । ପ୍ରକାଶ ଥାଉକି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ଦତପୁର ଗ୍ରାମର ଜୈନିକ ଯୁବକ ଏହି ଝିଅକୁ ଭଲ ପାଉଥିବା ବେଳେ ତାଙ୍କୁ ଏବେ ବ୍ଲାକ ମେଲ କରୁଥିଲେ। ଅତି ଅସହ୍ୟ ହେବାରୁ ଶୁଲୋଚନା ଆତ୍ମହତ୍ୟା କରିଛି। ତେବେ ହାତ ଲେଖା ଚିଠି ପୋଲିସର ହସ୍ତଗତ ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

# ବିସିଇଟି ଏମବିଏ ବିଭାଗରେ ତ୍ରିଦିବସୀୟ ଜାତୀୟ କର୍ମଶାଳା




ବାଲେଶ୍ୱର,(ସବ୍ୟୁ) : ସେରଗଡ଼ସ୍ଥିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି) ପରିସରରେ ଏମ୍.ବି.ଏ ବିଭାଗ ଓ ଆଇ.ଏସ୍.ଟି.ଡ଼ି, ନୂଆଦିଲ୍ଲୀଙ୍କ ମିଳିତ ଉଦ୍ୟମରେ ଏକ ତ୍ରିଦିବସୀୟ କର୍ମଶାଳା ୩ ତାରିଖରେ ଶୁଭାରମ୍ଭ ହୋଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଶରତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମେପିଂ ଦି ଏଣ୍ଟରପ୍ରେନିଓରସିପ୍ ଜର୍ନି ବିଷୟ ଭିତ୍ତିକ କର୍ମଶାଳାରେ ଶୁସ୍ରୁତ ହସପିଟାଲ ଏବଂ ଟ୍ରୋମାକେୟାର ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱରର ସିଇଓ ଡକ୍ଟର ଚିଦାତ୍ମିକା ଖଟୁଆ ଅତିଥି ଭାବରେ ଯୋଗ ଦେଇଥିଲେ। ଆଇ.ଏସ୍.ଟି.ଡ଼ି.ର ଚେୟାରମ୍ୟାନ୍ ଡକ୍ଟର ଅଶୋକ କୁମାର ଦାଶ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ଚାଣକ୍ୟଙ୍କ ଶତାଙ୍ଗ ସୂତ୍ର ଆଧାରରେ ସଫଳ ଓ ସ୍ୱାବଲମ୍ବୀ ବ୍ୟବସାୟ ପ୍ରତିଷ୍ଠାନ ସ୍ଥାପନ କରିବାର କୌଶଳ ଶିଖାଇଥିଲେ। ଆସନ୍ତା ଦୁଇଦିନ ଧରି ଉକ୍ତ କର୍ମଶାଳ ଜାରି ରହିବ। ଏମ୍‌ବିଏ ବିଭାଗର ଛାତ୍ରୀ ଇତିଶ୍ରୀ ନାୟକ ମଂଚ ପରିଚାଳନା କରିଥିଲେ। ବିଭାଗୀୟ ମୁଖ୍ୟ ଡକ୍ଟର ସୁବର୍ଣ୍ଣକେଶରୀ ସାମଲ ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିଲେ। ଅଧକ୍ଷ ଡକ୍ଟର ଶିବେନ୍ଦ୍ର କୁମାର ଘଡ଼ାଇ, ଆଇକ୍ୟୁଏସି କୋଡ଼ିନେଟର ଡକ୍ଟର ଧିରେନ୍ଦ୍ର କୁମାର ଜେନା କର୍ମଶାଳର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ସର୍ବଶେଷରେ ବିଭାଗର ବରିଷ୍ଠ ଅଧ୍ୟାପକ ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏମ୍‌ବିଏ ବିଭାଗର ଡକ୍ଟର ରଶ୍ମି ଲତା ନାୟକ, ଅମ୍ବୁଜ ଲୋଚନ ଦାଶ, ଡକ୍ଟର ତୁଳସୀ ବେଜ, ଶ୍ରୀବିଦ୍ୟା ବେଦସ୍ମାତା, ଅଭିନାଶ ଜେନା, କୁମାରୀ ନିବେଦିତା ପାଢ଼ୀ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ସମ୍ପାଦିକା ସୁବ୍ରତା ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ ଓ ସହ-ଉପସଭାପତି ରାଜଶ୍ରୀ ସ୍ୱାଇଁ କର୍ମଶାଳାରେ ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ



ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ପ୍ରଶାସନ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ୨୦୨୪ ପାଳିତ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ,ନିରଞ୍ଜନ ବେହେରା,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ, ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ, ଉପଦେଷ୍ଟା ଗିରିଶ ଚନ୍ଦ୍ର ଦାଶ, ଉପସଭାପତି ଅନ୍ତର୍ଯାମୀ ପ୍ରଧାନ, ସାଧାରଣ ସମ୍ପାଦକ ଦାମୋଦର ନାୟକ, ପୂର୍ବତନ ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା ପ୍ରମୁଖ ମଂଚାସୀନ ଥିଲେ । ବରିଷ୍ଠ ନାଗରିକମାନଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଓ ସାମାଜିକ ସୁରକ୍ଷା ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ । ଏଥି ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ସହଜରେ କିପରି ବରିଷ୍ଠ ନାଗରିକମାନଙ୍କ ପକ୍ଷରେ ପହଞ୍ଚି ପାରିବ ସେଦିଗରେ ଜିଲ୍ଲା ପ୍ରଶାସନ ତତ୍ପର ରହିଛି ବୋଲି ମଂଚାସୀନ ଅତିଥିମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ମଂଚର ବାର୍ଷିକ ମୁଖପତ୍ର ସାୟାହ୍ନର ଉନ୍ମୋଚନ ସହ ଜିଲ୍ଲାର ୮ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ପୁଷ୍ପଲତା ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଦୃଷ୍ଟିବାଧିତ ସ୍ୱତନ୍ତ୍ର ବିଦ୍ୟାଳୟ ରାଣୀପାଟଣା ଏବଂ ସ୍ୱତନ୍ତ୍ର ବିଦ୍ୟାଳୟ ମିଶନ କମ୍ପାଉଣ୍ଡର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଓଲଟିଲା ଟ୍ରାକ୍ଟର ବର୍ତ୍ତିଲେ ଚାଳକ

ପାଟଣା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ କପୁଣ୍ଡି ପଞ୍ଚାୟତ ଅନ୍ତର୍ଗତ କରଞ୍ଜିଆ ପଡା ଠାରେ ବିଲରେ ହଳ କରୁଥିବା ବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟର ଟି ଓଲଟି ପଡିଛି।ସୂଚନା ଅନୁଯାୟୀ ଓଲଟି ପଡିଥିବା ଟ୍ରାକ୍ଟରର ଟି କପୁଣ୍ଡି ଗ୍ରାମର ଘନଶ୍ୟାମ ମହାନ୍ତିଙ୍କ ବୋଲି ଜଣାପଡିଛି। ଟ୍ରାକ୍ଟର ଟି ବିଲରେ ହଳ କରୁଥିବା ବେଳେ ଟ୍ରାକ୍ଟର ଡ୍ରାଇଭର ଙ୍କ ସହ ହେଲପର ମଧ ସାଙ୍ଗରେ ବସିଥିଲେ।ଟ୍ରାକ୍ଟର ଟି ଦୁର୍ଘଟଣା ହେବାପରେ ମଧ କାହାରି କ୍ଷତି ହୋଇନଥିବା ସୂଚନା ମିଳିଛି।

## ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଭଦ୍ରକ ଶାଖାର ଗାନ୍ଧୀ ଜୟନ୍ତୀ ସମାରୋହ

ଭଦ୍ରକ,(ସବ୍ୟୁ):ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଭଦ୍ରକ ଶାଖା ଆନୁକୂଲ୍ୟରେ ମହାତ୍ମାଗାନ୍ଧୀଙ୍କ ୧୫୫ ତମ ଜନ୍ମତିଥି ବୁନଟୀ ସ୍ଥିତ 'ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ' ର ସ୍ୱଚ୍ଛ ସବୁଜ ସୁନ୍ଦର ପରିବେଶରେ ଆୟୋଜିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଇଂ ଅଖିଳ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ, ଆଇନଜୀବୀ ପବନ କୁମାର ଶର୍ମା ଉତ୍ସବ ସମ୍ପର୍କୀୟ ସୂଚନା ସହ ଗାନ୍ଧୀଙ୍କ ଜନ୍ମ, ଜୀବନ ଓ ଦର୍ଶନର ସଂକ୍ଷିପ୍ତ ଚିତ୍ର ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ଡ. ଦୁର୍ଗା ଶଙ୍କର ଦାସ, ସମ୍ମାନୀୟ ଅତିଥି ରୂପେ ବର୍ଷିୟାନ୍ ସାମ୍ୟବାଦୀ ବୈଲୋଚନ ଜେନା ଅତିଥି ରୂପେ ଭଦ୍ରକର ବିଶିଷ୍ଟ ସମାଜସେବୀ ରତ୍ନାକର ସାମଲ ଓ ବୁନଟୀ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଦାସ ଯୋଗଦେଇଥିଲେ। ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ ଲଲାଟେନ୍ଦୁ ମହାନ୍ତି ନିଜ ବକ୍ତବ୍ୟରେ ବୁନଟୀ ହାଇସ୍କୁଲ୍‌ର ରୂପ, ଶୃଙ୍ଖଳା ଓ ସଂସ୍କୃତିର ଉଚ୍ଚ ପ୍ରଶଂସା କରିଥିଲେ। ଅଧ୍ୟାପକ ବିଜୟ କୁମାର ଜେନା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଜଣାଇଥିଲେ। ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ବାରିକ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାତ୍ମାଙ୍କ ପ୍ରିୟ ଭଜନ, ବୈଷ୍ଣବ ଜନ ତୋ.. ପରିବେଷଣ କରାଯାଇଥିଲା। ଅନ୍ତିମ ପର୍ଯାୟରେ ଜିଲ୍ଲାର ୧୨ ଟି ବିଦ୍ୟାଳୟର ୪୯୩ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଗତ ୨୧ ତାରିଖ ଦିନ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତାର ବିଜେତା ତଥା ଫେନ୍‌ସୀ ପୋଷାକ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିନ୍ଦଲ ଫାଉଣ୍ଡେସନର 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଉଦ୍‌ଯାପିତ




କେନ୍ଦୁଝର ,(ସବ୍ୟୁ) :ଜିନ୍ଦଲ ଷ୍ଟିଲ ଆଣ୍ଡ ପାଓ୍ୱାର (ଜେଏସପି)ର ସାମାଜିକ ସଂସ୍ଥା, ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଏକ ସପ୍ତାହ ବ୍ୟାପି ସ୍ୱଚ୍ଛତା କାର୍ଯ୍ୟକ୍ରମ ବଡ଼ବିଲ ପେଲେଟ୍ ପ୍ଲାଣ୍ଟ, ଟେନସା ଏବଂ କାସିଆ ଆଇରନ୍ ମାଇନ୍ସ ଅଂଚଳରେ ପାଳିତ ହୋଇଯାଇଛି । ଉକ୍ତ ଅଂଚଳରେ ଅବସ୍ଥିତ ଗ୍ରାମ ଗୁଡିକର ଶତାଧିକ ମହିଳା, ପୁରୁଷ ଓ ଯୁବକ ଯୁବତୀ ମାନଙ୍କ ମିଳିତ ଉଦ୍ୟମରେ ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ଗ୍ରାମ ଗୁଡିକର ମୁଖ୍ୟ ରାସ୍ତା, ବିଦ୍ୟାଳୟ, ମନ୍ଦିର ଆଦି ସ୍ଥାନ ମାନଙ୍କରେ ସଫେଇ କାର୍ଯ୍ୟ କରାଯାଇ, 'ସ୍ୱଚ୍ଛତା ହିଁ ସେବା' ମହତ ବାର୍ତ୍ତା କୁ ଗ୍ରାମବାସୀ ମାନଙ୍କ ପାଖରେ ପହଞ୍ଚାଯାଇଥିଲା ।ଅକ୍ଟୋବର ୨ ତାରିଖ ମହାତ୍ମା ଗାନ୍ଧୀଙ୍କ ଜନ୍ମ ତିଥିରେ ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ ବିଲେଇପଦା ଛକରେ ବିଶାଳ ସଚ୍ଛତା ଅଭିଯାନର ଉଦଯାପନି ସମାରୋହ ଅନୁଷ୍ଠିତ ହୋଇ ଯାଇଛି।ଏଥିରେ ସମ୍ମାନିତ ଅତିଥି ଭାବେ କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ପ୍ରଗତି ଯୁବକ ସଂଘ ବିଲେଇପଦାର ସମସ୍ତ ସଦସ୍ୟ,ଏସ ଏଚ ଜି ସଭ୍ୟ, ଅଂସେଇକଳା ଓ କଣ୍ଡରା ପଞ୍ଚାୟତର ମାନ୍ୟଗଣ୍ୟ ସମାଜସେବୀ ଉପସ୍ଥିତି ଓ ସହଯୋଗ କ୍ରମେ ବିଲେଇପଦା ମାର୍କେଟ ଅଂଚଳ ସଫେଇ କାର୍ଯ୍ୟ କରାଯାଇଥିଲା । ଜିନ୍ଦଲ ଫାଉଣ୍ଡେସନର ଡେପୁଟି ମେନେଜର ଯଦୁମଣୀ ମହାନ୍ତଙ୍କ ତତ୍ତ୍ୱାବଧାନାରେ ସମସ୍ତ ସି ଏସ ଆର ସଦସ୍ୟ, ମାନବ ସମ୍ବଳ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେହିପରି କାଶିଆ ଆଇରନ ଏବଂ ଡୋଲମାଇଟ ଖଣି ପକ୍ଷରୁ ମଧ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସେରେଣ୍ଡା ଓ ଭଦ୍ରାସାହି ପଂଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟ କାଶିଆ (କ) ସରକାରୀ ପ୍ରାଥମିକ ବିଦ୍ୟାଳୟ କାଶିଆ (ଖ)ର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ସ୍ୱଚ୍ଛତାର ବାର୍ତ୍ତା ବହନ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଜିନ୍ଦଲ ଅଧିନସ୍ଥ କାଶିଆ ଆଇରନ ଓ ଡୋଲମାଇଟ ଖଣିରୁ ଆରମ୍ଭ ହୋଇ କାଶିଆ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଚାଲିଥିଲା। ସ୍ୱଚ୍ଛ ଭାରତ, ସବୁଜ ଭାରତ' ନାରା ସହିତ, ଏହି ପରିପ୍ରେକ୍ଷୀରେ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ଏକ ହଜାର ଗ୍ରାମବାସୀଙ୍କୁ ଗୋଟିଏ ଲେଖାଏଁ ଫଳ ଗଛର ଚାରା ବଣ୍ଟନ କରାଯାଇଥିଲା ।ଏହି ସ୍ୱଚ୍ଛତା ସେବା କାର୍ଯ୍ୟକ୍ରମରେ ୟୁନିଟ ମୁଖ୍ୟ ପ୍ରମୋଦ କୁମାର ପାତ୍ର, ପରିବେଶ ଏବଂ ସର୍ଭେ ମୁଖ୍ୟ ଶ୍ରୀ ରଜନିଶ ଚତୁର୍ବେଦୀ, ଖଣି ପରିଚାଳକ । ରଣଜିତ ଚୌଧୁରୀ କାଶିଆ କଲୋନୀ ବାସିନ୍ଦା, ଶିଶୁ, କର୍ମଚାରୀ ଏବଂ ସ୍ୱାସ୍ଥ୍ୟ ସଙ୍ଗିନୀ ପ୍ରମୁଖ ଯୋଗ ଦେଇଥିଲେ।ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଟେନ୍ସା ଅଂଚଳରେ ବିଭିନ୍ନ ସଫେଇ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ସମେତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଟେନ୍ସା ସରପଞ୍ଚ ଶ୍ରୀମତୀ ଅନିତା ପୂର୍ତ୍ତି, ତନ୍ତ୍ରଛ ଗ୍ରାମର ଅଙ୍ଗନବାଡି ଠାରେ ଉଦଘାଟନ କରିଥିଲେ । ଗ୍ରାମବାସୀଙ୍କ ମିଳିତ ସହଯୋଗରେ ତନ୍ତ୍ରଛ ଓ ଜିରୋ ପଏଣ୍ଟ ଠାରେ ରାସ୍ତା, ନାଳ, ପାଣି ଟ୍ୟାପ ପଏଣ୍ଟ, ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକୁ ସଫେଇ କରାଯାଇଥିଲା । ଶେଷରେ ଗାନ୍ଧୀ ଜୟନ୍ତୀ ଅବସରରେ ଡେଙ୍ଗୁଲା ସରକାରୀ ହାଇସ୍କୁଲ ଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ଜିନ୍ଦଲ ଟେନ୍ସା ଲୌହ ଖଣିର ମୁଖ୍ୟ ରଘୁରାଜ ରଘୁବଂଶୀ, ସଞ୍ଜୟ କୁମାର ଏବଂ ପଦ୍ମଲୋଚନ ପ୍ରଧାନ, ପ୍ରଧାନ ଶିକ୍ଷକ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟ ପରିସରରେ 'ମା ପାଇଁ ଗଛଟିଏ' ଧାରାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା ।

# ବନ୍ୟପ୍ରାଣୀ ସପ୍ତାହ ପାଳନ



କରଞ୍ଜିଆ , (ସବ୍ୟୁ) : ଗୁରୁବାର ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ କରଞ୍ଜିଆ ବନାଞ୍ଚଳ ସହଯୋଗରେ କରଞ୍ଜିଆ ବନଖଣ୍ଡ ସ୍ତରୀୟ ୭୦ ତମ ବନ୍ୟପ୍ରାଣୀ ସପ୍ତାହ ୨୦୨୪ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି।ଏହି ସପ୍ତାହ ୨ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଅବସରରେ କରଞ୍ଜିଆ ବନାଞ୍ଚଳ କାଦଡିହା ସେକ୍ସନ ଅନ୍ତର୍ଗତ ଗୈଡଗାଁ ଗ୍ରାମଠାରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ସବୁଜ ପତାକା ଉତ୍ତୋଳନ କରି ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ, କରଞ୍ଜିଆ ବନପାଳ ସୁରମୋହନ ବେହେରା, କାଦଡିହା ବନପାଳ ହରିଶ ଚନ୍ଦ୍ର ବେହେରା, ସୁବ୍ରତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। ଏହି ସଚେତନତା ଶୋଭାଯାତ୍ରାରେ ଶତାଧିକ ଗାଁ ଲୋକେ,ଟିପିଏଫ କର୍ମଚାରୀ,ବନ ବିଭାଗ ଅଗ୍ନି ନିବାରଣ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରାରେ ବନ୍ୟପ୍ରାଣୀ ଓ ଜୀବଜନ୍ତୁଙ୍କ ସୁରକ୍ଷା ସହ ଜଙ୍ଗଲର ସୁରକ୍ଷା ପରିବେଶକୁ ସରସ ସୁନ୍ଦର କରିବ, ବନ୍ୟପ୍ରାଣୀ ଓ ଜୀବଜନ୍ତୁଙ୍କ ସୁରକ୍ଷା, ଶିକାର ଓ ବନାଗ୍ନି ନିବାରଣ ନିମନ୍ତେ ସାଧାରଣ ଲୋକମାନେ ସଚେତନ ହେବା ସହ ପରିବେଶର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ ପରି ସ୍ଲୋଗାନ ମାନ ଦେଇ ସଚେତନତା ସୃଷ୍ଟି କରାଯିବା ପାଇଁ ପ୍ରୟାସ କରାଯାଇଥିଲା।

(ଶ୍ରୀମଭଗବଦ୍ ଗୀତା ୧୦/୧୧)
-ବିଭୂତିଯୋଗଃ-
( ଶ୍ରୀଭଗବାନୁବାଚ )

**ତେସାଂମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ ।**
**ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା ॥୧୧॥**

(ମୁଁ ବୁଦ୍ଧିଯୋଗ ଦାନ କରି ସେମାନଙ୍କର ଅବିଦ୍ୟାକୃତ ସଂସାର ନାଶ କରେ, ଏଥିପାଇଁ କହୁଛନ୍ତି)- ସେମାନଙ୍କ ପ୍ରତି କେବଳ ଅନୁକମ୍ପା ଦେଖାଇବା ନିମିତ୍ତ ମୁଁ ସେମାନଙ୍କ ବୁଦ୍ଧିବୃତ୍ତିରେ ପ୍ରବେଶ କରି ଉଜ୍ଜ୍ୱଳ ଜ୍ଞାନମୟ ପ୍ରଦୀପଦ୍ୱାରା ଅଜ୍ଞାନଜନିତ (ସଂସାରରୂପ) ଅନ୍ଧକାରକୁ ବିନାଶ କରେ ॥୧୧॥

# ଧ୍ୱଂସାଭିମୁଖୀ ମାନବ ସଭ୍ୟତା !

**ସମ୍ପାଦକୀୟ**

ଜଳବାୟୁ ପରିବର୍ତ୍ତନ ଏବଂ ଯୁଦ୍ଧ ସମଗ୍ର ମାନବ ସମାଜକୁ କରାୟତ କରିସାରିଛି, ଯାହାର ଶେଷ କେଉଁଠି ଏବଂ କେବେ, ତାର ଉତ୍ତର କାହାରି ପାଖରେ ନାହିଁ, ଯଦିଓ ଉଭୟର କାରଣ ମଣିଷ । ମଣିଷକୁ ସାଧାରଣତଃ ପୃଥିବୀର ସବୁଠାରୁ ବୁଦ୍ଧିମାନ ପ୍ରାଣୀ ଭାବରେ ବିବେଚନା କରାଯାଏ, କିନ୍ତୁ ଏବେ ସବୁ ବିପରୀତ କାର୍ଯ୍ୟରେ ମଣିଷ ନିଜକୁ ସମର୍ପଣ କରିସାରିଛି, ଯାହା ସମଗ୍ର ମାନବ ସମାଜକୁ ଧ୍ୱଂସାଭିମୁଖୀ କରିଚାଲିଛି । ନିଜର ବିକାଶ ଅର୍ଥାତ୍ ଭଲରେ ରହିବା, ଭଲରେ ଚଳିବା, ନିଜ ପାଇଁ ସୁବିଧାସୁଯୋଗ ସୃଷ୍ଟିକରିବା ଆଳରେ, ମଣିଷ ଭାଙ୍ଗି ଚାଲିଛି ନିଜ ସୁରକ୍ଷାର ବଳୟ । ବିପଥଗାମୀ ହେଉଛି ପରିବେଶ । ପ୍ରଭାବିତ ହେଉଛି ଜଳବାୟୁ । ସେହିପରି ଅହଂ, ସମ୍ପତ୍ତି, ପ୍ରତିପତ୍ତି, ପତିଆରା, ଆତ୍ମବଡ଼ିମା, ଧର୍ମ, ଜାତି, ଗୋଷ୍ଠୀ ଯୁଦ୍ଧର କାରଣ ସାଜିଛି, ଯାହା ମଧ୍ୟ ମାନବ ସମାଜର ଧ୍ୱଂସର କାରଣ ହେବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ବନ୍ୟା, ବାତ୍ୟା, ସୁନାମି, ଗ୍ରୀଷ୍ମ ପ୍ରବାହ ପରି ଚରମ ପାଣିପାଗ ଅବସ୍ଥା ସୃଷ୍ଟି ହେଉଛି ଏବଂ ହଜାର ହଜାର ମଣିଷ ମୃତ୍ୟୁମୁଖରେ ପଡୁଥିବାବେଳେ, ଧନସମ୍ପତ୍ତି, ଗଛଲତା, ରାସ୍ତାଘାଟ ଠାରୁ ଆରମ୍ଭକରି ସ୍ୱାସ୍ଥ୍ୟ, ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ଥିବା ଭିତ୍ତିଭୂମି ଧ୍ୱଂସ ହେଇଚାଲିଛି ଏବଂ ଏହାର ପ୍ରଭାବରେ ସ୍ଥାନାନ୍ତରଣ ବଢିଚାଲିଛି । ଯୁଦ୍ଧ ମଧ୍ୟ ସମାନ କାମ କରିଚାଲିଛି । ୟୁକ୍ରେନ-ରୁଷିଆ ଯୁଦ୍ଧରେ ଏ ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କ ଜୀବନ ଯାଇଛି, ଧନସମ୍ପତ୍ତି ଜଳିପୋଡ଼ି ଛାରଖାର ହେଇଯାଇଛି, ଘରଦ୍ୱାର ଛାଡି କେତେ ଯେ ଲୋକ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହେଇଛନ୍ତି, ତାର ହିସାବ ନାହିଁ । ତଥାପି ଲଢେଇ ଚାଲିଛି ନିଜ ନିଜର ପତିଆରା ପାଇଁ । ଠିକ୍ ସେହିପରି ଭୟଙ୍କର ହେବାରେ ଲାଗିଛି, ଇସ୍ରାଏଲ -ହିଜବୁଲ ଯୁଦ୍ଧ, ଇସ୍ରାଏଲର ଲେବାନନ ଆକ୍ରମଣ ଏବଂ ଇରାନର ଇସ୍ରାଏଲ ଆକ୍ରମଣ । ଆକ୍ରମଣ ଓ ପ୍ରତିଆକ୍ରମଣରେ ସଭ୍ୟତା ଓ ସଂସ୍କୃତି ଭୁଶୁଡିବାରେ ଲାଗିଛି । ମଣିଷ ନିଜ ହାତରେ ଗଢ଼ିଥିବା ସଭ୍ୟତା ଓ ସଂସ୍କୃତିକୁ ନିଜେ ଧ୍ୱଂସ କରିଚାଲିଛି । ଶାନ୍ତ ପରିବେଶ ଅଶାନ୍ତ ହେବାରେ ଲାଗିଛି । ପରିବାର, ସମାଜ ମଧ୍ୟରେ ଆବଦ୍ଧ ରହି, ଆନନ୍ଦରେ, ଖୁସିରେ ଜୀବନ ଜୀଉଁଥିବା ମଣିଷର ସ୍ୱପ୍ନ ସବୁ ଧୂଳିସାତ ହେବାରେ ଲାଗିଛି । ମୃତ୍ୟୁ ପାଇଁ ଅପେକ୍ଷା କରିଛି ମଣିଷ । ଆଉ କିଛି ମୃତ୍ୟୁ ଭୟରେ ପିଲାଛୁଆ ଧରି, ଜୀବନର ସବୁ ଅର୍ଜିତ ଧନସମ୍ପତ୍ତିକୁ ଛାଡି, ନିଜର ସଭ୍ୟତା, ସଂସ୍କୃତିକୁ ପଛରେ ପକାଇ, ଖୋଜୁଛନ୍ତି ନିରାପଦ ସ୍ଥାନ । ସୀମିତ ସ୍ଥଳଭାଗ ଆକ୍ରମଣ' ନାଁରେ ଇସ୍ରାଏଲ ହିଜବୁଲ ଓ ଲେବାନନ ଉପରେ ଘନ ଘନ ଆକ୍ରମଣ କରିଚାଲିଛି ଏବଂ ତା' ସହିତ ଏୟାର ଷ୍ଟ୍ରାଇକ୍- ଏହି ଲଢେଇରେ ଉଭୟ ପକ୍ଷ ସେନାଙ୍କ ଅପେକ୍ଷା ସାଧାରଣ ଜନତା ବେଶୀ କ୍ଷତିଗ୍ରସ୍ତ ହେବେ । ଲଢେଇ ଶେଷ ହେବାବେଳକୁ ଲେବାନନରେ କେତେ ଲୋକ ମରିବେ, ତା'ର ହିସାବ କରିବା ସମ୍ଭବ ନୁହେଁ । ଗତ ଦୁଇତିନି ଦିନ ମଧ୍ୟରେ ମହିଳା ଏବଂ ଶିଶୁଙ୍କ ସମେତ ଏକ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି । ଦେଶକୁ, ଦେଶର ଅର୍ଥନୀତିକୁ ଏବଂ ଜନତାଙ୍କ ଆର୍ଥିକ ସ୍ଥିତିକୁ ସଜାଡ଼ିବା ପାଇଁ ପ୍ରୟାସ କରିଆସୁଥିବା ଲେବାନନର ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟରେ । ଅଧିକ ବିବାଦକୁ ରୋକିବା ପରିବର୍ତ୍ତେ, ଇସ୍ରାଏଲ୍‌ର ସୈନ୍ୟସାମନ୍ତ ଲେବାନନ ମଧ୍ୟକୁ ପ୍ରବେଶ କରି କେବଳ ଅଧିକ ହିଂସା ପାଇଁ ପଥ ପରିଷ୍କାର କରୁଛନ୍ତି । ଅନ୍ୟପକ୍ଷରେ, ଇରାନ ଇସ୍ରାଏଲ୍ ଉପରେ ଶହ ଶହ କ୍ଷେପଣାସ୍ତ୍ର ନିକ୍ଷେପ କରିବାରେ ଲାଗିଛି- ଯାହା ହିଜବୁଲ ଏବଂ ହାମାସର ନେତାଙ୍କ ହତ୍ୟା ପାଇଁ ପ୍ରତିଶୋଧ ବୋଲି ବର୍ଣ୍ଣନା କରାଯାଇଛି । ଇସ୍ରାଏଲ୍ ଏହାର ରାଫା ଅପରେସନ୍ ସମୟରେ 'ସୀମିତ' ଶବ୍ଦ ବ୍ୟବହାର କରିଥିଲା, କିନ୍ତୁ ଗାଜାରେ ହଜାର ହଜାର ସାଧାରଣ ନାଗରିକଙ୍କ ଜୀବନ ଗଲା, ଧନସମ୍ପତ୍ତି ଗଲା ଏବଂ ଲୋକ ନିଜ ହାତରେ ଗଢ଼ିଥିବା ନିଜର ଘର, ପରିବାର, ସମାଜକୁ ଛାଡି ଅନ୍ୟ ସ୍ଥାନକୁ ଯିବାକୁ ବାଧ୍ୟ ହେଲେ । ସୀମିତ ଅପରେସନ୍‌ର ଦ୍ୱାହି ଦେଇ ଯୁଦ୍ଧ ଆରମ୍ଭ ହୁଏ, କିନ୍ତୁ ଏହାର ଗତି କୁଆଡେ ହେବ ଓ କେତେ ଭୟଙ୍କର ରୂପ ନେବ, ତାହା ଆକଳନ କରିବା ସମ୍ଭବ ନୁହେଁ । ଏହି ଯୁଦ୍ଧ କଥା ଯଦି ଦେଖିବା, ଏହା ଆଉ ଇସ୍ରାଏଲ ବା ଲେବାନନ ନିୟନ୍ତ୍ରଣରେ ନାହିଁ । ପରୋକ୍ଷରେ ଅନ୍ୟାନ୍ୟ ଦେଶ ମଧ୍ୟ ଯୋଡି ହେବାରେ ଲାଗିଲେଣି । ଲେବାନନ ଏବଂ ମଧ୍ୟ ପୂର୍ବ ପାଇଁ ଏହା ଏକ ନୂତନ ଏବଂ ବିପଜ୍ଜନକ ମୁହୂର୍ତ୍ତ, କିନ୍ତୁ ଏହା କାହାରି ଭାବନାରେ ବି ନାହିଁ । ମଧ୍ୟ ପୂର୍ବ ଅଞ୍ଚଳ ସର୍ବଦା ଅସ୍ଥିରତାର ଏକ ହଟସ୍ପଟ୍ ହେଇଆସିଛି, ଏକାଧିକ ବିବାଦ ଏବଂ ଗୃହଯୁଦ୍ଧ ଏହି ଅଞ୍ଚଳକୁ ଅସ୍ଥିର କରିଚାଲିଛି । ଅକ୍ଟୋବର ୨୦୨୩ରେ ଆରମ୍ଭ ହୋଇଥିବା ଇସ୍ରାଏଲ୍ ଏବଂ ହାମାସ ମଧ୍ୟରେ ଯୁଦ୍ଧ ଏହାକୁ ବିପଜ୍ଜନକ ଅଞ୍ଚଳ ଭାବରେ ନାମିତ କରିଛି । ଏକ ବର୍ଷ ମଧ୍ୟରେ ଏହି ବିବାଦ ଗାଜାରୁ ଲେବାନନ ଏବଂ ଲେବାନନରୁ ଇରାନ ପର୍ଯ୍ୟନ୍ତ ଏକ ବିସ୍ତାରିତ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି । ଏହି ପରିସ୍ଥିତିକୁ ଦେଖିଲେ ମନେ ହେଉଛି, ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମନରେ କୌଣସି ଦୀର୍ଘକାଳୀନ ଯୋଜନା ନାହିଁ, ପ୍ରସ୍ଥାନ ପାଇଁ କୌଣସି ସ୍ପଷ୍ଟ ରଣନୀତି ବି ନାହିଁ । ଅନେକଙ୍କ ଭାଷାରେ, ବେଞ୍ଜାମିନ୍ କେବଳ ନିଜର ରାଜନୈତିକ ଭବିଷ୍ୟଙ୍କୁ ସୁରକ୍ଷିତ କରିବା ପାଇଁ ଏହି ଯୁଦ୍ଧକୁ ବଢ଼ାଇ ଚାଲିଛନ୍ତି । ତେବେ ଚିନ୍ତା କରିବାର କଥା, ଏହା କଣ ଜଣେ ଶାସକ ପାଇଁ ସବୁକିଛି ? ଯୁଦ୍ଧ ବିନା ସମାଧାନର କଣ କୌଣସି ରାସ୍ତା ନାହିଁ ? ଇସ୍ରାଏଲ ଏବେବି ଗାଜା ଆକ୍ରମଣ ଜାରିରଖିଛି, ୱେଷ୍ଟ ବ୍ୟାଙ୍କରେ ଆକ୍ରମଣ ତୀବ୍ର କରିଛି ଏବଂ ୟେମେନରେ ହୁତିଙ୍କୁ ଆଘାତ କରି ଚାଲିଛି । କ୍ରମେ ପରିସ୍ଥିତି ଖରାପ ହେବାରେ ଲାଗିଛି ଏବଂ ଅନ୍ୟ ଦେଶ ମଧ୍ୟ ପକ୍ଷଭୁକ୍ତ ହେବାରେ ଲାଗିଛନ୍ତି, ଯାହା ଯୁଦ୍ଧକୁ ଆହୁରି ବ୍ୟାପ୍ତ କରିବା ନେଇ ସମ୍ଭାବନା ସୃଷ୍ଟି ହେଇଛି । କେତେକଙ୍କ ମତରେ, ଏହା ଗୋଟିଏ ମହାଯୁଦ୍ଧ ବା ବିଶ୍ୱଯୁଦ୍ଧର ରୂପ ମଧ୍ୟ ନେଇପାରେ । ଏହି ପରିସ୍ଥିତିରେ ଯୁଦ୍ଧକୁ କୌଣସିମତେ ବନ୍ଦ କରାଯିବା ନିହାତି ଜରୁରୀ । ଏହା ସମ୍ଭବ ହେଇପାରେ ବା ଯୁଦ୍ଧ ସୀମିତ ରହିପାରେ ଯଦି ଇସ୍ରାଏଲକୁ ଆମେରିକାର ଅସ୍ତ୍ରଶସ୍ତ୍ର ସହାୟତା ବନ୍ଦ କରିବ । କିନ୍ତୁ, ଦୁଃଖର କଥା, ୱାଶିଂଟନ୍ ଇସ୍ରାଏଲକୁ ସମର୍ଥନ ପ୍ରଦର୍ଶନ କରି ଯୁଦ୍ଧର ଭୟାଭୟତାକୁ ବଢ଼ାଇ ଚାଲିଛି । ଇସ୍ରାଏଲର ପ୍ରଧାନମନ୍ତ୍ରୀ ଗତ ସପ୍ତାହରେ ମିଳିତ ଜାତିସଂଘର ସାଧାରଣ ସଭାରେ କହିଥିଲେ ଯେ ପଡ଼ୋଶୀ ଦେଶମାନଙ୍କ ସହ ଶାନ୍ତିର ସହଭାଗିତା ଗଠନ କରି ତାଙ୍କ ଦେଶ ମଧ୍ୟ-ପୂର୍ବ ଅଞ୍ଚଳକୁ ନୂଆ ରୂପ ଦେବ । କିନ୍ତୁ ବାସ୍ତବିକତା ଏହା ନୁହେଁ । ଯଦିଓ ସାଉଦି ଆରବ ଏବଂ ଅନ୍ୟମାନେ ଏପର୍ଯ୍ୟନ୍ତ ନିରବ ରହିଛନ୍ତି ବା କୌଣସି ପକ୍ଷକୁ ସମର୍ଥନ ଦେଉନାହାନ୍ତି, କିନ୍ତୁ ଯୁଦ୍ଧ ବିସ୍ତାରିତ ହେବା ସହ ଏମାନେ ମଧ୍ୟ ପକ୍ଷଭୁକ୍ତ ହେବାକୁ ବାଧ୍ୟ ହେବେ । ଜୋର୍ଡାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ କେବଳ ଯୁଦ୍ଧ ଏବଂ ଯୁଦ୍ଧ ବ୍ୟତୀତ ଇସ୍ରାଏଲ ଆଉ କିଛି ଜାଣେ ନାହିଁ । କୂଟନୈତିକ ପ୍ରକ୍ରିୟା ବିନା, ଏହି ସଙ୍କଟର ସମାଧାନ ନାହିଁ, ବରଂ ଏହା ଏକ ବିପଜ୍ଜନକ ପରିସ୍ଥିତି ଆଡକୁ ଦ୍ରୁତ ଗତିରେ ଆଗେଇ ଚାଲିଛି । ଏହି ଯୁଦ୍ଧର କାରଣ ଯାହା ବି ହେଉନା କାହିଁକି, ସବୁକିଛି କାରଣର ସମାଧାନ ଆଲୋଚନା ମାଧ୍ୟମରେ ହେଇପାରିବ । ସମସ୍ତେ ବୁଝିବା ଦରକାର ଯେ' ଯୁଦ୍ଧ ସମାଧାନର ଏକମାତ୍ର ମାଧ୍ୟମ ନୁହେଁ, ବରଂ ଏହାଦ୍ୱାରା ଆମେ ଆମର ସୁନ୍ଦର ବର୍ତ୍ତମାନ ଓ ଭବିଷ୍ୟତକୁ ଧ୍ୱଂସ କରିଚାଲିଛେ, ମାନବ ସଭ୍ୟତା, ସଂସ୍କୃତିକୁ ବିଲୋପ କରିଚାଲିଛେ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଆଦ୍ୟାଶକ୍ତି ମା' ଦୁର୍ଗା

**ମାରୁତିଶ୍ରୀ ଚୌଧୁରୀ କାଶିନାଥ ମଲ୍ଲିକ**



ଆଧାତ୍ମିକ ପରମ୍ପରାକୁ ଅନୁଧ୍ୟାନ କଲେ ବାର ମାସରେ ତେର ପର୍ବ ଭାରତୀୟ ଆଧାତ୍ମିକ ସଂସ୍କୃତିର ଏକ ଅନବଦ୍ୟ ଘଟଣା ପ୍ରବାହ । ପୁଣ୍ୟଭୂମି ଭାରତବର୍ଷ ଏକ ପବିତ୍ର ଧାର୍ମିକ କ୍ଷେତ୍ର ଅଟେ । ବିଭିନ୍ନ ସମୟରେ ଦେବାଦେବୀମାନେ ତାଙ୍କର ଲୀଳାଖେଳା କରିବା ପାଇଁ ଏହି ପବିତ୍ର ଭୂମିରେ ଅବତାରୀ ହୋଇ ଅବତୀର୍ଣ୍ଣ ହୋଇଥାଆନ୍ତି । ଏଣୁ ଭାରତୀୟ ଋଷିମାନଙ୍କ ମତରେ ଏହା ଏକ ଦେବଭୂମି ଅଟେ । ଦେବଭୂମିରେ ଦେବାଦେବୀଙ୍କର ଅବତାର ଓ ଆର୍ବିଭାବ ହେବା, ଅନ୍ୟାୟ, ଅତ୍ୟାଚାର, ଅଧର୍ମକୁ ବିନାଶ କରି ଧର୍ମକୁ ରକ୍ଷା କରିବା, ଆତଙ୍କ ସୃଷ୍ଟିକାରୀ ଅସୁର କୁଳର ବିନାଶ କରି ଅସହାୟ ସାଧୁସନ୍ଥଙ୍କୁ ଅଭୟ ପ୍ରଦାନ କରିବା ଓ ଧର୍ମ ସଂସ୍ଥାପନ କରିବା ନେଇ ଭାରତୀୟ ଆଧାତ୍ମିକ କିମ୍ବଦନ୍ତୀରେ ଅନେକ ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଥାଏ । ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କ ଲୀଳା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଓ ଅନନ୍ୟ । ମା' ଦୁର୍ଗାଙ୍କର ମାତୃଶକ୍ତି ବ୍ରହ୍ମାଣ୍ଡର ପ୍ରତ୍ୟେକ ବସ୍ତୁରେ ବିଦ୍ୟମାନ । କେବଳ ସ୍ଥୂଳ ଜଗତରେ ନୁହେଁ, ସୂକ୍ଷ୍ମାତିସୂକ୍ଷ୍ମ ଜଗତରେ ଏହି ମାତୃଶକ୍ତି ବିଦ୍ୟମାନ । ଏଣୁ ଚଣ୍ଡୀରେ ଅଛି 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା' ଅର୍ଥାତ୍ ଦେବୀଙ୍କର ଆଦ୍ୟାଶକ୍ତି ସର୍ବଭୂତରେ ବିରାଜିତ ।

ପରମାତ୍ମା ବିଷ୍ଣୁ, ପରମାତ୍ମା ବ୍ରହ୍ମା, ପରମଯୋଗୀ ଶିବ ମଧ୍ୟ ଏହି ଶକ୍ତିର ସ୍ୱରୂପ । ଶକ୍ତି ଶବ୍ଦକୁ ବ୍ୟାଖ୍ୟା କରିବାକୁ ଗଲେ 'ଶକ୍' ଯୁକ୍ତ 'ତି' ଅର୍ଥାତ୍ 'ଶକ୍ତି' । ଶକ୍ ଧାତୁରୁ ତିନ୍ ପ୍ରତ୍ୟୟ ଯୋଗ ହେବା ଦ୍ୱାରା ଶକ୍ତି ସୃଷ୍ଟ ହୋଇଥାଏ । 'ଶ' ଐଶ୍ୱର୍ଯ୍ୟ ବାଚକ ଓ 'କ୍ତି' ପରାକ୍ରମ ବାଚକ । ଏଣୁ ମା' ଆଦିଶକ୍ତି ତାଙ୍କର ଆଶ୍ରିତ ସନ୍ତାନମାନଙ୍କୁ ଐଶ୍ୱର୍ଯ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ପରାକ୍ରମୀ ମଧ୍ୟ କରିଥାନ୍ତି । ସ୍ୱୟଂ ମା' ଦୁର୍ଗା ହେଲେ ଦୈତ୍ୟ ନାଶିନୀ, ବିଘ୍ନ ବିନାଶିନୀ, ମଙ୍ଗଳ ପ୍ରଦାୟନୀ, ଭୟ ବିନାଶିନୀ । ସେହି ଶକ୍ତିରୂପା ସୃଟେ କାଳରେ ମହାସରସ୍ୱତୀ, ସ୍ଥିତି କାଳରେ ମହାଲକ୍ଷ୍ମୀ ଏବଂ ପ୍ରଳୟ କାଳରେ ମହାକାଳୀ ରୂପରେ ବିଦ୍ୟମାନ ହୋଇ ସୃଷ୍ଟି, ସ୍ଥିତି, ପ୍ରଳୟ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ମା'ଙ୍କ ଦଶ ମହାବିଦ୍ୟା ରୂପ, ଯଥା-ତାହା ଷୋଡଶୀ, ଭୁବନେଶ୍ୱରୀ, ଭୈରବୀ, ବଗଳାମୁଖି, ଛିନ୍ନମସ୍ତା, ତ୍ରିପୁରାସୁନ୍ଦରୀ, ଧୂମାବତୀ, ମାତଙ୍ଗୀ ଥିବାବେଳେ ଆଦି ଶଙ୍କରାଚାର୍ଯ୍ୟଙ୍କ ଉକ୍ତିରେ ଦେବୀ ହେଉଛନ୍ତି ବିଶ୍ୱ ଜୟନ୍ତୀ, ନବଶକ୍ତିସମ୍ପନ୍ନ । ନବଶକ୍ତି ନବରୂପା ଜନନୀ ହେଲେ ପ୍ରଭା, ମାୟା, ଦୟା, ବିଶୁଦ୍ଧା, ନନ୍ଦିନୀ, ସୁପ୍ରଭା, ବିଜୟା ଓ ସର୍ବସିଦ୍ଧିନୀ ରୂପରେ ମା'ଙ୍କୁ ଆରାଧନା ଓ ଆବାହନ କରିଥିଲେ, ଆଦିଗୁରୁ ଶଙ୍କରାଚାର୍ଯ୍ୟ ।

*'ପାପତାପ ହାରିଣୀ ଦେବୀ କଲ୍ୟାଣୀ କରୁଣାମୟୀ*
*କଳି, ତାପ ବିନାଶିନୀ ଜନନୀ ରକ୍ଷ ସର୍ବଦା ।'*

କଳିକାଳର ପାପତାପ ହରଣ କରିବାର ସାମର୍ଥ୍ୟ କେବଳ ମା' ଦୁର୍ଗାଙ୍କର ହିଁ ଅଛି । କାରଣ ଦୁର୍ଗା ଶବ୍ଦଟି 'ଦୁର୍ଗ୍' ଯୁକ୍ତ 'ଆ' ରୁ ସୃଷ୍ଟ, 'ଦୁର୍ଗା' । 'ଦୁର୍ଗ୍' ହେଲା ଦୈତ୍ୟ ବାଚକ, 'ଆ' ହେଲା ହନନର ପ୍ରତୀକ ରୂପେ ବ୍ୟବହୃତ ହୋଇଥାଏ । ଏହି ଚରାଚର ବ୍ରହ୍ମାଣ୍ଡରେ ଜାଗତିକ ଦୁଃଖ, ସୁଖ, ଭୟ, ବିଘ୍ନ, ପାପ, ତାପ ଯେ ବିନାଶ କରି ଅକ୍ଷୟ ଓ ଐଶ୍ୱର୍ଯ୍ୟ ପ୍ରଦାନ କରିଥାଆନ୍ତି, ସେ ହିଁ ଦୁର୍ଗା । ମାତୃଶକ୍ତିର ଆରାଧନା ବିନା କେବ, ମାନବ ନୁହେଁ ସ୍ୱୟଂ ଦେବତାମାନେ ମଧ୍ୟ ନିସ୍ତେଜ, ନିଶକ୍ତି, ନିବୀର୍ଯ୍ୟ ହୋଇଥାନ୍ତି । ଶକ୍ତିସ୍ୱରୂପିଣୀ ଦୁର୍ଗାଦେବୀ ଅତି ସୌନ୍ଦର୍ଯ୍ୟମୟୀ । ସେ ଦଶଭୁଜା, ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ବିଭୂଷିତା ସିଂହବାହିନୀ, ରକ୍ତପଦ୍ମା, ତ୍ରିନୟନୀ । ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ନିଜେ ଶକ୍ତିବାନ ହେବା ପାଇଁ ଓ ଯୁଦ୍ଧରେ ବିଜୟ ଲାଭର କାମନା କରି ସେହି ଶକ୍ତିମୟୀ ଦୁର୍ଗାଦେବୀଙ୍କୁ ଆବାହନ ପୂର୍ବକ ଆରାଧନା କରିଥିଲେ । ମା'ଙ୍କ ପରୀକ୍ଷା ଯୋଗୁଁ ପୁରୁଷୋତ୍ତମ ରାମଚନ୍ଦ୍ର ୧୦୮ ଶ୍ୱେତପଦ୍ମ ମା'ଙ୍କୁ ଅର୍ପଣ ବେଳେ ଗୋଟିଏ ପଦ୍ମ ଗୋପନ ହେବା, ନିଜେ ନିଜର ରାଜୀବ ଲୋଚନକୁ ଶରମୁନରେ ଉତ୍ପାଟିତ କରିବା ପାଇଁ ଉଦ୍ୟମ କରିବା ସଭିଙ୍କୁ ଜଣା । ଦ୍ୱାପର ଯୁଗରେ ମହାଭାରତ ଯୁଦ୍ଧରେ କୃଷ୍ଣଙ୍କ ଉପଦେଶକୁ ପାଥେୟ କରି ମହାରଥୀ ଅର୍ଜୁନ ନିଜର ବିଜୟ କାମନା କରି ଦେବୀଙ୍କୁ ଆରାଧନା କରିଥିଲେ । ମାର୍କଣ୍ଡେୟ ପୁରାଣ ବର୍ଣ୍ଣିତ ଏହି ଦେବୀମନ୍ତ୍ରକୁ ମହାରଥୀ ଅର୍ଜୁନ ପାଠ କରି ସିଦ୍ଧିପ୍ରାପ୍ତ ହୋଇଥିଲେ ।

*'ନମସ୍ତେ ନମସ୍ତେ ସିଦ୍ଧ ସେନାନୀ ଆର୍ଯ୍ୟ ମନ୍ଦର ବାସିନୀ*
*କୁମାରୀ କାଳୀ କପିଳେ କୃଷ୍ଣ ପିଙ୍ଗଳେ ।'*

ଜଗତ୍ ଜନନୀ ଆଦ୍ୟା ମା' ଦୁର୍ଗା ହେଲେ ଈଶ୍ୱରୀ ଓ ଈଶ୍ୱର ମଧ୍ୟ । ସେ ଜନମେ ଜନନୀ, ସ୍ରଷ୍ଟାରୁ ସୃଷ୍ଟିକାରିଣୀ, ପ୍ରସବେ ପ୍ରସବିନୀ, ପ୍ରସବ କରିବାର ଶକ୍ତି କେବଳ ମା'ଙ୍କର ହିଁ ଅଛି । ଚଉଦ ବ୍ରହ୍ମାଣ୍ଡକୁ ପ୍ରସବ କରି ଦେବାଦେବୀଙ୍କୁ ସୃଷ୍ଟି କରି ସେ ଶୂନ୍ୟରେ ରହି ଲୀଳା ଦେଖୁଥାନ୍ତି । ସେ ହେଲେ ଈଶ୍ୱର । କାରଣ ଈଶ୍ୱର ଶବ୍ଦଟି 'ଈଶ୍' ଧାତୁରୁ ନିଷ୍ପନ୍ନ ହୋଇଅଛି । ଯାହାର ଅର୍ଥ ହେଲା ସ୍ରଷ୍ଟା, ଯିଏ ନିଜ ଶରୀରରୁ ସଭିଙ୍କୁ ସୃଷ୍ଟି କରିଛନ୍ତି, ସେ ହେଲେ ମା' ଦୁର୍ଗା ।

ବୈଦିକ ଯୁଗରୁ ଭାରତୀୟ ପରମ୍ପରାରେ ଶକ୍ତି ପୂଜାର ପ୍ରଭାବ ବିସ୍ତାରିତ ହୋଇଅଛି । ମାର୍କଣ୍ଡେୟ ପୁରାଣରେ ଦେବୀ ମାହାତ୍ମ୍ୟ ଅତି ସରସ ଓ ଚମତ୍କାର ଶୈଳୀରେ ବର୍ଣ୍ଣନା କରାଯାଇଅଛି । ସେହି ମାତୃଶକ୍ତି ଅଂଶକୁ ଚଣ୍ଡୀ, ଦୁର୍ଗା ବା ସପ୍ତସତୀ ବୋଲି କୁହାଯାଇଥାଏ । ବର୍ତ୍ତମାନ ଦୁର୍ଗା ପୂଜାରେ ଯେଉଁ ମନ୍ତ୍ର ପ୍ରଚଳନ ହେଉଛି, ତାହା ସେହି ମାର୍କଣ୍ଡେୟ ପୁରାଣରୁ ଉଦ୍ଧୃତ । ତନ୍ତ୍ର ଶାସ୍ତ୍ରରେ ଦେବୀଙ୍କର ଅନେକ ରୂପ ବର୍ଣ୍ଣନା କରାଯାଇଅଛି । ତହିଁ ମଧ୍ୟରୁ ସପ୍ତମାତୃକା, ଦଶ ମହବିଦ୍ୟା ରୂପର ପ୍ରାଧାନ୍ୟ ଅତି ଉର୍ଦ୍ଧ୍ୱରେ । ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, ବରାହୀ, ବୈଷ୍ଣବୀ, କୌମାରୀ ଓ ଚାମୁଣ୍ଡାଙ୍କୁ ସପ୍ତମାତୃକା ରୂପରେ ଗ୍ରହଣ କରାଯାଇଥିବାବେଳେ ଚାମୁଣ୍ଡା ତନ୍ତ୍ରରେ ଦଶ ମହାବିଦ୍ୟା ରୂପ ହେବ ।

*'କାଳୀ, ତାରା, ମହାବିଦ୍ୟା, ଷୋଡଶୀ, ଭୁବନେଶ୍ୱରୀ*
*ଭୈରବୀ, ଛିନ୍ନମସ୍ତା ଚ ବିଦ୍ୟା ଧୂମାବତୀ ତଥା*
*ବଗଳା ସିଦ୍ଧିବିଦ୍ୟା ଚ ମାତଙ୍ଗୀ କମଳାତ୍ମିକା*
*ଏତାଦଶ ମହାବିଦ୍ୟା ସିଦ୍ଧବିଦ୍ୟା ପ୍ରକିର୍ତ୍ତିତା ।'*

କେଉଁ ଆବାହମାନ କାଳରୁ ଭାରତବର୍ଷରେ ଶକ୍ତି ପୂଜା ବା ମା' ଦୁର୍ଗାପୂଜା ପ୍ରଚଳନ ହୋଇ ଆସୁଅଛି, ଏହା ଠିକ୍ ଭାବେ କଳନା କରିବା କଷ୍ଟସାଧ୍ୟ । ଏହି ପ୍ରାଚୀନ ପରମ୍ପରା ଦୁର୍ଗାପୂଜା ବାସ୍ତବରେ ଏକ ଲୋକପ୍ରିୟ ପୂଜା । ଭାଦ୍ରବ ମାସ ନନ୍ଦ ଉତ୍ସବ ଠାରୁ ଦଶହରା ପାର୍ବଣ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ଦ୍ୱାପର ଯୁଗରେ ମା' ଦୁର୍ଗା ବିଜୁଳି କନ୍ୟା ହୋଇ କଂସାସୁରକୁ, ତା' ମୃତ୍ୟୁର ଚେତାବନୀ ଦେଇ ଶୂନ୍ୟରେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ପୁନଶ୍ଚ ସତ୍ୟଯୁଗରେ ମହିଷାସୁରକୁ ବଧ କରିବା ନିମନ୍ତେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲେ । କଟକ ସହରରେ ନନ୍ଦ ଉତ୍ସବ ଦିନ ସମସ୍ତ ମଣ୍ଡପର ଅଧିକାରୀମାନେ ବାଦ୍ୟ ସଂକୀର୍ତ୍ତନ କରି ନଦୀରୁ ଆବାହନ ପୂର୍ବକ ନଦୀ ମାଟି ଆଣି ନିଜ ମଣ୍ଡପରେ ସଂସ୍ଥାପନ କରିଥାଆନ୍ତି । ସେହି ମାଟିରେ ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ଗଠନ କରାଯାଇଥାଏ । କଟକ ସହରରେ ଦୁର୍ଗାପୂଜାର ତାତ୍ପର୍ଯ୍ୟ ଅତି ଉର୍ଦ୍ଧ୍ୱରେ । ଆଶ୍ୱିନ ମାସରେ ଦେଶବ୍ୟାପୀ ଦୁର୍ଗାପୂଜା ହୋଇଥାଏ ସତ କିନ୍ତୁ କଟକ ସହରରେ ଦୁର୍ଗାପୂଜାର ସ୍ୱତନ୍ତ୍ରତା ରହିଛି । ବାଉନ ବଜାର ତେପନ ଗଳି ବିଶିଷ୍ଟ ଏହି କଟକ ସହରରେ ୧୭୦ ମଣ୍ଡପରେ. ୧୭୦ ମେଢ଼ ଏକସଙ୍ଗରେ ପୂଜାର୍ଚ୍ଚନା, ଏକ ସଙ୍ଗରେ ଶୋଭାଯାତ୍ରା କରି ସହର ପରିକ୍ରମା କରିବା, ପୁରୀ ଘାଟ ଦେବୀଗଡାରେ ମୃଣ୍ମୟୀ ମୂର୍ତ୍ତୀର ଜଳାଶାୟୀ ହେବା ବାସ୍ତବରେ ଅନ୍ୟ ଠାରୁ ଅନନ୍ୟ । ରୁପା ସହରରେ ସୁନା, ରୁପା ମେଢ଼ ମା'ଙ୍କର ସମସ୍ତ ଆଭୂଷଣ ସୁନା, ରୁପାରେ ସୁସଜ୍ଜିତ ପୂର୍ବପୁରୁଷଙ୍କ ପରମ୍ପରାଙ୍କ ପରମ୍ପରାକୁ ସମସ୍ତ ମଣ୍ଡପଧାରୀ ଅଧିକାରୀମାନେ ବଜାୟ ରଖି ଭାଇଚାରର ରଜ୍ଜୁରେ ବାନ୍ଧି ହୋଇ ଏହି ସଂସ୍କୃତି ସମ୍ପନ୍ନ ସହରରେ ବିଭିନ୍ନତା ମଧ୍ୟରେ ଏକତାର ପରିଚୟ ଦେଇଥାନ୍ତି । ବେଦରେ ଅଛି-

*'ଉଗ୍ରତାରା ଶୂଳପାଣି ସୁଭଦ୍ରା ଭୁବନେଶ୍ୱରୀ*
*ନୀଳାଦ୍ରି ଶ୍ରୀଜଗନ୍ନାଥ ସାକ୍ଷାତ୍ ଦକ୍ଷିଣକାଳିକା ।'*

ଆଜି ଏହି ପବିତ୍ର ଦୁର୍ଗାପୂଜା ଅବସରରେ ମା' ଦୁର୍ଗାଦେବୀଙ୍କର ଶ୍ରୀପାଦପଦ୍ମରେ ଏତିକି ପ୍ରାର୍ଥନା, ହେ ମା' ତୁମେ ଭୂ-ତାପକୁ ହରଣ କରିବା ସଙ୍ଗେ ସଙ୍ଗେ ତୁମେ ଭକ୍ତମାନଙ୍କର ସମସ୍ତ ଦୁଃଖ, କଷ୍ଟ, ପାପା, ତାପ, ବିଘ୍ନ, ଭୟ, ଅଶାନ୍ତି, ଅଭାବ, ବ୍ୟାଧି, କ୍ରୋଧ, ଲୋଭ, ଈର୍ଷା ଓ ଅହଙ୍କାରକୁ ଦୂର କରି ତୁମ ପଣତକାନିରେ ସଦା ଆଶ୍ରୟ ଦେଉଥିବ ।

*'ଜାନାମି ଧର୍ମ ନ ଚ ମେ ପ୍ରବୃତ୍ତି*
*ଜାନାମି ଅଧର୍ମ ନ ଚ ମେ ନିବୃତ୍ତି ।*
*ତ୍ୱୟା ମାତେଶ୍ୱରୀ ହୃଦେ ସ୍ଥିତେ ନ*
*ଯଥା ନିଯୋକ୍ତସ୍ମି ତଥା କରୋମି ।'*

**ସଭାପତି, କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି**
**ମାରୁତି ମଣ୍ଡପ, ଚୌଧୁରି ବଜାର, କଟକ**
**ମୋ- ୯୩୩୭୦୧୧୬୫୩**

# ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବିଧାୟିକା



**ହିମାଂଶୁ ଶେଖର ଆଚାର୍ଯ୍ୟ**

ଓଡ଼ିଶାର ପ୍ରଥମ ମହିଳା କାରାବନ୍ଦୀ ସେ । ପ୍ରଥମ ମହିଳା ବିଧାୟିକା ବି । ପୁଣି ଓଡ଼ିଶାରେ ନାରୀ ଜାଗରଣର କର୍ଣ୍ଣଧାର ଥିଲେ ସେ । ସେ ହେଉଛନ୍ତି ଓଡ଼ିଶାରେ ଅଗ୍ନିକନ୍ୟା ଭାବେ ପରିଚିତା ସରଳା ଦେବୀ । ଏକାଧାରରେ ସେ ଥିଲେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଆଦର୍ଶ ସହଧର୍ମିଣୀ, ସୁଦକ୍ଷା ସଂଗଠିକା, ସୁସାହିତ୍ୟିକା ଓ ସର୍ବୋପରି ଜଣେ ମହୀୟସୀ ଜନନେତ୍ରୀ । ଏଥିସହିତ ୧୦୩୯ ମସିହା ମାର୍ଚ୍ଚ ୨୪ ତାରିଖରେ ଦିନକ ପାଇଁ ସେ ଓଡ଼ିଶା ବିଧାନ ସଭାର ବାଚସ୍ପତି ରହି ଗୃହର ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

ସରଳା ଦେବୀ ୧୯୦୪ ମସିହା ଅଗଷ୍ଟ ୧୯ ତାରିଖରେ ଅବିଭକ୍ତ କଟକ ଓ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ବାଲିକୁଦା ଅନ୍ତର୍ଗତ ନରିଲୋ ଗ୍ରାମରେ ପିତା ବାସୁଦେବ କାନୁନ୍‌ଗୋ ଓ ମାତା ପଦ୍ମାବତୀଙ୍କ କୋଳମଣ୍ଡନ କରିଥିଲେ । ମାତ୍ର ତାଙ୍କ ପାଳକ ପିତା ଥିଲେ ବାସୁଦେବଙ୍କ ସାନ ଭାଇ ବାଳମୁକୁନ୍ଦ, ଯେ କି ତତ୍‌କାଳୀନ ବ୍ରିଟିଶ୍ ଶାସନର ଥିଲେ ଜଣେ ଡେପୁଟି କଲେକ୍ଟର । ବାଳମୁକୁନ୍ଦଙ୍କ ଚାକିରିରେ ଘନ ଘନ ବଦଳି ଯୋଗୁଁ ସରଳାଙ୍କ ଆନୁଷ୍ଠାନିକ ଶିକ୍ଷା ବେଶୀ ଦୂର ଯାଇନଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ 'ଫାଷ୍ଟ ବୁକ୍ ଅଫ୍ ରିଡିଙ୍ଗ୍' ରୁ ସେ ଇଂରାଜୀ ଶିକ୍ଷା ଆରମ୍ଭ କଲେ । ପରେ ଗୃହ ଶିକ୍ଷକଙ୍କ ଦ୍ୱାରା ସପ୍ତମ ଯାଏ ପଢିଲେ ସରଳା ଦେବୀ । କିନ୍ତୁ ଆନୁଷ୍ଠାନିକ ଶିକ୍ଷାର ଅଭାବ ତାଙ୍କ ଜ୍ଞାନ ଆହରଣର ବାଟ ଓଗାଳି ପାରିନଥିଲା । ପରେ ନିଜସ୍ୱ ଉଦ୍ୟମରେ ପ୍ରଚୁର ପଢାପଢି କରି ସେ ହିନ୍ଦୀ, ବଙ୍ଗଳା ଓ ଇଂରାଜୀ ଭାଷାକୁ ଭଲ ଭାବରେ ଆୟତ୍ତ କରିଥିଲେ । ତାଙ୍କର ସୃଷ୍ଟି ସମ୍ଭାର ଦେଖିଲେ ତାଙ୍କ ଜ୍ଞାନର ଗଭୀରତାର ସ୍ପଷ୍ଟ ଆଭାସ ମିଳେ ।

୧୯୧୮ ମସିହାରେ ମାତ୍ର ୧୪ ବର୍ଷ ବୟସରେ ଜଗତସିଂହପୁର ଚାତ୍ରା ଗ୍ରାମର ବିଶିଷ୍ଟ ଜମିଦାର ଚୌଧୁରୀ ଦୁର୍ଗା ଚରଣ ମହାପାତ୍ରଙ୍କ ସୁଯୋଗ୍ୟ ସନ୍ତାନ ଭାଗୀରଥି ମହାପାତ୍ରଙ୍କୁ ବିବାହ କରିଥିଲେ ସରଳା । ସରଳା ଦେବୀଙ୍କ ବିଦ୍ରୋହୀ ମନୋଭାବର ସୂଚନା ମିଳିଥିଲା ତାଙ୍କ କୈଶୋର ଜୀବନରୁ । ଜମିଦାର ବଂଶ ବଧୂ ହୋଇ ସାରିଲା ପରେ ବି ସେ ଘରର ଚାରିକାନ୍ଥ ଭିତରେ ଓଢ଼ଣା ପକାଇ ଚୁପ୍‌ଚାପ୍ ବସି ରହିବାକୁ ପସନ୍ଦ କରିନଥିଲେ । ୧୯୧୯ ମସିହାରେ ଜାଲିଆନାୱାଲାବାଗ୍‌ର ନରସଂହାର, ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ଓ ସତ୍ୟାଗ୍ରହ ସରଳାଙ୍କ ମନ ଭିତରେ ସୃଷ୍ଟିକଲା ଗଭୀର ଆଲୋଡନ । ସାମନ୍ତୀୟ ଅବଗୁଣ୍ଠନ ହଟାଇ, ଦାମ୍ପତ୍ୟ ପ୍ରେମର ସୁଖକୁ ଏଡାଇ ସରଳାଙ୍କ ପ୍ରାଣରେ ଅଙ୍କୁରିତ ହେଲା ଦେଶପ୍ରେମ ଭାବ । ଅବଶ୍ୟ ସ୍ୱାମୀ ଭାଗିରଥୀ ମହାପାତ୍ର ସରଳାଙ୍କ ଉଚ୍ଚାକାଂକ୍ଷାକୁ ସାକାର କରିବା ପାଇଁ ସୃଷ୍ଟି କରିଥିଲେ ପର୍ଯ୍ୟାପ୍ତ ସୁଯୋଗ ଓ ବଢାଇଥିଲେ ସହଯୋଗର ହାତ । ୧୯୨୧ ମସିହାରେ ମହାତ୍ମା ଗାନ୍ଧି ଅସହଯୋଗ ଆନ୍ଦୋଳନର ଡାକରା ଦେଲେ ଏବଂ ଏହି ଆନ୍ଦୋଳନକୁ ଓଡ଼ିଶାରେ ଆଗେଇ ନେବାକୁ ମହାତ୍ମା ଗାନ୍ଧି ଓଡିଶା ଆସିଥାନ୍ତି । ମହିଳାମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ କରିବା ଥିଲା ଏହି ଆଗମନର ମୂଳ ଲକ୍ଷ୍ୟ । ତାଙ୍କ ଉଦ୍ୟମ ଓ ପ୍ରେରଣାର ଫଳସ୍ୱରୂପ ୪୦ ଜଣ ମହିଳା ସେଦିନ ସଭାରେ ଯୋଗ ଦେଇଥିଲେ । ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ଥିଲା ସେଦିନ କାଠଯୋଡି ବାଲିରେ ଅନୁଷ୍ଠିତ ସେହି ସମାବେଶରେ ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ଓଡ଼ିଆରେ ଭାଷାନ୍ତର କରି ଉପସ୍ଥିତ ଜନତାଙ୍କୁ ଚକିତ କରିଦେଇଥିଲେ ସରଳା ଦେବୀ ।

**ଜଣେ ବିଧାୟିକା ଭାବରେ ତାଙ୍କର କାର୍ଯ୍ୟକୁଶଳତା ତାଙ୍କୁ ଚିରଦିନ ଅବିସ୍ମରଣୀୟ କରି ରଖିବ । ବିଧାନସଭାରେ ପ୍ରାଥମିକ ଶିକ୍ଷା, ନାରୀଶିକ୍ଷା, କୃଷକ ଓ ଶ୍ରମିକ ଥଇଥାନ, ମହାଜନୀ କାରବାରର ବିରୋଧ, ଯୌତୁକ ପ୍ରଥା ଉଚ୍ଛେଦ ଆଦି ବିଷୟରେ ସେ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ । ଯୌତୁକ ବିରୋଧୀ ବିଲ୍ ଆଣି ସେ ଗୋଟିଏ ନୂଆ ପରମ୍ପରା ସୃଷ୍ଟି କରିଥିଲେ । ସମାଜ ସେବା, ଅହିଂସା ସଂଗ୍ରାମ, ସତ୍ୟାଗ୍ରହ ଓ ରାଜନୈତିକ ଜୀବନବୋଧ ଭିତରେ ସାହିତ୍ୟ ସାଧନା ଥିଲା ସରଳାଙ୍କ ଜୀବନର ଅନ୍ତିମ ଲକ୍ଷ୍ୟ ।**

୧୯୩୦ ମସିହାର ଐତିହାସିକ ଲବଣ ସତ୍ୟାଗ୍ରହରେ ସରଳାଙ୍କର ଅବଦାନ ବି କିଛି କମ୍ ନଥିଲା । ସେତେବେଳେ ଓଡିଶାରେ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡିଠାରେ ଲୁଣ ମରାହେବା ପାଇଁ ସ୍ଥିର ହୋଇଥାଏ । ପୋଲିସ୍‌ର ଦମନ ଲୀଳାକୁ ଖାତିର ନକରି ସତ୍ୟାଗ୍ରହୀମାନେ ଇଞ୍ଚୁଡି ଅଭିମୁଖେ ଯାତ୍ରା କରିଥିଲେ । ସରଳା ଦେବୀ କେବଳ ଏଥିରେ ସାମିଲ ହୋଇନଥିଲେ ବରଂ ତାଙ୍କ ଦୃଢ ନେତୃତ୍ୱ ଯୋଗୁଁ ଅନେକ ନାରୀ ଏଥିରେ ଯୋଗ ଦେଇଥିଲେ । ସେହିପରି ଗଞ୍ଜାମର ହୁମାଠାରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇ ସେ ଗିରଫ ହେଲେ ଓ ତାଙ୍କୁ ପ୍ରଥମେ ଛତ୍ରପୁର ଓ ପରେ ଭେଲୋରରେ ବନ୍ଦୀ କରି ରଖାଯାଇଥିଲା । ସେ ଥିଲେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରିଥିବା ପ୍ରଥମ ନାରୀ । ସେହିପରି ଓଡ଼ିଶାରେ ନାରୀମୁକ୍ତି ଆନ୍ଦୋଳନର ଇତିହାସ ସରଳାଙ୍କ ବିନା ଲେଖିବା ଅସମ୍ଭବ । ସେ ଥିଲେ ତା'ର ପ୍ରମାଣ । ସେ କହୁଥିଲେ 'ନାରୀ ଜାଗିଲେ ପରିବାର ଜାଗିବ ଓ ପରିବାର ଜାଗିଲେ ଦେଶ ଜାଗିବ' । ସେଥିପାଇଁ କୁନ୍ତଳା କୁମାରୀ ସାବତ, ବସନ୍ତ କୁମାରୀ ଦେବୀ, ସରୋଜିନୀ ଚୌଧୁରୀ, କୋକିଳା ଦେବୀ ଓ ଜାହ୍ନବୀ ଦେବୀ ସହ ମିଶି ସେ ଗଠନ କରିଥିଲେ 'ନିଖିଳ ଉତ୍କଳ ନାରୀ ପରିଷଦ' । ସଭାସମିତିରେ ତାଙ୍କର ଅଗ୍ନିବର୍ଷୀ ଓ ସାରଗର୍ଭକ ଭାଷଣ ସମସ୍ତଙ୍କ ମନରେ ଅପୂର୍ବ ଶିହରଣ ସୃଷ୍ଟି କରିଥିଲା ।

ଜଣେ ବିଧାୟିକା ଭାବରେ ତାଙ୍କର କାର୍ଯ୍ୟକୁଶଳତା ତାଙ୍କୁ ଚିରଦିନ ଅବିସ୍ମରଣୀୟ କରି ରଖିବ । ବିଧାନସଭାରେ ପ୍ରାଥମିକ ଶିକ୍ଷା, ନାରୀଶିକ୍ଷା, କୃଷକ ଓ ଶ୍ରମିକ ଥଇଥାନ, ମହାଜନୀ କାରବାରର ବିରୋଧ, ଯୌତୁକ ପ୍ରଥା ଉଚ୍ଛେଦ ଆଦି ବିଷୟରେ ସେ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ । ଯୌତୁକ ବିରୋଧୀ ବିଲ୍ ଆଣି ସେ ଗୋଟିଏ ନୂଆ ପରମ୍ପରା ସୃଷ୍ଟି କରିଥିଲେ । ସମାଜ ସେବା, ଅହିଂସା ସଂଗ୍ରାମ, ସତ୍ୟାଗ୍ରହ ଓ ରାଜନୈତିକ ଜୀବନବୋଧ ଭିତରେ ସାହିତ୍ୟ ସାଧନା ଥିଲା ସରଳାଙ୍କ ଜୀବନର ଅନ୍ତିମ ଲକ୍ଷ୍ୟ । ସରଳାଙ୍କ ଲାଗି ସାହିତ୍ୟ ଏକ ସୌଖୀନ ବିଳାସ ନୁହେଁ, ଥିଲା ସଂଗ୍ରାମର ଆଉ ଏକ ସୀମାନ୍ତ । ସାହିତ୍ୟର ବିଭିନ୍ନ ବିଭାଗ-ଗଳ୍ପ, ଉପନ୍ୟାସ, କବିତା, ଅନୁବାଦ, ଜୀବନୀ, ନାଟକ, ପ୍ରବନ୍ଧ ଏବଂ ସମାଲୋଚନା ପ୍ରଭୃତିରେ ସେ ହାତଦେଇ ଅସାମାନ୍ୟ ସଫଳତା ଅର୍ଜନ କରିଥିଲେ । କିନ୍ତୁ ନିବନ୍ଧ ରଚନାରେ ସେ ଥିଲେ ସିଦ୍ଧହସ୍ତ । ବିଶ୍ୱ ବିପ୍ଳବୀ, ଉତ୍କଳର ନାରୀ ସମସ୍ୟା, ନାରୀର ଦାବୀ ଓ ଭାରତୀୟ ମହିଳା ପ୍ରସଙ୍ଗ ନିବନ୍ଧଗୁଡିକ ତାଙ୍କ ପ୍ରଶସ୍ତ ଅଧ୍ୟୟନ ଓ ଶାଣିତ ବିଶ୍ଳେଷଣର ଗୋଟିଏ ଗୋଟିଏ ନମୁନା । ସେମିତି 'ନାରୀର ଦାବୀ' ନିବନ୍ଧଟି ନାରୀ ସ୍ୱାଧୀନତାର ଆଦ୍ୟ ଇସ୍ତାହାର କହିଲେ ଭୁଲ ହେବନାହିଁ । ସାହିତ୍ୟ ସମାଲୋଚନା କ୍ଷେତ୍ରରେ ତାଙ୍କ ଦକ୍ଷତାକୁ ପ୍ରମାଣିତ କରେ ସମାଲୋଚନା ମୂଳକ ପ୍ରବନ୍ଧ 'ସାରଳା ମହାଭାରତରେ ନାରୀ ଚିତ୍ର' ଓ 'କୁନ୍ତଳା କୁମାରୀଙ୍କ ନାରୀ ପ୍ରତିଭା' ଗ୍ରନ୍ଥଦ୍ୱୟ । ଜଣେ ଲେଖିକା ଭାବରେ ନାଟକ ରଚନା କରି ସରଳା ଦେବୀ ନିଜପାଇଁ ଏକ ସ୍ୱତନ୍ତ୍ର ଛାପ ଛାଡି ଯାଇଛନ୍ତି । ସେହିପରି ନାଟକ, ଗଳ୍ପ ଓ ଉପନ୍ୟାସ ରଚନାରେ ସରଳା ତାଙ୍କ କଥା ଶୈଳୀର ଚମତ୍କାରିତା ପ୍ରଦର୍ଶନ କରିଛନ୍ତି ।

ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ସାହିତ୍ୟିକା ଭାବରେ ସରଳା ଦେବୀ ଥିଲେ ଏକ ଅନିର୍ବାଣ ଶିଖା । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନ ଥିଲା ତାଙ୍କ ପାଇଁ ପରୀକ୍ଷା-ନିରୀକ୍ଷାର ପ୍ରୟୋଗଶାଳା । ଏହି ମହାନ୍ ଜନନେତ୍ରୀ ୧୯୮୬ ମସିହା ଅକ୍ଟୋବର ୪ ତାରିଖରେ ଆରପାରିକୁ ଚାଲିଗଲେ ଏବଂ ପଛରେ ଛାଡିଗଲେ ଅଧୁରା ସ୍ୱପ୍ନ । ସେ ସ୍ୱପ୍ନକୁ ଆମକୁ ସାକାର କରିବାକୁ ହେବ ।

**ଜଗତସିଂହପୁର**
**ମୋ - ୯୯୩୭୧୫୧୦୫୨**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦଶହରାରେ...

ପ୍ରଭାବ ପଡ଼ିବ ନାହିଁ । ବାଂଲାଦେଶ ଓ ଉତ୍ତର-ପୂର୍ବ ଭାରତରେ ବର୍ଷା ହେବ । ଆସନ୍ତା ୬ ଓ ୭ ତାରିଖରେ ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର ଓ ଦକ୍ଷିଣ ଆରବସାଗରକୁ ମିଶାଇ ଏକ ଲଘୁଚାପ ସୃଷ୍ଟି ହେବ । ଯାହାଦ୍ୱାରା ତାମିଲନାଡୁ ଓ କେରଳରେ ବର୍ଷା ହେବ ।

ବର୍ତ୍ତମାନ ଧାନ ଫସଲ ଲିଙ୍ଗସଞ୍ଚାର ଅବସ୍ଥାକୁ ଆସିଯାଇଛି । ଏହି ସମୟରେ ପାଣିର ଆବଶ୍ୟକତା ବେଶୀ । କିନ୍ତୁ ଆଗକୁ ସମ୍ଭବତଃ କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ନାହିଁ । ତେଣୁ ପାଣି ବାନ୍ଧି ରଖନ୍ତୁ । ଅଣଜଳସେଚିତ ଜମିରେ ରବି ଫସଲ ଡେରି ନକରି ଶୀଘ୍ର ଲଗାନ୍ତୁ ବୋଲି ଶ୍ରୀ ପଶୁପାଳକ ପରାମର୍ଶ ଦେଇଛନ୍ତି ।

## ରାଜ୍ୟରେ...

ପରିସୀମା ଏହାକୁ ବିଶ୍ୱସ୍ତରୀୟ ବନିଯୋଗ ପାଇଁ ପ୍ରସ୍ତୁତ କରିଛି । ସେ ଓଡିଶାରେ ଥିବା ସମ୍ଭାବନା, ସ୍ଥାନୀୟ ସଂସ୍କୃତି ଏବଂ ଓଡିଶାରେ ଥିବା କୃଶଳୀ ଶ୍ରମିକ ମାନଙ୍କ ଉପରେ ଆଲୋକପାତ କରିଥିଲେ । ସେ ସମସ୍ତଙ୍କୁ ଉତ୍କର୍ଷ ଓଡିଶା: ମେକ୍ ଇନ୍ ଓଡିଶା କନକ୍ଲେଭ୍ ୨୦୨୫ରେ ଯୋଗଦେବା ପାଇଁ ସ୍ୱାଗତ ମଧ୍ୟ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଭାରତର ପୂର୍ବ ସମୁଦ୍ର ତଟରେ ଅବସ୍ଥିତ । ଏହାର ୪୮୦ କିମି ବିସ୍ତୃତ ବେଳାଭୂମି ରହିଛି । ପୂର୍ବରୁ ଆମର ଦକ୍ଷିଣପୂର୍ବ ଏବଂ ପୂର୍ବ ଏସିଆ ସହ ବାଣିଜ୍ୟିକ ସମ୍ପର୍କ ରହିଥିଲା । ୟୁରୋପ ଓ ମଧ୍ୟପୂର୍ବ ସହ ମଧ୍ୟ ଏହି ବାଣିଜ୍ୟିକ କାରବାର ବୃଦ୍ଧି ପାଇଥିଲା । ପୁଞ୍ଜି ନିବେଶ ପାଇଁ ଓଡ଼ିଶା ଏବେ ଏକ ଆକର୍ଷଣୀୟ କ୍ଷେତ୍ର ପାଲଟିଛି । ଆମ ରାଜଧାନୀ ଭୁବନେଶ୍ୱର ବୈଷୟିକ ହବ୍ ହେବାସହ ସଂସ୍କୃତି ଏବଂ ମନ୍ଦିରମାଳିନୀ ସହରଭାବେ ଭାରତରେ ନାଁ କରିଛି । ପ୍ରାକୃତିକ ସମ୍ପଦରେ ଆମେ ସମୃଦ୍ଧ । ବ୍ୟାପକ ଖଣିଜସମ୍ପଦ ଯଥା ଆଇରନ୍ ଲୁହାପଥର ଓ ବକ୍ସାଇଟ୍, ନିକେଲ୍, କ୍ରୋମାଇଟ୍, କୋଲ ଏବଂ ବିସ୍ତୃତ ଜଙ୍ଗଲ ଓ ଜଳସମ୍ପଦ ରହିଛି । ଭାରତର ଧାତବ କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ସ୍ଥାନ । ଓଡ଼ିଶାର ସାମର୍ଥ୍ୟ ହେଉଛି ଏହାର ଲୋକ । ଏଠାରେ କୁଶଳୀ ଶ୍ରମିକମାନେ ଅଛନ୍ତି, ଯେଉଁମାନେ କି ଆଧୁନିକ ଶିଳ୍ପ କ୍ଷେତ୍ରରେ ଆସୁଥିବା ଚାହିଦାକୁ ପୂରଣ କରିପାରିବେ ।

ଏହି କାର୍ଯ୍ୟକ୍ରମରେ ୩୪ଟି ଦେଶରୁ ଆମ୍ବାସଡର୍ସ, ହାଇ କମିଶନର, କନସୁଲ୍-ଜେନେରାଲ୍, ବାଣିଜ୍ୟ କମିଶନର ଏବଂ ଶୀର୍ଷ ସ୍ତରର କୂଟନିତିଜ୍ଞ ମାନେ ସାମିଲ୍ ହୋଇଥିଲେ । ନରୱେ, ସିଙ୍ଗାପୁର, ଚୀନ, ଜାପାନ, ବ୍ରାଜିଲ, ଆର୍ଜେଣ୍ଟିନା, ଯୁକ୍ତ ରାଷ୍ଟ୍ର, ଥାଇଲ୍ୟାଣ୍ଡ, ଭିଏତନାମ୍ ଏବଂ ୟୁକେ ପରି ଦେଶର ପ୍ରତିନିଧି ମାନେମଧ ସାମିଲ ହୋଇଥିଲେଏଥି ସହିତ, ୯ଟି ଆନ୍ତରାଷ୍ଟ୍ରୀୟ ବ୍ୟବସାୟୀ ସଂଘ ମଧ୍ୟ ଅଂଶ ଗ୍ରହଣ କରିଥିଲେ, ଯାହା ଓଡିଶାରେହେବାକୁ ଥିବା ମେକ୍ ଇନ୍ ଓଡିଶା ସମ୍ମିଳନର ସଫଳତାକୁ ସୂଚାଉଛି ।

ଓଡିଶା ସରକାରରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ଓଡିଶା ଖୁବ୍‌ଶୀଘ୍ର ବିଶ୍ୱସ୍ତରୀୟ ନିବେଶ ସ୍ଥଳ ହେବାକୁ ଯାଉଛି । ସେ ନୂତନ ବ୍ୟବସାୟର ସମ୍ଭାବନା, ବିଭିନ୍ନ ସେକ୍ଟରରେନିବେଶ, ଉପଲବ୍ଧ ଥିବାଦକ୍ଷ ଶ୍ରମିକ ଏବଂ ନୀତିଗୁଡିକ ଉପରେ ଆଲୋଚନା କରିଥିଲେ । ଏଥି ସହିତ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିନିଧି ମାନଙ୍କ ସହଭାଗୀତା, ଓଡିଶାର ଉଦ୍ୟୋଗ, ଟେକ୍ନୋଲୋଜି, ପର୍ଯ୍ୟଟନ ଏବଂ ପୁନଃ ନବୀକରଣରେ ନିବେଶ କରିବାକୁ ଆହ୍ୱାନ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ମେକ୍ ଇନ୍ ଓଡିଶା ୨୦୨୫ ଉପରେ ଏକ ଭିଡିଓ ପ୍ରକାଶିତ ହୋଇଥିଲା, ଯାହା ଓଡିଶାରେ ନିବେଶର ସମ୍ଭାବନାକୁ ଦର୍ଶାଇଥିଲାଛ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଶିଳ୍ପନିବେଶର ସୁଯୋଗ ଉପରେ ବିସ୍ତୃତ ସୂଚନା ଦେଇଥିଲେ । ଏହି ସମାବେଶରେ ଫିକି ର ଡାଇରେକ୍ଟର ଜେନେରାଲ୍ ଜ୍ୟୋତି ଭିଜ, ଉତ୍କର୍ଷ ଓଡିଶାର ସଫଳତାପାଇଁ ସହଭାଗିତା କେତେ ଗୁରୁତ୍ୱ ପୂର୍ଣ୍ଣ ତା ଉପରେ ମତବ୍ୟକ୍ତ କରିଥିବା ବେଳେ ବୈଦେଶିକ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଏ. ଅଜୟ କୁମାର, ଓଡିଶାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସମର୍ଥନ ଉପରେ ବିସ୍ତାର ଭାବେ ଆଲୋଚନା କରିଥିଲେ । ଇନ୍ ଭେଷ୍ଟ ଇଣ୍ଡିଆର ମ୍ୟାନେଜିଂ ଡାଇରେକ୍ଟର ମିସ୍ ନିବୃତି ରାଏ ଓଡିଶାରେ ନିବେଶର ସୁଯୋଗ ଉପରେ ନିଜର ମତ ରଖିଥିଲେ ।

ଏହି ସମ୍ମିଳନୀରେ ଶିଳ୍ପ ବିଭାଗର ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ , ରାଜ୍ୟରେ ନିବେଶ କରିବାପାଇଁ ଥିବା ସମ୍ଭାବନା ଉପରେବିସ୍ତୃତ ଭାବେ ଆଲୋଚନା କରିବା ସହିତ ଉପସ୍ଥିତ ଆମ୍ବାସଡରମାନଙ୍କୁ ମଧ୍ୟ ଆଗାମୀ ଉତ୍କର୍ଷ ଓଡିଶା ପାଇଁ ସ୍ୱାଗତ କରିଥିଲେ । ଓଡିଶାରେ ନିବେଶ ପାଇଁ ଆୟୋଜିତ ହୋଇଥିବା ଏହି ଆଲୋଚନାସଭାରେ ସମସ୍ତ ଅତିଥିମାନଙ୍କ ପ୍ରତି ନିଜର କୃତଜ୍ଞତା ବ୍ୟକ୍ତ କରିଥିଲେ । ଓଡ଼ିଶାର ବିଭିନ୍ନ ସେକ୍ଟରରେ ବିନିଯୋଗର ସମ୍ଭାବନାକୁ ଦୃଷ୍ଟିରେ ରଖି – ରାଜ୍ୟ ସରକାର ଉତ୍କର୍ଷ ଓଡିଶା– ମେକ୍ ଇନ୍ ଓଡିଶା ୨୦୨୫ର ସଫଳତା ନେଇ ଆଶାବ୍ୟକ୍ତ କରିଛନ୍ତି ।

ରାଜଧାନୀ ଭୁବନେଶ୍ୱରରେ ଆସନ୍ତା ଜାନୁଆରୀ ୨୮ଓ ୨୯ତାରିଖରେ ଆୟୋଜିତ ହେବାକୁ ଯାଉଥିବା ଉତ୍କର୍ଷ ଓଡ଼ିଶା: ମେକ ଇନ ଓଡ଼ିଶା ୨୦୨୫ନିମନ୍ତେ ସରକାର ଓଡିଶାକୁ ବିଶ୍ୱସ୍ତରୀୟ ବିନିଯୋଗ ମାନଚିତ୍ରରେ ଆଗକୁ ଆଣିବା ନେଇ କରୁଥିବା ପ୍ରୟାସକୁ ପ୍ରଶଂସା କରିଥିଲେ ଉପସ୍ଥିତ ଆମ୍ବାସାଡରମାନେ ।

## ବୈବାହିକ...

ଉଲ୍ଲଂଘନ ପାଇଁ ଦଣ୍ଡବିଧାନ ବ୍ୟବସ୍ଥା ରହିଛି । ବିବାହ ପରେ ନିୟମ ଉଲ୍ଲଂଘନ କରିବା ବିବାହ ବାହାରେ ମହିଳାଙ୍କ ଅଧିକାର ନିୟମ ଉଲ୍ଲଂଘନ କରିବାର ଦଣ୍ଡ ବା ପରିଣାମ ଭିନ୍ନ । ପତ୍ନୀଙ୍କ ଠାରୁ ସ୍ୱାମୀ ଶାରୀରିକ ସମ୍ପର୍କର ଆଶା ରଖିଛନ୍ତି । ଏଥିପାଇଁ ସ୍ୱାମୀଙ୍କୁ ଦୁଷ୍କର୍ମ ବିରୋଧୀ ଆଇନ୍ ଭିତରକୁ ଠେଲିଦେବା ମଧ୍ୟ ଅଧିକ ହୋଇଯିବ । ଜଣେ ମହିଳାଙ୍କ ଇଚ୍ଛାକୁ ସମ୍ମାନ ଜଣାଇବା ଓ ଏହାର ସୁରକ୍ଷା ଯୋଗାଇ ଦେବାପାଇଁ ସଂସଦ ପୂର୍ବରୁ ହିଁ ପଦକ୍ଷେପ ନେଇସାରିଛନ୍ତି । ଶାରୀରିକ ସମ୍ପର୍କ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଥିବା ଅନେକ ସମ୍ପର୍କରୁ ଗୋଟିଏ । ଏହି ସମ୍ପର୍କ ଉପରେ ସେମାନଙ୍କ ବିବାହର ମୂଳଦୁଆ ରହିଥାଏ । ଏହାକୁ ଅପରାଧ ଶ୍ରେଣୀରେ ସାମିଲ କରାଗଲେ ଏହାର କୁପ୍ରଭାବ ସମାଜ ଉପରେ ପଡିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି ।

## ଓଡ଼ିଶାରେ ଅଛନ୍ତି...

ଏସବୁର ରକ୍ଷଣାବେକ୍ଷଣ ଓ ଯତ୍ନ ନେବା ଆମର ମହାନ୍ କର୍ତ୍ତବ୍ୟ ।

ଯଦିଓ ଚଳିତ ଗଣନାରେ କଲରାପତରିଆଙ୍କ ସଂଖ୍ୟା ବଢ଼ିଛି, ତାହା ଆହୁରି ବଢ଼ିବା କଥା । ନିୟମିତ ଶିକାର ଓ ବାଘଛାଲ ଜବତ ଯୋଗୁ କଲରାପତରିଆ ସଂଖ୍ୟା ହ୍ରାସ ପାଇଛି ବୋଲି କୁହାଯାଉଛି । ବନ୍ୟପ୍ରାଣୀମାନଙ୍କସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ଏବଂ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ଓ ସଂରକ୍ଷଣ ପାଇଁ ଜନମାନସରେ ବ୍ୟାପକ ସଚେତନତା ସୃଷ୍ଟି କରିବା ବନ୍ୟପ୍ରାଣୀ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଛନ୍ତି ।

ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି, ୨୦୧୮ ଓ ୨୦୨୨ରେ କ୍ରୁଇଅର ଗଣନା ଷ୍ଟାଟିଷ୍ଟିକଲ ମଡେଲ ଥିଲା । ସେମାନେ ଶିମିଳିପାଳ ଓ ସାତକୋଶିଆ ଭଳି ସୀମିତ ସ୍ଥାନରେ କ୍ୟାମେରା ଲଗାଉ ଥିଲେ । କିନ୍ତୁ ରାଜ୍ୟ ସରକାରଙ୍କ ନିଜସ୍ୱ କଲରାପତରିଆ ଗଣନା ବେଳେ ୪୭ଟି ଡିଭିଜନରେ କ୍ୟାମେରା ଲଗାଯାଇଥିଲା । ୨୦୧୮ ରେ ଷ୍ଟାଟିଷ୍ଟିକାଲ ଏରର ୩୫% ଥିଲାଛ ୨୦୧୬ ରେ ୩୩% ଏରର ହୋଇଥିଲା । ଏଥର କ୍ୟାମେରା ଟ୍ରାପରେ ୨୮୪ରୁ ୨୯୬ ବିରଳ କଲରାପତରିଆ ଚିହ୍ନଟ ହୋଇଛନ୍ତି । ଆମର ଏଷ୍ଟିମେସନ ଷ୍ଟାଟିଷ୍ଟିକାଲ ଏରର ୧୦%ରୁ କମ । କିନ୍ତୁ ଏନଟିସିଏର ୟୁନିକ୍ କଲରାପତରିଆ ସଂଖ୍ୟା ୧୦୦ ତଳେ ଥିଲା ।

ତଥ୍ୟ ଅନୁସାରେ, ଶିମିଳିପାଳ ଅଭୟାରଣ୍ୟ ଥିବା ମୟୂରଭଞ୍ଜ-କେନ୍ଦୁଝର ଲ୍ୟାଣ୍ଡସ୍କେପରେ ସର୍ବାଧିକ ୨୦୦ କଲରାପତରିଆ ଅଛନ୍ତି । ସାତକୋଶିଆ-ଆଠମଲ୍ଲିକ-ବୌଦ୍ଧ ଲ୍ୟାଣ୍ଡସ୍କେପରେ ୧୫୦ରୁ ୧୬୦, ହୀରାକୁଦ-ରେଢ଼ାଖୋଲ-ସମ୍ବଲପୁର ଲ୍ୟାଣ୍ଡସ୍କେପରେ ୭୦ରୁ ୮୦, ଖରିଆର- ସୁନାବେଡ଼ା ଅଞ୍ଚଳରେ ୪୦-୫୦ ପାଖାପାଖି ଓ ଢେଙ୍କାନାଳ ଅଞ୍ଚଳରେ ପ୍ରାୟ ୨୦ଟି କଲରାପତରିଆ ରହିଛନ୍ତି । ଆମ ରାଜ୍ୟରେ ଘଞ୍ଚ ଜଙ୍ଗଲ ଥିବାରୁ କଲରାପତରିଆ ବାଘ ସଂଖ୍ୟା ବଢ଼ିବାର ଆଶଙ୍କା କମ୍ । କଲାପତରିଆ ସଂଖ୍ୟ ୭ଶହ ରୁ ୮ଶହ ରହିବ ବୋଲି ପିସିସିଏଫ୍ ଆକଳନ କରିଛନ୍ତି ।

ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବାଲେଶ୍ୱରର ଡ. ସିଦ୍ଧାର୍ଥ ପତି ଓ ବଲାଙ୍ଗୀରର ଶୈଳେନ୍ଦ୍ର ନାରାୟଣ ଶତପଥୀଙ୍କୁ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ଉଭୟଙ୍କୁ ୧ ଲକ୍ଷ ଟଙ୍କାର ଅର୍ଥରାଶି ଚେକ୍ ଆକାରରେ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ପ୍ରଦାନ କରିଥିଲେ ।

ରାଜ୍ୟ ବନ୍ୟପ୍ରାଣୀ ଅପରାଧ ଡାଟାବେସ୍ ପରିଚାଳନା ପୋର୍ଟାଲ 'ପ୍ରହାର' ଓ ଜନବସତିଗୁଡ଼ିକରେ ଦେଖାଯାଉଥିବା ସାପମାନଙ୍କୁ ପ୍ରମାଣିକୃତ ସାପ ଉଦ୍ଧାରକାରୀ ଦଳଙ୍କ ଦ୍ୱାରା ଉଦ୍ଧାର ଓ ଥଇଥାନ ପୋର୍ଟାଲ 'ସର୍ପ'କୁ ମୁଖ୍ୟ ଅତିଥି ଉନ୍ମୋଚିତ କରିଥିଲେ । ପ୍ରଥମଥର ପାଇଁ ହୋଇଥିବା ରାଜ୍ୟସ୍ତରୀୟ କଲରାପତରିଆ ବାଘ ଗଣନା-୨୦୨୪ର ଫଳାଫଳ ପୁସ୍ତିକାକୁ ମୁଖ୍ୟ ଅତିଥି ପାଠକାର୍ପଣ କରିଥିଲେ । ପୂର୍ବରୁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆଙ୍କ ଦ୍ୱାରା ରାଜ୍ୟର ବନ୍ୟପ୍ରାଣୀମାନଙ୍କ ଉପରେ ଆଧାରିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା । ଶେଷରେ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ନନ୍ଦନକାନନର ନିର୍ଦ୍ଦେଶକ ଡ. ମନୋଜ ଭି. ନାୟର ଧନ୍ୟବାଦ ଅର୍ପଣ କରିଥିଲେ ।

## ୟୁଏସ୍‌ସିଆଇଆର୍‌ଏଫ୍...

ଏହି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରୁଛୁ । ସୂଚନଯୋଗ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଯେ ଭାରତର ଅଳ୍ପ ସଂଖ୍ୟକ ଲୋକଙ୍କ ପୂଜା ସ୍ଥଳରେ ହିଂସାତ୍ମକ ମାମଲା ହେଉଛି ଧାର୍ମିକ ହିଂସା ସୃଷ୍ଟି କରିବା ପାଇଁ ଭୁଲ୍ ତଥ୍ୟ ଦିଆଯାଉଛି ।

## ଓଡ଼ିଶାରେ...

ଗ୍ରିନ୍ ଏନର୍ଜି, ପେଟ୍ରୋକେମିକାଲ୍ସ, ଇଲେକ୍ଟ୍ରୋନିକ୍ସ, ଫୁଡ୍ ପ୍ରୋସେସିଂ କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ ହେବାର ସମ୍ଭାବନା ରହିଛି । ୨୦୩୬ରେ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ରେ ବିକଶିତ ଓଡ଼ିଶା ଗଠନରେ ନିଶ୍ଚିତ ସୁଦୃଢ଼ ମୂଳଦୁଆ ପକାଇବ । ପ୍ରଧାନମନ୍ତ୍ରୀ କହିଥିଲେ ପୂର୍ବୋଦୟର ବିକାଶ ହେଲେ ଭାରତର ବିକାଶ ହେବ । ତାହା ସଫଳ ହେବ । ଓଡ଼ିଶାରେ ଯେଉଁ ଡବଲ ଇଞ୍ଜିନ୍ ସରକାର ହୋଇଛି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଓଡ଼ିଶା ଏକ ଶିଳ୍ପ ହବ୍‌ରେ ପରିଣତ ହେବାକୁ ଯାଉଛି । ଏନେଇ ନିଶ୍ଚିତ ରୂପରେ ଆମକୁ ଏକ ସଫଳ ସଙ୍କେତ ମିଳିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

---

C-

**Bhubaneswar Municipal Corporation**

Notice No. 40623 — Dt: 03/10/2024

File No: BMC/Procurement and Store/06-2024/2024/7

**REQUEST FOR PROPOSAL FOR**

**SELECTION OF AN AGENCY TO SUPPLY TONER, CARTRIDGES, AND IMAGING UNITS FOR PRINTERS AT BHUBANESWAR MUNICIPAL CORPORATION (BMC)**

Bhubaneswar Municipal Corporation (BMC) invites proposals from reputed Agencies for Supply & Maintenance of Toner, Cartridges, and Imaging Units for Printers at Bhubaneswar Municipal Corporation (BMC). The detailed Request for Proposal (RFP) document can be downloaded from BMC website: **www.bmc.gov.in** from **05.00 PM of 05.10.2024 to 04.00 PM of 21.10.2024.** The last date of receipt of technical and financial bids is **21.10.2024** till **4.00 PM** and the same would be opened on **21.10.2024 at 5.00 P.M. The Pre-bid meeting** is scheduled on **09.10.2024 at 05.00 P.M.** in the Conference Hall at BMC Office. Further details can be seen from the e-Procurement portal **www.tendersodisha.gov.in https://www.tendersodisha.gov.in.** Any addendum/corrigendum/cancellation of tender can also be seen in the said website.

BMC reserves the right to cancel this invitation and / or invite fresh Bid / RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

**Sd/- Executive Engineer (Central Tender Cell)**
**Bhubaneswar Municipal Corporation**

OIPR : 13002/11/0079/2425

---

**OFFICE OF THE NOTIFIED AREA COUNCIL KODALA, GANJAM**

Phone No. 06810-268335, Email ID : nac.kodala@gmail.com
Letter No. 2006 / 24/NAC Date : 01.10.2024

**NOTICE**

**C-707 :** Due to technical issue, the tender Notice vide Bid Identification No. KOD-NAC-I/2024-25 published vide Letter no-1953/Dev/2024, dtd. 26/08/2024 is postponed.

**Sd/- Executive Officer, Kodala NAC**

OIPR : 13203/11/0009/2425

---

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
DIST: KALAHANDI-766026, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**TENDER CALL NOTICE No. UIHEP- 27/2024-25 DATED:03.10.2024**

**CAD-1275 :** Sealed Tenders are invited in two parts i.e. (i) Techno Commercial Bid & (ii) Price bid in separate sealed envelopes from the eligible reputed firms / Agencies / Contractors / Manpower service providers for the following work as mentioned below.

| Description of Services | Cost of tender paper (Non-refundable) in Rs. | EMD (Refundable) in Rs. | Period of availability of tender at OHPC website | Last date and time of receipt of Tender | Date and Time of opening of Techno commercial bid |
|---|---|---|---|---|---|
| Providing services of 02 (Two) Nos. of Semi-Qualified Junior Accountants personnel and 12(twelve) nos of Secretarial/Ministerial Personnel at UIHEP, Mukhiguda on contractual basis for a period of Two years | 11,800 (10000+18% GST) | 75,400/- To 28.10.2024 | From Dtd. 08.10.2024 To 28.10.2024 at 12:00 Hrs. | Dtd. 28.10.2024 at 13:00 Hrs. | Dtd. 28.10.2024 at 16:00 Hrs. |

For details of the tender documents, terms & conditions please visit/refer our website **www.ohpcltd.com from 08.10.2024.**

OIPR : 32136/11/0008/2425 — Sd/- C&P Head, UIHEP, Mukhiguda

---

**ODISHA HYDRO POWER CORPORATION LTD.**
**(A GOVT. OF ODISHA UNDERTAKING)**
CIN:U40101OR1995SGC003963
REGD.OFFICE: OHPC Corporate Office, Bhoi Nagar, Janpath, Bhubaneswar-751022
Phone: 91-0674-2542983, 2542802, 2545526, 2542826
E-mail: ohpc.co@gmail.com, website: www.ohpcltd.com

No. OHPC: TECH: C&P:35/ 2023-24 8527 Date: 30.09.2024

**NOTICE INVITING TENDER No.- 12/2024-25**

**CAD-1277 :** Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from eligible Reputed Firms/ Distributors / Suppliers having valid GST Registration Certificate and IT PAN for supply of the following as per terms & condition and specification of tender.

| Description of work | Cost of tender paper (Non-refundable) in Rs. | EMD |
|---|---|---|
| Supply & installation of Fabric & Laundry items for OHPC Training Hostel at Patia, BBSR | (Rs.6000.00+ 18% GST) = Rs.7,080.00 | Rs.25000.00 |

**For details of the tender documents, terms & conditions and corrigendum etc. please visit our website www.ohpcltd.com from Dt.09.10.2024**

OIPR : 04012/11/0010/2425 — **C & P Head**

---

**LEVEL-I TRANSPORT CONTRACTOR 2023-25**

**NOTICE INVITING TENDER**

Office of the District Manager, Odisha State Civil Supplies Corporation Ltd., Nayagarh Phone No.:- 06753-253942
District Website:- http://nayagarh.odisha.gov.in.

**Tender No. 3762 / Dt. 01.10.2024**

**CAD-1270 :** District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through ONLINE MODE ONLY for the work below.

| | | |
|---|---|---|
| 1 | Name of the Work cum-DSCs in the Nayagarh District of the State of Odisha. | Selection and appointment of Transport Contractor Level-I for transportation of foodgrains from FSD Khordha Road to all RRC- |
| 2 | Availability of bid document in the portal | From 03.10.2024. |
| 3 | Last Date/Time for receipt of bids in the portal | Dt. 17.10.2024 upto 5:00 PM. |
| 4 | Date/Time of Opening of Technical Bid | Dt. 18.10.2024 at 11.00 AM onwards. |
| 5 | Name and address of the Officer inviting Tender | C.S.O.-cum-District Manager, O.S.C.S.C. Ltd., Nayagarh |

Tender Documents and other details can be seen from the e-procurement portal **www.oscsc.in,www.foododisha.in & www.tenderodisha.gov.in** along with district website. Amendments/corrigendum/cancellation/retenders etc. if any shall be published only in above websites.

**Sd/- District Manager, O.S.C.S.C Ltd., Nayagarh**

OIPR : 07057/11/0001/2425

---

**OFFICE OF THE MUNICIPAL COUNCIL, BARBIL**

NO. 2701 DATE. 01.10.2024

**QUOTATION CALL NOTICE**

**C-712 :** Sealed quotations are invited from the registered contractors/ agencies having valid Contractor license, Registration certificate, PAN card, GST, Labour license for **Plantation at Bio-Mining Field, Damu hutting, Ward No.15, Barbil Municipality.** The prescribed quotation schedule can be obtained from the Cashier of Barbil Municipality on payment of **Rs.2,000/-** (Rupees Two thousand) in shape of Cash/ Bank Draft/ Bankers Cheque drawn in favour of the Executive Officer, Barbil Municipality payable at Barbil from any Nationalized Bank and E.M.D. of **Rs.6,000/-** (Rupees Six thousand) only to be deposited by Cash/ Bank Draft/ Bankers Cheque/ Term deposit pledged in favour of Executive Officer, Barbil Municipality from Dt.04.10.2024 to Dt. 19.10.2024 up to 12.30 P.M. during office hour except holidays. The quotation paper along with all documents should reach the undersigned by Regd. Post/ Speed Post or by person on or before Dt. 19.10.2024 up to 12.30 P.M. and the same will be opened on the same date i.e. 19.10.2024 at 3.30 P.M. in presence of the quotationers or their authorized representative if any.

All terms and conditions may be seen in the quotation schedule. The undersigned has the rights to accept, cancel or reject any or all the quotations without assigning any reason thereof.

**Sd/- Executive Officer, Barbil Municipality.**

OIPR : 13108/11/0012/2425

---

Leadership and beyond
दि न्यू इण्डिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍:୦୬୭୪-୨୫୪୫୪୬୭

**ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ରେଫ. ନଂ: ବିବିଏସ୍‌ଆରଓ/ଇଏସଟିବି/ଏନବିସିସି/ରିଫର୍ଣ୍ଣିସମେଣ୍ଟ/ସିଭିଲ ଏବଂ ଇଲେକ୍ଟ୍ରିକାଲ୍ କାର୍ଯ୍ୟ

ଏନବିସିସି ଇମ୍ପେରିଆ, ପ୍ଲଟ୍ ନଂ: ୪୭୦୪, ଖାତା ନଂ.: ୧୭୦୪, ଗାଡକଣ, ଭୁବନେଶ୍ୱର - ୭୫୧୦୧୭ର ୩ୟ ମହଲାର ୪ଟି ବ୍ୟବସାୟିକ ୟୁନିଟର ସରକାରୀ ବ୍ୟବହାର ପାଇଁ ଆଭ୍ୟନ୍ତରୀଣ ସାଜସଜ୍ଜା କାର୍ଯ୍ୟ ନିମନ୍ତେ କଣ୍ଟ୍ରାକ୍ଟର ନିଯୁକ୍ତି ହେତୁ ଆଗ୍ରହୀ ପକ୍ଷ / ଫାର୍ମମାନଙ୍କ ଠାରୁ ଅନଲାଇନ ପଦ୍ଧତିରେ ୨ଟି ବିଡ୍ ବ୍ୟବସ୍ଥାରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ସବିଶେଷ ବିବରଣୀ / କାଗଜାତ୍ ଆମର ୱେବସାଇଟ୍ www.newindia.co.in **(public notice section)** ଓ www.tenderwizard.com NIAEPROC ରେ ଉପଲବ୍ଧ ।

ସଂଶୋଧନ / ଶୁଦ୍ଧିପତ୍ର / ରଦ୍ଦ / ପୁନଃ ଟେଣ୍ଡର ଇତ୍ୟାଦି ଯଦିଥାଏ ତାହା କେବଳ ଉପରୋକ୍ତ ୱେବସାଇଟ୍‌ରେ ପ୍ରକାଶିତ ହେବ । ସାଇଟରେ ପ୍ରି-ବିଡ୍ ମିଟିଙ୍ଗ୍ **ତା.୦୪.୧୦.୨୦୨୪ରିଖ** ଅପରାହ୍ନ **୩.୦୦** ଘଟିକାରେ ଅନୁଷ୍ଠିତ ହେବ । ଇ-ଟେଣ୍ଡର ଦାଖଲର ଅନ୍ତିମ ତାରିଖ **୦୯.୧୦.୨୦୨୪** ଅପରାହ୍ନ **୫.୦୦ଘଟିକା,** ତାପରେ **ତା.୧୪.୧୦.୨୦୨୪ରିଖ** (ଆପାତତଃ)ରେ ଟେକ୍ନିକାଲ ବିଡ୍ ଏବଂ ଆର୍ଥିକ ବିଡ୍ ଖୋଲାଯିବ ।

ସ୍ୱା/- ଉପ ମହାପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର
CIN No.- L66000MH1919GOI000526

---

**OFFICE OF THE PANCHAYAT SAMITI : RAIGHAR** — i-215

**Bid Identification No. 04/2024-25.**

| | | |
|---|---|---|
| 01. | Name of the Work. | **"Construction of CDPO Office Building at Raighar"** |
| 02. | No. of work. | 01 |
| 03. | Amount put to tender | Rs. 21,90,585.00 |
| 04. | Period of completion. | 06(Six) calendar Month. |
| 05. | Date of Tender paper available. | 01.10.2024 to 23.10.2024(Tender Paper to be downloaded from website **https://nabarangpur.odisha.gov.in** |
| 06. | Last date of receipt Tender Paper. received by the undersigned. | 23.10.2024(During office hours through Registered Post/Speed Post only. After 5.30PM of 23.10.2024, no postal Registered/Speed Post will be |
| 07. | Date of Opening Tender Paper. | 24.10.2024(Time 11.00AM)at Office Chamber of Block Development Officer, Raighar. |
| 08. | Details of Terms & Conditions of the Tender. | Bids documents consisting of the Schedule of quantities & the set of terms & conditions of contact & other necessary documents can be downloaded from the official website**(https://nabarangpur.odisha.gov.in)** |
| 09. | Name & address of the Officer inviting Bid. | Block Development Officer, Raighar. |
| 10. | Const of Tender documents. payble at State Bank of India, Raighar. | Rs.6000.00(Rupees Six Thousand) only non-refundable shall be deposited in shape of Bank Draft in favour of Block Development Officer,Raighar |
| 11. | Further details can be seen from the portal. | **https://nabarangpur.odisha.gov.in** |

OIPR : 19375/11/0006/2425 — **Sd/- Block Development Officer, Raighar**

---

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୬୨୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୬୧୩, ଇ-ମେଲ ଆଇଡି: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଅଗ୍ରାମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୨୮.୧୦.୨୦୨୪ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ ।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୮.୧୦.୨୦୨୪ ରିଖ ଅପରାହ୍ନ ୦୩.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

| କ୍ରି. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରୋଜାଲିନ୍ ବେହେରା, ସ୍ୱାମୀ: ଶ୍ରୀ କୃଷ୍ଣ ଚନ୍ଦ୍ର ବେହେରା, ୨) ଶ୍ରୀ କୃଷ୍ଣ ଚନ୍ଦ୍ର ବେହେରା, ମାର୍ଫତ: ଶ୍ରୀ କୃଷ୍ଣ ଚନ୍ଦ୍ର ବେହେରା, ଉଭୟଙ୍କ ଠିକଣା- ସା/ପୋ: କୋରୁଆ, କେନ୍ଦ୍ରାପଡା - ୭୫୪୧୩୪ | ଶ୍ରୀମତୀ ରୋଜାଲିନ୍ ବେହେରା, ସ୍ୱାମୀ: ଶ୍ରୀ କୃଷ୍ଣ ଚନ୍ଦ୍ର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୮୬୧/୩୫୬ (ନୂତନ ଖାତା ନଂ.: ୮୬୧/୬୯୯), ପ୍ଲଟ୍ ନଂ.: ୨୧୬/୩୩୮୭, କ୍ଷେତ୍ର: ଏକର ୦.୦୩୬ ଡିସିମିଲି ୭ କଡି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ଖାତା ନଂ.: ୬୪୫, ପ୍ଲଟ୍ ନଂ.: ୨୧୬, କ୍ଷେତ୍ର: ଏକର ୦.୦୭୭ ଡିସିମିଲି, ଜି+୩ମହଲା ବିଶିଷ୍ଟ ବିଲ୍ଡିଂର ଏରିଆ: ୩୧୬.୮୩ ବର୍ଗମିଟର ଯାହାକି ୩୪୦୯ ବର୍ଗଫୁଟ, ମୌଜା: ମଧୁପାଟଣା, କଟକ ସହର, ୟୁନିଟ୍- ୩୨, ତହସିଲ: କଟକ, ଜିଲ୍ଲା: କଟକ | ୨୮.୦୬.୨୦୨୩ ସୁଦ୍ଧା ଟ.୯୪,୧୧,୨୧୫/- ସହିତ ତତ୍ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୨୮.୦୬.୨୦୨୩ | ଟ.୯୮,୦୦,୦୦୦/- / ଟ.୯,୮୦,୦୦୦/- / ଟ. ୧,୦୦,୦୦୦/- |

ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୫.୧୦.୨୦୨୪, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
**www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://www.ebkray.in.**

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୫୫୨୫୩୫, ଶ୍ରୀ ଜୟନ୍ତ କୁମାର ସାହୁ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୯୯୩୬୨୩୩୮୧

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୩.୧୦.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

---

**AFFIDAVIT**

I Ganeswar Barik, aged-55, S/o-Jairam Barik, Vill-Nuahat, Po-Jabara, Ps-Kuakhia, Dist-Jajpur declare that my name has been wrongly mentioned in Gobinda Chandra Barik LIC Bond Policy Bearing No-688576121. I Declare That Ganeswar Barik & Gobinda Chandra Barik, S/o-Jairam Barik are same and One person in Voter ID, Aadhar Card & Bank A/C No. That the Facts are true for all Purpose Affidavit at Rasulpur Executive Magistrate Rasulpur Tahasildar. Dt. 20.02.2024. No. 554757

**AFFIDAVIT**

BY virtue of an affidavit sworn before the Executive Magistrate, Bhubaneswar dated 03.10.2024, I, Mahendra Biswal son of Late Sukadeb Biswal resident of Village-Tunpur, Po-Malasasan, P.S.-Salipur, Dist-Cuttack declare that I have changed my minor dauthter's name from Narmada Biswal (Old name) to "MONALISA BISWAL" (New Name). Henceforth, she shall be known as MONALISA BISWAL for all purposes.

Sd/- Mahendra Biswal

---

**NOTICE INVITING TENDER** — CAD-1284

Office of District Manager
Odisha State Civil Supplies Corporation Ltd. (OSCSC)
JAGATSINGHPUR (District)

**TENDER No. 3383** — **Dated.03.10.2024**

**Cost of Tender Document :- Rs.11800/- Inclusive of GST. Online Tenders are invited from eligible bidders for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date 03.10.2024 Downloadable from website : **www.oscsc.in, www foododisha.in & www.tendersodisha.gov.in** |
| 2 | Date, time and venue for pre-bid conference. | On dt 04.10.2024 At- **11.00 AM** Place **Office Chamber of the CSO-Cum-DM, OSCSC Ltd., Jagatsinghpur.** |
| 3 | Last date and time for online submission of completed Tender Documents with enclosures | Through e-Procurement Portal : **www.tendersodisha.gov. in Up to 5.00 PM of dt. 17.10.2024** |
| 4 | Date, time and venue for opening of Technical Bid by the Tender Committee | On dt 18.10.2024 at 12.00 PM Place Sadbhabana Sabhagruha, Collectorate, Jagatsinghpur |
| 5 | Date, time and venue of submission of original documents in support of scannedcopies uploaded in the portal for verification | On dt. 18.10.2024 at 12.PM Place Sabhagruha, Sadbhabana, Collectorate, Jagatsinghpur. |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |

**N.B : -**

1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission offender through online payment gate way service.
5. Any amendment/ cancellation/ re-tender/ corrigendum please refer to the website **www.tendersodisha.gov.in, www.oscsc.in & www.foododisha.in.**

**Sd/- District Manager**
**OSCSC Ltd., Jagatsinghpur**

OIPR : 07020/11/0001/2425

---

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।





ଭୁବନେଶ୍ୱରର ଅତିରିକ୍ତ ପୋଲିସ କମିଶନର ଭାବେ ଡ. ଉମା ଶଙ୍କର ଦାସ ଓ ଡିସିପି ଭାବେ ଦାୟିତ୍ୱ ଗ୍ରହଣ କରୁଛନ୍ତି ପିନାକ ମିଶ୍ର

## ରକ୍ତ କର୍କଟକୁ ପରାସ୍ତ କରିହେବ
# ସମ୍ ହସ୍ପିଟାଲରେ ଏବେ ଅଗ୍ରଣୀ କାର ଟି-ସେଲ୍ ଥେରାପି ଉପଲବ୍ଧ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ରକ୍ତ କର୍କଟ ରୋଗୀଙ୍କୁ ଉତମ ଚିକିତ୍ସା ପ୍ରଦାନ ଓ ହେମାଟୋ ଅଙ୍କୋଲଜିକାଲ୍ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଅଗ୍ରଣୀ ହସ୍ପିଟାଲ୍ ଭାବେ ପରିଚିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ ଆଣ୍ଡ ସମ ହସ୍ପିଟାଲ୍‌ରେ ଯୁଗା'କାରୀ ଚିମେରିକ ଆଂଟିଜେନ୍ ରିସେପ୍ଟର-ଟି ସେଲ୍ (କାର ଟି-ସେଲ) ଥେରାପି ଚିକିତ୍ସା ଉପଲବ୍ଧ ହୋଇଛି। ଏହି ଅଭିନବ ସେଲ୍ ଓ ଜିନ୍ ଥେରାପି ଦ୍ୱାରା କର୍କଟ ସହ ଲଢ଼ିବା ପାଇଁ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ ବୋଲି ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ହସ୍ପିଟାଲର କ୍ଲିନିକାଲ୍ ହେମାଟୋଲଜି ଆଣ୍ଡ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଂଟ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରିୟଙ୍କା ସାମଲ ସୂଚନା ଦେଇଛନ୍ତି ।

ମୟୂରଭଞ୍ଜ ଜିଲ୍ଲାର ଜଣେ ୧୫ ବର୍ଷୀୟା ଝିଅର ଶରୀରରେ ଏହି ଚିକିତ୍ସା ପ୍ରୟୋଗ କରାଯାଇଥିବା ବେଳେ ଏହା ଫଳପ୍ରଦ ହୋଇଛି ଏବଂ ସେ ସୁସ୍ଥ ଅଛି ବୋଲି ପ୍ରଫେସର ସାମଲ କହିଛନ୍ତି । ଚିରାଚରିତ କେମୋଥେରାପିରୁ ଭିନ୍ନ ଏହି କାର ଟି-ସେଲ ଥେରାପିରେ ରୋଗୀର ଟି-ସେଲକୁ ଜେନେଟିକାଲି ପରିବର୍ତିତ କରି ଶରୀରର କର୍କଟ କୋଷ ଗୁଡ଼ିକୁ ନଷ୍ଟ କରିବାକୁ ବ୍ୟବହାର କରାଯାଏ। ଏହି ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ରୋଗୀର ନିଜ କୋଷଗୁଡ଼ିକୁ ବ୍ୟବହାର କରାଯାଇ ଅନୁବଂଶିକ ରୂପରେ ଲାବାରୋଟୋରୀରେ ସଂଶୋଧିତ ତଥା ସଂଖ୍ୟା ବୃଦ୍ଧି କରାଯାଇ ପୁଣି ଥରେ ରୋଗୀର ଶରୀରରେ ପ୍ରବେଶ କରଯାଏ। ଏହି କୋଷଗୁଡ଼ିକ କର୍କଟ କୋଷଗୁଡ଼ିକୁ ଚିହ୍ନଟ କରି ନଷ୍ଟ କରିବାରେ ସହାୟକ ହୋଇଥାଏ। ଏହି ଥେରାପି ବିଶ୍ୱ ସ୍ତରରେ ଖୁବ୍ ସଫଳ ହୋଇଥିବା ବେଳେ ବିଶେଷ ଭାବେ ଯେଉଁ ରୋଗୀମାନେ ଚିରାଚରିତ କର୍କଟ ଚିକିତ୍ସା ଓ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଂଟ ଦ୍ୱାରା ଉପକୃତ ହେଉ ନାହାଁନ୍ତି ସେମାନଙ୍କ ପାଇଁ ଖୁବ୍ ସହାୟକ ହେଉଛି। ଭାରତରେ ରୋଗୀମାନେ ଏହି ଚିକିତ୍ସା ଦ୍ୱାରା ଉପକୃତ ହୋଇପାରିବେ ବୋଲି ପ୍ରଫେସର ସାମଲ କହିଛନ୍ତି । ସ୍ୱଦେଶୀ ଜ୍ଞାନ କୌଶଳରେ ଆଇଆଇଟି, ବମ୍ବେ ଏବଂ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲ୍ ମିଳିତ ଭାବେ ବିକଶିତ କରିଥିବା କାର ଟି-ସେଲ ଥେରାପିକୁ ଭାରତର ଇମ୍ୟୁନୋଆକ୍ଟ ପକ୍ଷରୁ ନେକ୍ସକାର୧୯ ଭାବେ ରୋଗୀମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି ।




## ସୁଭଦ୍ରାରେ ଅକ୍ଟୋବର ୯କୁ ଦିଆଯିବ ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି
# ପ୍ରସ୍ତୁତି ନେଇ ଉନ୍ନୟନ କମିଶନରଙ୍କ ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ରାଜ୍ୟ ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଅର୍ଥରାଶି ପ୍ରଥମ ପର୍ଯ୍ୟାୟରେ ୨୫ଲକ୍ଷ ୨୯ହଜାର ୭୨୦ହିତାଧିକାରୀଙ୍କୁ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ ପରେ ୨ୟ ପର୍ଯ୍ୟାୟରେ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରେରଣ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ସଂପର୍କରେ ଏକ ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁଗର୍ଗ ସ୍ଥିତି ସମୀକ୍ଷା କରିଛନ୍ତି । ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଉନ୍ନୟନକମିଶନର ଶ୍ରୀମତୀ ଗର୍ଗ, ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନସଚିବ ସଂଜୟ କୁମାର ସିଂ, ମହିଳା ଓ ଶିଶୁବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭାଶର୍ମା, ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀଙ୍କ ଉପସ୍ଥିତିରେ ୨ୟ ପର୍ଯ୍ୟାୟରେ 'ସୁଭଦ୍ରା'ପ୍ରଥମ କିସ୍ତି ଅର୍ଥ ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ କରାଯିବା ସଂପର୍କରେ ବୈଷୟିକ ଟିମ୍ ସହିତ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ୧କୋଟି ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମ କିସ୍ତି ପ୍ରଦାନ ପରେ ଅବଶିଷ୍ଟ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତା୨୦୨୫ ମାର୍ଚ୍ଚ ୮ତାରିଖ ପୂର୍ବରୁ ମିଳିବା ନେଇ ଲକ୍ଷ୍ୟ ରହିଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ହିତାଧିକାରୀଙ୍କୁ ଆଗାମୀ ଅକ୍ଟୋବର ୯ରେ ପ୍ରଦାନ ପାଇଁ ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ୨ୟ ପର୍ଯ୍ୟାୟରେ ଯେତେ ଅଧିକ ସଂଖ୍ୟକ ସମ୍ଭବ ହିତାଧିକାରୀଙ୍କୁ ଅକ୍ଟୋବର ୯ତାରିଖରେ ପ୍ରଥମ କିସ୍ତି ଅର୍ଥ ରାଶି ପ୍ରେରଣ କରାଯିବ, ସେଥି ପାଇଁ ପ୍ରକ୍ରିୟା ଜାରି ରହିଛି । ଅଦ୍ୟାବଧି ସୁଭଦ୍ରାରେ ପ୍ରାୟ ୯୮ ଲକ୍ଷ ଆବେଦନକାରୀ ପଞ୍ଜୀକରଣ କରିଛନ୍ତି ଛ ଆବଶ୍ୟକ ବ୍ୟବସ୍ଥା ପାଇଁ ଅକ୍ଟୋବର ୬ତାରିଖସୁଦ୍ଧା ପ୍ରସ୍ତୁତ ସାରିବାକୁ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି । ଏଥି ସହିତ ଯେଉଁ ହିତାଧିକାରୀମାନେ ପ୍ରଥମ ପର୍ଯ୍ୟାୟରେ ପ୍ରଥମ କିସ୍ତି ଅର୍ଥରାଶି ପାଇଛନ୍ତି, ସେମାନଙ୍କ ପାଇଁ ଏକ ମତାମତ ସଂଗ୍ରହପ୍ରକ୍ରିୟା ( ଫିଡ୍ ବ୍ୟାକ୍ ମନିଟରିଂ) ବ୍ୟବସ୍ଥା କରାଯିବାକୁ ଉନ୍ନୟନକମିଶନର ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଥିଲେ । ଏହି ପ୍ରକ୍ରିୟାରେ ପ୍ରଥମ କିସ୍ତି ଅର୍ଥରାଶିପାଇଥିବା ହିତାଧିକାରୀ କେତେ ଉତ୍ସାହିତ ଅଛନ୍ତି, ଏହି ଆର୍ଥିକ ସହାୟତା ସେମାନଙ୍କ ଜୀବନରେ କିପରି ସହାୟକ ହୋଇଛି ଆଦି ସଂପର୍କରେ ମତାମତ ନିଆଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା । ତତ୍ ସହିତ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ 'ସୁଭଦ୍ରା' ସଂପର୍କିତ ଜନସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି ।



### ପାଳଦା ସରପଞ୍ଚ ଭୋଟ ଗଣତି ମାମଲା
## ୮ରେ ଭୋଟ ପୁନଃଗଣତି ନିମନ୍ତେ କୋର୍ଟଙ୍କ ନିର୍ଦ୍ଦେଶ

ନିଶ୍ଚିନ୍ତକୋଇଲି, (ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକ ସଦର ନିର୍ବାଚନ ମଣ୍ଡଳୀ ଅଧିନ ପାଳଦା ପଂଚାୟତର ସରପଂଚ ନିର୍ବାଚନ ଭୋଟ ଗଣତିରେ ଅନିୟମିତତା ଘଟଣାରେ ଆସନ୍ତା ୮ତାରିଖ ଦିନ ଭୋଟ ପୁନଃ ଗଣତି କରାଯିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଗତ ୨୦୨୨ ତ୍ରିସ୍ତରୀୟ ପଂଚାୟତରାଜ ନିର୍ବାଚନରେ ପାଳଦା ପଂଚାୟତରେ ନିର୍ବାଚିତ ହୋଇଥିବା ସରପଞ୍ଚ ପ୍ରାର୍ଥୀଙ୍କୁ ପ୍ରଶାସନ ପକ୍ଷରୁ ଭୋଟ ଗଣତିରେ ଚଞ୍ଚକତା କରାଯାଇ ବିଜୟୀ ଘୋଷଣା କରାଯିବା ଅଭିଯୋଗ ହୋଇଥିଲା । ପ୍ରତିବାଦରେ ଭୋଟ ପୁନଃଗଣତି ନିମନ୍ତେ ନିକଟତମ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀନୀ ସାଲେପୁର ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ମାନ୍ୟବର ଅଦାଲତ ତାଙ୍କର ଏହି ଆବେଦନକୁ ଗ୍ରହଣ କରିଥିଲେ। ଏବେ ଏହାର ବିଚାର କରାଯାଇ ନିର୍ବାଚନ ଅଧିକାରୀଙ୍କ ମାଧ୍ୟମରେ ଆସନ୍ତା ୮ତାରିଖରେ ଭୋଟ ପୁନଃ ଗଣତି କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

# 'ହ୍ୱାଇଟ୍ ଓକ୍ କ୍ୟାପିଟାଲ ମ୍ୟୁଚୁଆଲ ଫଣ୍ଡ' ଶୀର୍ଷରେ

ଭୁବନେଶ୍ୱର (ସବ୍ୟୁ) : ହ୍ୱାଇଟ୍ ଓକ୍ କ୍ୟାପିଟାଲ୍ ଏଏମ୍ସିର ପୂର୍ବ ଏସ୍ଆଇପି ରିପୋର୍ଟ 'ମାର୍କେଟ୍ ସାଇକେଲ୍ ର ଶୀର୍ଷ କିମ୍ବା ତଳଭାଗରେ ଏସ୍ଆଇପି ଆରମ୍ଭ କରିବା କ'ଣ ଭଲ?' ଶୀର୍ଷକରେ କମ୍ପାନି 'ଟପ୍ ଦ ଟପ୍ ନା ବଟମ୍ ରେ ଏସ୍ଆଇପି' ବିଷୟରେ ଅଧିକ ସୂଚନା ଦେଇଛି। ବିଏସଇ ସେନସେକ୍ସ ଟିଆରଆଇ (ଗତ ୨୭ ବର୍ଷ)ର ଦୀର୍ଘକାଳୀନ ତଥ୍ୟକୁ ବ୍ୟବହାର କରି ଏକ ବିସ୍ତୃତ ବିଶ୍ଳେଷଣ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ଏବଂ ସେହି ସମସ୍ତ ସମୟକୁ ବିଚାରକୁ ନିଆଯାଇଛି ଯେତେବେଳେ ଇକ୍ୱିଟି ବଜାର ଏହାର ଶୀର୍ଷରୁ ୨୦% ରୁ ଅଧିକ ହ୍ରାସ ପାଇଛି । ନିମ୍ନ ସାରଣୀରେ ଦୁଇ ଜଣ ନିବେଶକଙ୍କ ନିବେଶ ସାରଣୀ ଦର୍ଶାଯାଇଛି, ଜଣେ ଯିଏ ବିଭିନ୍ନ ବଜାର ଚକ୍ରର ଶୀର୍ଷରେ ମାସିକ ୧୦,୦ ଟଙ୍କାର ଏସଆଇପି ଆରମ୍ଭ କରିଥିଲେ ଏବଂ ଅନ୍ୟଜଣେ ବଟମରେ । ବଜାର ଚକ୍ରର ତଳଭାଗରୁ ଆରମ୍ଭ ହୋଇଥିବା ଏସ୍ଆଇପିମାନଙ୍କ ପାଇଁ % ରିଟର୍ଣ୍ଣ ସାମାନ୍ୟ ଅଧିକ ଥିବା ବେଳେ ଶୀର୍ଷରୁ ଆରମ୍ଭ ହୋଇଥିବା ଏସ୍ଆଇପିମାନଙ୍କ ପାଇଁ ଟଙ୍କା ଅବଧି (ୱେଲ୍ଥ କ୍ରିଏସନ୍)ରେ ନିରପେକ୍ଷ ଲାଭ ବହୁତ ଅଧିକ। ବିଳମ୍ବରେ ଏସଆଇପି ଆରମ୍ଭ କରିବାର 'ବିଳମ୍ବର ମୂଲ୍ୟ' ଦୀର୍ଘକାଳୀନ ଭାବରେ ବହୁତ ବଡ ହୋଇପାରେ । ବଜାର ତଳକୁ ପହଂଚିବାକୁ ଯେତେ ଅଧିକ ସମୟ ନେବ, ଅନ୍ୟ ସମସ୍ତ ଜିନିଷକୁ ସ୍ଥିର ରଖି 'ବିଳମ୍ବର ମୂଲ୍ୟ' ସେତେ ଅଧିକ ହେବ । ଏପରିକି ଆପଣ ଉପର କିମ୍ବା ତଳଭାଗରେ ଆରମ୍ଭ କରନ୍ତୁ ନା କାହିଁକି ( ପ୍ରଥମ ୬ ମାର୍କେଟ ସାଇକେଲ ସମୟରେ, ଅର୍ଥାତ୍ ଦୀର୍ଘମିଆଦୀ ସମୟରେ ଏସଆଇପି ପାଇଁ ରିଟର୍ଣ୍ଣ ପାର୍ଥକ୍ୟ ଦେଖନ୍ତୁ) ଦୀର୍ଘକାଳୀନ ସମୟରେ % ରିଟର୍ଣ୍ଣର ସାମାନ୍ୟ ପାର୍ଥକ୍ୟ ଦୂର ହୋଇଯାଏ ।

# ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସିପେଟରେ ସ୍ୱଚ୍ଛତା ଦିବସ

ଭୁବନେଶ୍ୱର (ସବ୍ୟୁ): ମଞ୍ଚେଶ୍ୱରସ୍ଥିତ ସିପେଟ୍:ସିଏସ୍ ଟିସି ର ମୁଖ୍ୟ ତଥା ଡାରେକଟର ବି.ପି.ପାତ୍ରଙ୍କ ତତ୍ତ୍ୱାବଧାନରେ ଗାନ୍ଧୀ ଜୟନ୍ତୀ ତଥା ସ୍ୱଚ୍ଛ ଭାରତ ଦିବସ ପାଳିତ ହୋଇଯାଇଛି । ପୂର୍ବରୁ ସ୍ୱଚ୍ଛତା ପଖୱାଡା ପାଳନ ପରେ ସିପେଟ ଦ୍ୱାରା ଭାରତ ସରକାରଙ୍କ ୧୪ ସେପ୍ଟେମ୍ବରୁ ୦୧ ଅକ୍ଟୋବର ପର୍ଯ୍ୟନ୍ତ ପାଳିତ ହେଉଥିବା ସ୍ୱଚ୍ଛତା ହିଁ ସେବା ସଂସ୍କାର ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ସ୍ୱଭାବ ସ୍ୱଚ୍ଛତା ଥିମ୍ ରେ ବହୁ ସଫାଇ କାର୍ଯ୍ୟକ୍ରମ କ୍ରମାଗତ ଭାବେ କରାଯାଇଥିଲା । ଏବେ ସ୍ୱଚ୍ଛତା ହିଁ ସେବା ଅଭିଯାନର ପରିସମାପ୍ତି ଏବଂ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳନ ପାଇଁ ମଞ୍ଚେଶ୍ୱରସ୍ଥିତ ସିପେଟ୍:ସିଏସ୍ ଟିସ ଦ୍ୱାରା ଆୟେଜିତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ରାସାୟନ ଏବଂ ଉର୍ବରକ ମନ୍ତ୍ରାଳୟର ପ୍ରତିନିଧି ଗଙ୍ଗା କୁମାର, ଡେପୁଟି ଡାଇରେକ୍ଟର ଜେନେରାଲ ମୁଖ୍ୟ ଅତିଥି ରୁପେ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମୁଖ୍ୟ ଅତିଥି ଗଙ୍ଗା କୁମାରଙ୍କ ଦ୍ୱାରା ସିପେଟ ଦ୍ୱାରା ଅନୁରକ୍ଷିତ ମଞ୍ଚେଶ୍ୱରରୁ ଏନ୍ ଏଚକୁ ସଂଲଗ୍ନ କରୁଥିବା ରାସ୍ତାର ଡିଭାଇଡର ମଧ୍ୟବର୍ତୀ ସ୍ଥାନରେ ଚାରା ରୋପଣ କରାଯାଇଥିଲା । ଏହାପରେ ସିପେଟ୍:ସିଏସ୍ ଟିସ ପରିସରରେ ଶାଖାର ସମସ୍ତ କର୍ମଚାରୀ, ଶିକ୍ଷକଗଣ ଓ ଛାତ୍ରଛାତ୍ରୀମାନେ ମହାତ୍ମା ଗାନ୍ଧୀଙ୍କ ଫୋଟରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ରାମଧୁନ ଗାନ କରିଥିଲେ । ରାମଧୁନ୍ ପରେ ଶାଖା ମୁଖ୍ୟ ଶ୍ରୀ ପାତ୍ର ତଙ୍କର ଅଭିଭାଷଣରେ ସିପେଟର ସ୍ୱଚ୍ଛତା ପଖୱାଡା ଓ ସ୍ୱଚ୍ଛତା ହିଁ ସେବାରେ କରାଯାଇଥିବା ସମସ୍ତ ସଫାଇ କାର୍ଯ୍ୟର ବିବରଣୀ ରଖିଥିଲେ । ଶାଖାର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସଙ୍କ ନେତୃତ୍ୱରେ ଏହା ପରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଗଙ୍ଗା କୁମାର ସିପେଟ୍ ଦ୍ୱାରା ପ୍ରସ୍ତୁତ ସ୍ୱଚ୍ଛତା ଇ- ମ୍ୟାଗାଜିନ୍ ଓ ସ୍ୱଚ୍ଛତା ଭିଡିଓକୁ ଉନ୍ମୋଚନ କରିଥିଲେ ।



## ଇନ୍‌ଫିନିଟି ଗ୍ରୁପ ପକ୍ଷରୁ
# ରାଉଣ୍ଡଟେବୁଲ ଆଲୋଚନା ଅନୁଷ୍ଠିତ

ଭୁବନେଶ୍ୱର (ସବ୍ୟୁ) : ଇନ୍‌ଫିନିଟି ଗ୍ରୁପ୍ ପକ୍ଷରୁ ବାର୍ଦ୍ଧକ୍ୟ ସମ୍ବନ୍ଧିତ ଚିକିତ୍ସା ଯତ୍ନ ଓ ସୁସ୍ଥତା କ୍ଷେତ୍ରରେ ସିଏସ୍ଆର୍ ସୁଯୋଗଗୁଡିକ ଉପରେ ଏକ ରାଉଣ୍ଡଟେବୁଲ ବୈଠକ ଆୟୋଜିତ ହୋଇଯାଇଛି। ଆ'ର୍ଜାତୀୟ ବରିଷ୍ଠ ନାଗରିକ ଦିବସକୁ ସ୍ମରଣୀୟ କରିବା ପାଇଁ ଗୋଲ୍ଡେନ ଇୟର୍ସ-ନ୍ୟୁ ହରାଇଜୋନକୁ ସଶକ୍ତ କରିବା ଉପରେ ଏକ ସ୍ୱତନ୍ତ୍ର ଧ୍ୟାନ ସହିତ ଏହା ଆୟୋଜିତ ହୋଇଛି । ବୟସ୍କ ବ୍ୟକ୍ତିମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡିକର ସମାଧାନ କ୍ଷେତ୍ରରେ ସିଏସ୍ଆର୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି କାର୍ଯ୍ୟକ୍ରମ ଆଲୋକପାତ କରିଛି। ଏହି ରାଉଣ୍ଡଟେବୁଲରେ ୧୩ ଜଣ ବିଶିଷ୍ଟ ବକ୍ତା ଯେପରିକି ବେଦା' ଇନ୍‌ଷ୍ଟିଚ୍ୟୁଟ୍‌ର ବେଦାନ୍ତ ସ୍କୋଲାର ଓ କର୍ପୋରେଟ ରିସୋର୍ସ ଏଲ୍.ରାମାସ୍ୱାମୀ, ଆଲ୍‌ଜାଇମର୍ସ ଆଣ୍ଡ ରିଲେଟେଡ ଡିଜଅର୍ଡର୍ସ ସୋସାଇଟି ଅଫ୍ ଇଣ୍ଡିଆର ସଚିବ ନିଳାନା ମୌଳିକ୍, କୋଲ୍‌କାତାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁରୋସାଇନ୍ସେସ୍‌ର କନ୍‌ସଲ୍‌ଟାଂଟ ନ୍ୟୁରୋଲୋଜିଷ୍ଟ ଡଃ ସିଦ୍ଧାର୍ଥ ଶଙ୍କର ଆନନ୍ଦ ପ୍ରମୁଖ ସାମିଲ ଥିଲେ।

## ୱାଇଆଇ ଭୁବନେଶ୍ୱର ପକ୍ଷରୁ
# ୱାଇଆଇ ରନ୍-ଭୁବନେଶ୍ୱର -ରାଇଜ ଏବୋଭ ଆଡିକ୍ସନ୍ ଆଣ୍ଡ ବ୍ରେକ୍ ଦି ସାଇଲେନ୍ସର ଦ୍ୱିତୀୟ ସଂସ୍କରଣ

ଭୁବନେଶ୍‌ର, (ସବ୍ୟୁ): ନିଶା ଦ୍ରବ୍ୟ ସେବନ ସମ୍ପର୍କରେ ସଚେତନତା ସୃଷ୍ଟି ଓ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ୱାଇଆଇ ଭୁବନେଶ୍‌ର ପକ୍ଷରୁ 'ୱାଇଆଇ ରନ୍ - ଭୁବନେଶ୍ୱର - ରାଇଜ ଏବୋଭ ଆଡିକ୍ସନ୍ ଆଣ୍ଡ ବ୍ରେକ୍ ଦି ସାଇଲେନ୍ସ'ର ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ ବିଷୟ ଘୋଷଣା କରିବା ସହ ଏହାର ମାସ୍କଟ୍ 'ମାଇଟି'କୁ ଉନ୍ମୋଚନ କରିଥିଲେଛ ଭୁବନେଶ୍ୱରସ୍ଥିତ ଉତ୍କଳ କନିକା ଗାଲେରିଆ ମଲ୍ ରେ ଆୟୋଜିତ ଏହି ଉନ୍ମୋଚନ ଉତ୍ସବରେ ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଓ କ୍ରୀଡ଼ା ମହାନାୟକ ଦିଲ୍ଲୀପ ତିର୍କୀ ଉପସ୍ଥିତ ଥିଲେ । ବିଶେଷ କରି ଯୁବବର୍ଗଙ୍କ ମଧ୍ୟରେ ବଢୁଥିବା ନିଶା ସେବନ ସମସ୍ୟାର ମୁକାବିଲା ଏବଂ ମାନସିକ ସ୍ୱାସ୍ଥ୍ୟ ସଚେତନତା ପାଇଁ ପରାମର୍ଶ ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ରେ ଅନେକ ପଦକ୍ଷେପର ଶୁଭାରମ୍ଭ କରାଯାଇଛି । ନିଶା ନିବାରଣର ମୁକାବିଲା ପାଇଁ ଭୁବନେଶ୍ୱରର ସାମୂହିକ ପ୍ରୟାସର ଶକ୍ତି, ସ୍ଥିରତା ଏବଂ ଭାବନାର ପ୍ରତୀକ ଭାବରେ 'ମାଇଟ୍' କୁ ଚୟନ କରାଯାଇଛି । ନଭେମ୍ବର ୨୦୨୪ରେ ହେବାକୁ ଥିବା ୱାଇଆଇ ରନ୍ - ଭୁବନେଶ୍ୱର ବାଇ ନାଇଟ୍ ମାରାଥନ୍ ର ଉଦ୍ଦେଶ୍ୟ ହେଉଛି ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିତ୍ୱ ଯେପରିକି - ଛାତ୍ର, ବୃତ୍ତିଗତ, ଫିଟନେସ୍ ଉତ୍ସାହୀ, ଡାକ୍ତର ଏବଂ ସାଧାରଣ ଜନତାଙ୍କୁ ଏକ ଆନ୍ଦୋଳନରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବା, ଯାହା ନିଶା ସେବନର କ୍ଷତିକାରକ ପ୍ରଭାବ ବିଷୟରେ ସଚେତନତାକୁ ପ୍ରୋତ୍ସାହିତ କରିବ । ଯୁବବର୍ଗର ସଂପୃକ୍ତି ଉପରେ ବିଶେଷ ଧ୍ୟାନ ଦେବା ସହିତ ଏହି ଆହ୍ୱାନର ମୁକାବିଲା ପାଇଁ ସମୁଦାୟକୁ ଶିକ୍ଷିତ ଏବଂ ଉତ୍ସାହିତ କରିବା ଉପରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱାରୋପ କରିଛି ।




## ଦି ଇଣ୍ଟରଭ୍ୟୁ ଟାଇମ୍ସର ବାର୍ଷିକ ଉତ୍ସବ
# ସମ୍ମାନିତ ହେଲେ ପ୍ରେରଣାଦାୟୀ ବ୍ୟକ୍ତି ବିଶେଷ

ଭୁବନେଶ୍ୱର (ସବ୍ୟୁ) : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ୧୩ତମ ବାର୍ଷିକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ରଘୁବର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି କହିଥିଲେ ଯେ ଆଜି ଆମେ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ପାଳୁଛୁ । ଏହି ଦିବସରେ ଇଣ୍ଟରଭ୍ୟୁ ଟାଇମ୍‌ସ ପକ୍ଷରୁ ଶ୍ରେଷ୍ଠ ସମ୍ମାନ ପ୍ରଦାନ କରାଯାଉଥିବାରୁ ଏହି ଦିନର ଗରିମା ବଢିଯାଇଛି । ଯେଉଁମାନେ ଦେଶ ଓ ସମାଜ ପାଇଁ କାମ କରୁଛନ୍ତି ସେମାନଙ୍କୁ ଏହି ମଞ୍ଚରେ ସମ୍ମାନୀତ କରାଯାଉଛି । ଏହା ଦ୍ୱାରା ଅନ୍ୟମାନେ ଉତ୍ସାହିତ ହେବେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ତଥା ସାଂସଦ ଡ଼ଃ ରବିନ୍ଦ୍ର ନାରାୟଣ ବେହେରା କହିଥିଲେ । ଇଣ୍ଟରଭ୍ୟୁ ଟାଇମ୍ସ ସବୁ ବର୍ଗର ଖବରକୁ ସ୍ଥାନ ଦେଉଥିବାରୁ ସେ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ଡ଼. ବି କେ ଦାସ (ଡ଼ିଜି ଡ଼ିଆରଡ଼ିଓ (ଇସିଏସ୍) ମହାତ୍ମାଗାନ୍ଧୀଙ୍କ ସ୍ତୁତିଚାରଣ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କିଶୋର କୁମାର ବାସା, ସମ୍ମାନିତ ଅତିଥି ଭାବେ ପଙ୍କଜ ମହାନ୍ତି, ପଦ୍ମଶ୍ରୀ ଅରୁଣା ମହାନ୍ତି, ପି ଏଲ ହାଂସଦା (ଚେୟାରମ୍ୟାନ, ପାରାଦ୍ୱିପ ପୋର୍ଟ ଅଥରିଟି), ଡଃ ପ୍ରବୋଧ ମହାନ୍ତି, ପାର୍ଥଜିତ୍ ପଟ୍ଟନାୟକ, ଡଃ ଶୁଭାଶିଷ ଦାସ ଯୋଗ ଦେଇଥିଲେ । ପ୍ରାଥମିକ ପର୍ଯ୍ୟାୟରେ 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ମୁଖ୍ୟ ସମ୍ପାଦକ ଦିବ୍ୟଜିତ୍ ସାହୁ ସ୍ୱାଗତ ଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ କରାଯାଇଥିଲା । ମଞ୍ଚ ସଭା ପରେ 'ଦି ଇଣ୍ଟରଭ୍ୟୁ ଟାଇମ୍ସ' ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୩୦ ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନଜନକ 'ଶ୍ରେଷ୍ଠ-୩୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ସମ୍ମାନ ଓ ୪ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନଜନକ 'ଜୀବନ ବ୍ୟାପି ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ପରିଶେଷରେ ସହସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



# ବ୍ରିଟାନିଆ ୫୦-୫୦ରେ ଚିଫ୍ ସିଲେକ୍ଟର କ୍ୟାମ୍ପେନ

ଭୁବନେଶ୍ୱର, (ସବ୍ୟୁ) : ବ୍ରିଟାନିଆ ୫୦-୫୦ ଏହାର ସଦ୍ୟତମ ପଦକ୍ଷେପ ବ୍ରିଟାନିଆ ୫୦-୫୦ ଚିଫ୍ ସିଲେକ୍ଟର କ୍ୟାମ୍ପେନ ରେ ଅଂଶଗ୍ରହଣ କରିବା ପାଇଁ ସାରା ଦେଶରେ ସ୍ନାକ୍ସ ପ୍ରେମୀମାନଙ୍କୁ ନିମନ୍ତ୍ରଣ କରୁଛି । ଏହି ମଜାଦାର ଏବଂ ଇଂଟରାକ୍ଟିଭ ପ୍ରତିଯୋଗିତା ଜଣଙ୍କୁ ଡିଜାଇନର ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦିଏ, ଯାହା ସେମାନଙ୍କୁ ପରବର୍ତୀ ଆଇକନିକ ବିସ୍କୁଟ ଆକାର ସୃଷ୍ଟି କରିବାର ଅନନ୍ୟ ସୁଯୋଗ ଦେଇଥାଏ । ଶ୍ୱାଙ୍ଗଙ୍କ ପରିକଳ୍ପନା ଅନୁଯାୟୀ, ଏହି ଅଭିଯାନ ବ୍ରିଟାନିଆର ଦୀର୍ଘଦିନର ପରମ୍ପରାର ଏକ ସ୍ୱାଭାବିକ ସମ୍ପ୍ରସାରଣ ଯାହା ଗ୍ରାହକମାନଙ୍କୁ ଏହାର ଅଭିନବତାର କେନ୍ଦ୍ରରେ ରଖିଥାଏ। ଏହି ଚଳଚ୍ଚିତ୍ରରେ ରବି ଶାସ୍ତ୍ରୀ ଏକ ଡିଜିଟାଲ ଅବତାରରେ ଅଭିନୟ କରିଛନ୍ତି ଯେଉଁଠାରେ ସେ ଏକ ହାଇଟେକ୍ ଲ୍ୟାବରେ ଅଛନ୍ତି, ବୈଜ୍ଞାନିକମାନଙ୍କ ସହ କଥାବାର୍ତା କରୁଛନ୍ତି ଏବଂ ପରବର୍ତୀ ବଡ଼ ବିସ୍କୁଟ ଆକାର ବିଷୟରେ ଚିନ୍ତା କରୁଛନ୍ତି କିନ୍ତୁ ସେ ସବୁଠାରୁ ସୃଜନଶୀଳ ଧାରଣା ଆଣିବା ପାଇଁ ଗ୍ରାହକଙ୍କ ଉପରେ ଭରସା କରୁଛନ୍ତି । ଗ୍ରାହକଙ୍କୁ ଉତ୍ପାଦ ବିକାଶ ପ୍ରକ୍ରିୟାର ଅଂଶ ହେବାକୁ ଆମନ୍ତ୍ରଣ କରି ବ୍ରିଟାନିଆ ଏକ ନିଆରା ଉପାୟରେ ଉପଭୋକ୍ତାଙ୍କ ସଂପୃକ୍ତିର ସୀମାକୁ ଆଗକୁ ବଢ଼ାଉଛି। ରବି ଶାସ୍ତ୍ରୀ ୫୦-୫୦ରେ ବ୍ରିଟାନିଆର ଗତିଶୀଳ ଏବଂ ସ୍ୱାଦିଷ୍ଟ ଦୁଇଟି ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ ରୂପେ ପ୍ରତିଫଳିତ କରିଛନ୍ତି । ଶୀର୍ଷ ପ୍ରତିଭାଙ୍କୁ ଚିହ୍ନଟ କରିବା ଏବଂ ରଣନୀତିକ ନିଷ୍ପତି ନେବାରେ ମୁଖ୍ୟ ଚୟନକର୍ତାଙ୍କ ଭୂମିକା ପରି, ବ୍ରିଟାନିଆର ମୁଖ୍ୟ ଚୟନକର୍ତା ଭାବରେ ରବି ୫୦-୫୦ ରେ ତାଙ୍କର ଦକ୍ଷତା ଏବଂ ସୃଜନଶୀଳତା ଆଧାରରେ ନୂଆ ବିସ୍କୁଟ ଆକାର ଚିହ୍ନଟ କରିବା କାର୍ଯ୍ୟ ପ୍ରତି ନିଜର ଦକ୍ଷତା ପ୍ରତିପାଦିତ କରିବେ ।

## ଚୌଦ୍ୱାର-କଟକ ବିଜେଡିର ଜନସମ୍ପର୍କ ପଦଯାତ୍ରା
# ବୁଝି ବିଚାରି କାର୍ଯ୍ୟକଲେ ପ୍ରମାଦ ନପଡଇ ଭଲେ : ପ୍ରଭାତ

କଟକ, (ସ୍ୱପ୍ର): ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ପୂର୍ବତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳଙ୍କ ନେତୃତ୍ୱରେ ପବିତ୍ର ଗାନ୍ଧୀଜୟନ୍ତୀରେ ଆରମ୍ଭ ହୋଇଛି । ଏହା ବିଭିନ୍ନ ପର୍ଯ୍ୟାୟରେ ଅକ୍ଟୋବର ୩୦ ତାରିଖ ପର୍ଯ୍ୟନ୍ତ କରାଯିବ। ବୁଧବାର ଚୌଦ୍ୱାର ଗାନ୍ଧୀଛକ ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ଅର୍ପଣ ଓ ନୂଆବଜାର ସ୍ଥିତ ଗାନ୍ଧୀ ଆଶ୍ରମ ଠାରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ଡଃ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କ ସରଳତା, ସ୍ୱଚ୍ଛତା ଓ ବିନମ୍ରତାକୁ ପ୍ରଶଂସା କରିଥିଲେ । ନାଁ ନନେଇ ଦଳକୁ ଧ୍ୱଂସ ମୁହଁକୁ ଠେଲି ଦେଉଥିବା ନିର୍ଦ୍ଦିଷ୍ଟ କିଛି ସ୍ୱାର୍ଥପର ବ୍ୟକ୍ତିଙ୍କ ଦଳ ପରିଚାଳନା କାର୍ଯ୍ୟ ଶୈଳୀକୁ ନାପସନ୍ଦ କରିଥିଲେ। ସେ ଦଳକୁ ବଞ୍ଚାଇବାକୁ ହେଲେ ବୁଝି ବିଚାରି କାର୍ଯ୍ୟ କଲେ ପ୍ରମାଦ ନପଡଇ ଭଲେ ବୋଲି କହିଥିଲେ। ଏବେଠୁ ନିସ୍ୱାର୍ଥପର ଭାବେ ଦଳ ପାଇଁ ପରିଶ୍ରମ କରି ପୁନର୍ବାର କ୍ଷମତାସୀନ କରିବାକୁ ସେ ଆହ୍ୱାନ ଦେଇଥିଲେ। ପରେ ଆଶ୍ରମ ପରିସରରେ ଅନ୍ତେବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବା ସହ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ପୌରହିତ୍ୟରେ ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା । ଏହି ପଦଯାତ୍ରା ୫୪-୫୫ନଂ ୱାର୍ଡରେ ପରିକ୍ରମା କରିବା ସହିତ ଦଳର ୨୫ବର୍ଷ ଶାସନ ବ୍ୟବସ୍ଥାରେ ଲୋକାଭିମୁଖୀ କାର୍ଯ୍ୟକ୍ରମର ବାର୍ତ୍ତା ବଣ୍ଟନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ମେୟର ସୁବାଷ ସିଂହ, ଡେପୁଟି ମେୟର ଦମୟନ୍ତୀ ମାଝି, କର୍ପୋରେଟର ଇଂ ସୁବ୍ରତ ଘଡାଇ, ବିଶ୍ୱବନ୍ଦିତା ପଣ୍ଡା, ସୌଭାଗିନୀ ଜେନା, ଅରବିନ୍ଦ ଜେନା, ନଗର କମିଟିର ତାପସ ମହାନ୍ତି, ହିମାଂଶୁ ଷଡଙ୍ଗୀ, ବିଧାୟକଙ୍କ ପ୍ରତିନିଧି-ରମାକାନ୍ତ ଲେଙ୍କା, ଭବାନୀ ଶଙ୍କର ଦାସଙ୍କ ସମେତ ସମସ୍ତ ଜିଲ୍ଲାପରିଷଦ ସଭ୍ୟ, ସଭ୍ୟା, ସରପଞ୍ଚ, ନୋମିନି, କାଉଁସିଲର, କର୍ପୋରେଟଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ ।



## ଇସ୍ରାଏଲ ଉପରେ ଆକ୍ରମଣ

# ଜି-୭ ବୈଠକରେ ଇରାନକୁ ନିନ୍ଦା

**ୱାଶିଂଟନ:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଜରୁରୀକାଳୀନ ଜି-୭ ବୈଠକ ଡାକିଛନ୍ତି । ଇରାନ ଉପରେ ନୂଆ କଟକଣା ଲଗାଇବା ନେଇ ବୈଠକରେ ଆଲୋଚନା ହୋଇଛି । ବାଇଡେନ୍ ଓ ଜି-୭ ନେତାମାନେ ଇସ୍ରାଏଲ ଉପରେ ଇରାନର ଆକ୍ରମଣକୁ ନିନ୍ଦା କରିଛନ୍ତି । ତେବେ ବୈଠକରେ ଇସ୍ରାଏଲ ପାଇଁ ଲକ୍ଷ୍ମଣ ରେଖା ଟାଣିଛନ୍ତି ବାଇଡେନ୍ । ସେ କହିଛନ୍ତି, ଇସ୍ରାଏଲକୁ ଜବାବ ଦେବା ଅଧିକାର ରହିଛି । ଆଉ ଆମେ ଏଥିରେ ଏକମତ ମଧ୍ୟ । କିନ୍ତୁ ଇସ୍ରାଏଲ ଏକ ସୀମା ମଧ୍ୟରେ ରହି ଇରାନକୁ ପାଲଟା ଜବାବ ଦେବା ଉଚିତ । ତେବେ ଏହି ସୀମା କ'ଣ ହେବ ସେନେଇ ସେ କିଛି କହି ନାହାଁନ୍ତି । ଇସ୍ରାଏଲ ଉପରେ ଘନ ଘନ ମିସାଇଲ୍ ମାଡ଼ କରିଛି ଇରାନ୍ । ଏହାପରେ ମଧ୍ୟପ୍ରାଚ୍ୟରେ ଘନେଇବାରେ




ଲାଗିଛି ଯୁଦ୍ଧ ଆଶଙ୍କ । ସ୍ଥିତି ଅତ୍ୟନ୍ତ ଭୟଙ୍କର ହେବାରେ ଲାଗିଛି । ଏହି ଯୁଦ୍ଧ ଆଗକୁ କେଉଁ ମୋଡ ନେବ ତା'ଉପରେ ସମସ୍ତଙ୍କ ନଜର ରହିଛି । ସୂଚନା ମୁତାବକ, ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣକୁ ସମର୍ଥନ କରୁନଥିବା କଥା ବାଇଡେନ୍ କହିଛନ୍ତି । ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ ହେଉ ବୋଲି ଆମେ ଚାହୁଁଛୁ ବୋଲି ବାଇଡେନ କହିଛନ୍ତ । ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି ଯେ ଇସ୍ରାଏଲ୍ ଉପରେ ମିସାଇଲ ଆକ୍ରମଣ ପରେ ଇରାନ୍ ବିରୋଧରେ ନୂଆ କଟକଣା ଲାଗୁ କରିବାକୁ ଆମେରିକା ଯୋଜନା କରୁଛି । ଏନେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଜି-୭ ରାଷ୍ଟ୍ରମୁଖ୍ୟଙ୍କ ସହ ଫୋନରେ କଥା ହୋଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ।

## ଲେବାନନ ସଂସଦ ନିକଟରେ କ୍ଷେପଣାସ୍ତ୍ର ମାଡ଼, ୬ ମୃତ

**ବେରୁଟ:** ଲେବନାନର ସେଣ୍ଟ୍ରାଲ ବେରୁଟ ଉପରେ ଇସ୍ରାଏଲ କରିଛି ରକେଟ୍ ମାଡ଼ । ଏଠାରେ ଥିବା ଏକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆକ୍ରମଣରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ଗୁରୁବାର ସକାଳେ ବେରୁଟର ବାଚୌରା ଅଞ୍ଚଳରେ ଥିବା ସଂସଦ ନିକଟରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ବିଲ୍ଡିଂକୁ ଟାର୍ଗେଟ୍ କରି ଆକ୍ରମଣ କରାଯାଇଥିଲା । ଏହା ହେଉଛି ଲେବନାନ ସରକାରୀ ମୁଖ୍ୟାଳୟକୁ ଟାର୍ଗେଟ୍ କରି ଇସ୍ରାଏଲର ସବୁଠୁ ନିକଟତମ ଆକ୍ରମଣ । ସୋମବାର (ସେପ୍ଟେମ୍ବର ୩୦) ଇସ୍ରାଏଲ ଉପରେ ଇରାନ ପ୍ରାୟ ୨୦୦ରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରିଥିଲା । ତା' ପରଠାରୁ ଇସ୍ରାଏଲ ଏହାର ପ୍ରତିଶୋଧ ନେବାରେ ଲାଗିଛି ।

ଲେବନାନର ସୁରକ୍ଷା ଅଧିକାରୀଙ୍କ କହିବା ମୁତାବକ, ଇସ୍ରାଏଲର ଆକ୍ରମଣ ଯୋଗୁ ସ୍ୱାସ୍ଥ୍ୟ କେନ୍ଦ୍ର ବିଲ୍ଡିଂଟି ପୂରା ଧ୍ୱଂସ ହୋଇଯାଇଛି । ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଖାଲିଥିଲା । ଏଠାରେ କୌଣସି ରୋଗୀ କିମ୍ବା ଡାକ୍ତର ନଥିଲେ । ସେପଟେ ଏହାବ୍ୟତୀତ ଦହିୟାହର ଦକ୍ଷିଣ ଉପାନ୍ତରେ ମଧ୍ୟ ତିନୋଟି ମିସାଇଲ୍ ମାଡ଼ ହୋଇଛି, ଯେଉଁଠି ଗତ ସପ୍ତାହରେ ହେଜବୁଲ୍ଲା ନେତା ହାସନ ନାସ୍ରଲ୍ଲାଙ୍କୁ ହତ୍ୟା କରାଯାଇଥିଲା । ମିସାଇଲ ମାଡ଼ ପରେ ଏଠାରେ ଭୟଙ୍କର ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଥିଲା । ସେହିପରି ବୁଧବାର ଦିନ ଲେବନାନର ଦକ୍ଷିଣ ସହରରେ ଇସ୍ରାଏଲ୍ ଏକ ଡଜନରୁ ଅଧିକ ଆକ୍ରମଣ କରିଥିଲା ।

ଇସ୍ରାଏଲ ସେନା କହିଛି ଯେ, ସୀମାରେ କମାଣ୍ଡୋ ଅପରେସନ୍ ଏବଂ ସୈନ୍ୟ ସାହାଯ୍ୟରେ ସେମାନେ ପ୍ରତିଶୋଧ ନେଇଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ୪୬ ଜଣଙ୍କର ମୃତ୍ୟୁ ହୋଇଛି । ଇସ୍ରାଏଲ ଲେବନାନ ଉପରେ ତୁହାକୁ ତୁହା ଆକ୍ରମଣ କରି ଚାଲିଛି । ରକ୍ତମୁଖ୍ୟା ହୋଇପଡ଼ିଛି ଇସ୍ରାଏଲ । ମିସାଇଲ ମାଡ଼ ଯୋଗୁ ଅନେକ ଘର ଦ୍ୱାର ନଷ୍ଟ ହୋଇଛ । ଲେବନାନରେ ପ୍ରାୟ ୧.୨ ମିଲିଅନ ଲୋକ ଅବସ୍ଥାପିତ ହୋଇଛନ୍ତି ।



## ହମାସର ୩ ମୁଖ୍ୟଙ୍କୁ ମାରିଲା ଇସ୍ରାଏଲ

ପାଲେଷ୍ଟାଇନ ସମର୍ଥିତ ସଂଗଠନ ହମାସର ତିନି ବରିଷ୍ଠ ନେତାଙ୍କୁ ଏୟାର ଷ୍ଟ୍ରାଇକରେ ହତ୍ୟା କରିଥିବା ଇସ୍ରାଏଲ ସେନା ଦାବି କରିଛି । ମୃତକଙ୍କ ମଧ୍ୟରେ ଗାଜା ସରକାରର ମୁଖ୍ୟ ରାହି ମୁଶତାହା ଥିବା ଇସ୍ରାଏଲ ସେନା କହିଛ ।

ତିନି ବରିଷ୍ଠ ନେତାଙ୍କ ହତ୍ୟାକୁ ନେଇ ସମ୍ପୂର୍ଣ୍ଣ ତଥ୍ୟ ଦେଇ ଇସ୍ରାଏଲ ସେନା କହିଛି ଯେ, ତିନି ମାସ ତଳେ ଉତ୍ତର ଗାଜାରେ କରାଯାଇଥିବା ଷ୍ଟ୍ରାଇକରେ ହମାସ ସରକାରର ମୁଖ୍ୟ ରାହି ମୁଶତାହାର ନିହତ ହୋଇଛ । ଏଥିସହ ହମାସ କମାଣ୍ଡର ସିରାଜ ଏବଂ ସମେହ ଓୟୁଦେହ ବି ନିପାତ ହୋଇଛନ୍ତି ।ଏମାନେ ଉତ୍ତର ଗାଜାର ମାଟିତଳେ ସୁଡଙ୍ଗ କରି ରହୁଥିଲେ । ସେହିଠାରୁ



ସଂଗଠନ ଚଳାଉଥିବା ଇସ୍ରାଏଲ ସେନା କହିଛି । ତେବେ ଏନେଇ ହମାସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରକାର ପ୍ରତିକ୍ରିୟା ଦିଆଯାଇ ନାହିଁ । ପ୍ରକାଶ ଥାଉକି, ନିକଟରେ ଇସ୍ରାଏଲ ସେନା ପାଲେଷ୍ଟାଇନର ସମର୍ଥିତ ରାଷ୍ଟ୍ର ଲେବାନନ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିଲା । ଏଥିରେ ପାଲେଷ୍ଟାଇନର ସମର୍ଥିତ ସଂଗଠନ ହେଜବୁଲ୍ଲାର ଶକ୍ତି ସମ୍ପୂର୍ଣ୍ଣ ରୂପେ ଦୁର୍ବଳ ହୋଇଯାଇଛି । କାଣର ଏଥିରେ ସଂଗଠନର ମୁଖ୍ୟ ଶେଖ ହେସନ ନସରଲ୍ଲାଙ୍କ ମୃତ୍ୟୁ ଘଟିଛି । କେବଳ ଏତିକି ନୁହେଁ, ଲେବାନନର ଶତାଧିକ ଗାଁ ପ୍ରଭାବିତ ହୋଇ ଥିବାଲେ ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି । ଏଥିସହ ହଜାର ହଜାର ଲୋକ ଆହତ ହୋଇଛନ୍ତି ।

## ମହମ୍ମଦ ଆଝାରୁଦ୍ଦିନଙ୍କୁ ଇଡି ସମନ

**ନୂଆଦିଲ୍ଲୀ:** ହାଇଦ୍ରାବାଦ କ୍ରିକେଟ ଆସୋସିଏସନର ଆର୍ଥିକ ଦୁର୍ନୀତି ସହ ଜଡିତ ଅର୍ଥ ହେରଫେର ମାମଲାରେ ଇଡି କଂଗ୍ରେସ ନେତା ମହମ୍ମଦ ଆଝାରୁଦ୍ଦିନଙ୍କୁ ସମନ ପଠାଇଛି । ଆଜହରୁଦ୍ଦିନ ପୂର୍ବରୁ ହାଇଦ୍ରାବାଦ କ୍ରିକେଟ୍ ଆସୋସିଏସନର ସଭାପତି ଥିଲେ ।ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ହାଇଦ୍ରାବାଦ କ୍ରିକେଟ ଆସୋସିଏସନରେ ପାଣ୍ଠିର ଅପବ୍ୟବହାର କରିଥିବା ଅଭିଯୋଗ ହୋଇଛି । ମହମ୍ମଦ ଆଝାରୁଦ୍ଦିନଙ୍କୁ ଜାରି କରାଯାଇଥିବା ଏହା ହେଉଛି ପ୍ରଥମ ସମନ, ଯାହା ଅଧୀନରେ ତାଙ୍କୁ କେନ୍ଦ୍ରୀୟ ଏଜେନ୍ସିରେ ହାଜର ହେବାକୁ ପଡିବ । ସୂଚନାନୁସାରେ, ହାଇଦ୍ରାବାଦର ଉପ୍ପାଲର ରାଜୀବ ଗାନ୍ଧୀ କ୍ରିକେଟ୍ ଷ୍ଟାଡିୟମ୍ ପାଇଁ ଡିଜେଲ ଜେନେରେଟର, ଫାୟାର ବ୍ରିଗେଡ୍ ସିଷ୍ଟମ ଏବଂ କ୍ୟାନୋପି କିଣିବା ପାଇଁ ଆବଣ୍ଟିତ କରାଯାଇଥିବା ୨୦ କୋଟି ଟଙ୍କା ହେରଫେର ସହ ଏହି ମାମଲା ଜଡିତ । ନିକଟରେ ହାଇଦ୍ରାବାଦ କ୍ରିକେଟ ଆସୋସିଏସନର ଅଧିକାରୀଙ୍କ ବିରୋଧରେ ଇଡି ଅର୍ଥ ହେରଫେର ମାମଲା ରୁଜୁ କରିଥିଲା । ଇଡି ତେଲଙ୍ଗାନାର ୯ଟି ସ୍ଥାନରେ ଚଢାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଏବଂ ଡିଜିଟାଲ ଉପକରଣ ଜବତ କରିଥିଲା । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅନୁଯାୟୀ, ହାଇଦ୍ରାବାଦ କ୍ରିକେଟ ଆସୋସିଏସନ ଅଧିକାରୀମାନେ ରାଜୀବ ଗାନ୍ଧୀ କ୍ରିକେଟ ଷ୍ଟାଡିୟମ ନିର୍ମାଣରେ ଆର୍ଥିକ ଅନିୟମିତତା କରିଥିଲେ । ସେମାନେ ବେସରକାରୀ କମ୍ପାନୀମାନଙ୍କୁ ଉଚ୍ଚ ହାରରେ ଚୁକ୍ତି କରିଥିଲେ ଏବଂ ଆସୋସିଏସନକୁ କୋଟି ଟଙ୍କା ମୂଲ୍ୟର କ୍ଷତି ଘଟାଇଥିଲେ । ଏହି ମାମଲାରେ ଇଡି ତିନୋଟି ମାମଲା ରୁଜୁ କରି ଜଦନ୍ତ ଜାରି ରଖିଛି ।

## ଭାରତରୁ ରାଷ୍ଟ୍ରଦୂତ ଫେରାଇ ନେଲା ବାଂଲାଦେଶ

**ଢାକା:**ଭାରତ ସମେତ ୫ ଦେଶରୁ ନିଜ ରାଷ୍ଟ୍ରଦୂତଙ୍କୁ ଫେରାଇନେଲା ବାଂଲାଦେଶ । ଭାରତ ବ୍ୟତୀତ ଅଷ୍ଟ୍ରେଲିଆ, ବେଲଜିୟମ୍, ପର୍ତ୍ତୁଗାଲ ଓ ସଂଯୁକ୍ତ ରାଷ୍ଟ୍ରରୁ ବାଂଲାଦେଶର ଅନ୍ତରୀଣ ସରକାର ନିଜ ରାଷ୍ଟ୍ରଦୂତମାନଙ୍କୁ ଫେରାଇ ଆଣିଛନ୍ତି । ଶେଖ ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ବାଂଲାଦେଶ ଏବଂ ଭାରତ ସମ୍ପର୍କ ସେତେଟା ଭଲ ନାହିଁ ।

ଭାରତରେ ହାଇ କମିଶନର ମୁସ୍ତାଫିଜୁର ରହମାନଙ୍କ ବ୍ୟତୀତ ଯେଉଁ ଲୋକମାନଙ୍କୁ ଫେରାଇ ଅଣାଯାଇଛି ସେଥିରେ ନ୍ୟୁୟର୍କରେ ମିଳିତ ଜାତିସଂଘର ସ୍ଥାୟୀ ପ୍ରତିନିଧୀ ଏବଂ ଅଷ୍ଟ୍ରେଲିଆ, ବେଲଜିୟମ ଓ ପର୍ତ୍ତୁଗାଲରେ ବାଂଲାଦେଶର ରାଷ୍ଟ୍ରଦୂତ ଅଛନ୍ତି । ଯେଉଁ ରାଷ୍ଟ୍ରଦୂତମାନଙ୍କୁ ବାଂଲାଦେଶ ତୁରନ୍ତ ଫେରି ଆସିବାକୁ କହିଛି, ସେମାନେ ଆସନ୍ତା ମାସରେ ଅବସର ନେଇଥାନ୍ତେ । ହାଇ କମିଶନର ମୁସ୍ତାଫିଜୁର ରହମାନ ମଧ୍ୟ ଏଥିରେ ସାମିଲ ଅଛନ୍ତି । କହିରଖୁ ଯେ, ବାଂଲାଦେଶରେ ଛାତ୍ର ସଂଗଠନ ନେତୃତ୍ୱର ନିରନ୍ତର ବିରୋଧ ପ୍ରଦର୍ଶନ କରାଯାଇଥିଲା । ଫଳରେ ଅଗଷ୍ଟ ଆରମ୍ଭରେ ଶେଖ ହସିନାଙ୍କ ସରକାର ପତନ ଘଟିଥିଲା । ସେ ଦେଶ ଛାଡିବାକୁ ବାଧ ହୋଇଥିଲେ । ଏହି ଘଟଣା ପରେ ଭାରତ-ବାଂଲାଦେଶ ସମ୍ପର୍କ ଖରାପ ରହିଛି । ଶେଖ ହସିନାଙ୍କ ଇସ୍ତଫା ପରେ ନୋବେଲ ବିଜେତା ମହମ୍ମଦ ୟୁନୁସ ବାଂଲାଦେଶରେ ଅନ୍ତରୀଣ ସରକାରର ଦାୟିତ୍ୱ ନେଇଛନ୍ତି । ସେପଟେ ହାସିନା ବାଂଲାଦେଶ



ଛାଡିବା ପରେ ଭାରତରେ ଆଶ୍ରୟ ନେଇଥିଲେ । ଗତ ମାସରେ ନ୍ୟୁୟର୍କରେ ମିଳିତ ଜାତିସଂଘ ସାଧାରଣ ସଭା ପରିସରରେ ୟୁନୁସ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଏକ ବୈଠକର ପାଇଁ ଢାକାରେ କାର୍ଯ୍ୟନିର୍ବାହୀ ଶାସକ ନିରନ୍ତର ଉଦ୍ୟମ କରିଥିଲା । ତେବେ ୟୁନୁସ ଭାରତକୁ ସମାଲୋଚନା କରିଥିଲେ । ଶେଖ ହସିନାଙ୍କ ପ୍ରତ୍ୟର୍ପଣ ପ୍ରସଙ୍ଗକୁ ମଧ ଉଠାଇଥିଲେ । ଏଥିରେ ଭାରତୀୟ ଦଳ ଅସନ୍ତୁଷ୍ଟ ଥିଲା ଏବଂ ଦୁଇ ନେତାଙ୍କ ଦେଖାସାକ୍ଷାତ ହୋଇପାରିନଥିଲା ।

## ଆଜି ସରକାରୀ ବାଙ୍ଗଲା ଛାଡିବେ କେଜରିୱାଲ

**ନୂଆଦିଲ୍ଲୀ:** ଶୁକ୍ରବାର ସିଏମ୍ ଆବାସ ଖାଲି କରିବେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ସେ ନିଜ ରହିବା ପାଇଁ ନୂଆ ଠିକଣାର ସନ୍ଧାନ କରି ସାରିଛନ୍ତି । ସେ ଆପ୍ ସାଂସଦ ଅଶୋକ ମିତ୍ତଲଙ୍କ ଘରେ ରହିବେ । ଅଶୋକ ମିତ୍ତଲଙ୍କ ଘର ନୂଆ ଦିଲ୍ଲୀ ବିଧାନସଭା ଅଞ୍ଚଳରେ ପଡୁଛି । କେଜ୍ରିୱାଲ ସିଏମ୍ ନିବାସ ଛାଡ଼ିବା ପରେ ଏପରି ଜାଗା ସନ୍ଧାନରେ ଥିଲେ ଯେଉଁଠୁ ବିଭିନ୍ନ ସ୍ଥାନକୁ ଯିବା ତାଙ୍କ ପାଇଁ ସୁଗମ ହେବ । ଏହାଦ୍ୱାରା ଯେପରି ସେ ସହରର ବିଭିନ୍ନ ସ୍ଥାନ ତଥା ଲୋକଙ୍କ ସହ ଯୋଡ଼ି ହୋଇ ପାରିବେ ତା' ଉପରେ ଗୁରୁତ୍ୱାରୋପ କରୁଥିଲେ । ଏପରି ସନ୍ଧାନ ମଧ୍ୟରେ ତାଙ୍କୁ ଅଶୋକ ମିତ୍ତଲଙ୍କ ଘର ପସନ୍ଦ ଆସିଥିବାରୁ ସେ ସେଠାକୁ ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି । କେଜ୍ରିୱାଲ ଏକ ରାଷ୍ଟ୍ରୀୟ ପାର୍ଟିର ମୁଖ୍ୟ ହୋଇଥିବାରୁ ସେ କ୍ଷମତାରେ ନ ରହିଲେ ବି ତାଙ୍କୁ ଏକ ସରକାରୀ ଆବାସ ଯୋଗାଇ ଦେବାକୁ ଦଳ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଅପିଲ୍ କରାଯାଇଥିଲା । ମାତ୍ର ଏନେଇ କେନ୍ଦ୍ର ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନାହିଁ ।




## ଆମେ ଯୁଦ୍ଧ ଚାହୁଁନାହୁଁ : ଇରାନ ରାଷ୍ଟ୍ରଦୂତ

**ନୂଆଦିଲ୍ଲୀ:** ଇସ୍ରାଏଲ ସହ ବିବାଦ ମଧ୍ୟରେ ଭାରତରେ ଅବସ୍ଥାପିତ ଇରାନ ରାଷ୍ଟ୍ରଦୂତ ଡ. ଇରାଜ ଏଲାହିଙ୍କ ଠାରୁ ଏକ ବଡ ବୟାନ ଆସିଛି ଛ ସେ କହିଛନ୍ତି, ଆମେ ସବୁ ପ୍ରକାର ଯୁଦ୍ଧ ପାଇଁ ପ୍ରସ୍ତୁତ ଅଛୁଛ କିନ୍ତୁ ଇରାନ ଯୁଦ୍ଧ ଚାହୁଁନାହିଁ ବୋଲି ସେ କହିଛନ୍ତି,ସେ କହିଛନ୍ତି, ହିଜବୁଲ୍ଲା କୌଣସି ଆତଙ୍କବାଦୀ ସଂଗଠନ ନୁହେଁଛ ହମାସ ମଧ୍ୟ ଏକ ପ୍ରତିବାଦ ସଂଗଠନ, ଏହା କୌଣସି ଆତଙ୍କବାଦୀ ସଂଗଠନ ନୁହେଁଛ ସେ ଇସ୍ରାଏଲକୁ ଏକ ଦେଶ ଭାବେ ଗ୍ରହଣ କରିବାକୁ ମନା କରିଦେଇଥିଲେଛ ଏକ ଭାରତୀୟ ଟିଭି ଚ୍ୟାନେଲ ସହ ଏକ ସ୍ୱତନ୍ତ୍ର କଥାବାର୍ତ୍ତା ବେଳେ ସେ ଦାବି କରିଛନ୍ତି ଯେ ଇସ୍ରାଏଲ ଏକ ଦେଶ ନୁହେଁ ବରଂ ଆମେରିକାର କଣ୍ଢେଇଛଇରାନ ରାଷ୍ଟ୍ରଦୂତ କହିଛନ୍ତି, ଆମେ ଯୁଦ୍ଧ ପାଇଁ ପ୍ରସ୍ତୁତ, ଆମେ ଯେକୌଣସି ପ୍ରକାର ଆକ୍ରମଣ ପାଇଁ ପ୍ରସ୍ତୁତଛ ଆମେ ଯୁଦ୍ଧ କିମ୍ବା ଉତ୍ତେଜନା ବୃଦ୍ଧି ଚାହୁଁନାହୁଁ, କିନ୍ତୁ ଯଦି ଇସ୍ରାଏଲ ଏହା ଜାରି ରଖେ, ତେବେ ଆମେ ପ୍ରସ୍ତୁତ ଅଛୁ ଛ ଇରାନ୍ ହିଜବୁଲ୍ଲା ଏବଂ ହାମାସକୁ ସମର୍ଥନ କରୁଛି ଏବଂ ଆମେ ଏହା ଜାରି ରଖିବୁଛ ଅକ୍ଟୋବର ୭ ତାରିଖରେ ହାମାସ ପକ୍ଷରୁ କରାଯାଇଥିବା ଏହି ଆକ୍ରମଣ କୌଣସି ଆତଙ୍କବାଦ କାର୍ଯ୍ୟ ନୁହେଁ, ବରଂ ଇସ୍ରାଏଲ ଦଖଲ ବିରୋଧରେ ଏକ ସାମରିକ ଅଭିଯାନ ଥିଲା । ଏହାର ଅର୍ଥ ହେଉଛି ଏହି ସମୟ ମଧ୍ୟରେ ସୁନା ଦରରେ ପ୍ରାୟ ୪୯୦୦ ଟଙ୍କା ବୃଦ୍ଧି ଦେଖିବାକୁ ମିଳିଥିଲା ଛ ଫେବୃଆରୀ ୨୦୨୨ରେ, ରୁଷିଆର ୟୁକ୍ରେନ ଆକ୍ରମଣ ସମୟରେ ସୁନା ମୂଲ୍ୟ ପୁଣି ବୃଦ୍ଧି ପାଇଲାଛ



ଏହା ପରେ, ଯେତେବେଳେ ଜୁଲ୍ଲେ ୟୁକ୍ରେନ ରୁଷିଆ ବିରୁଦ୍ଧରେ ପ୍ରତିଶୋଧ ନେଲା, ସୁନା ଦର ପୁଣି ଥରେ ବୃଦ୍ଧି ପାଇଲାଛ ଫେବୃଆରୀ ୨୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ସୁନା ଦରରେ ୨୫,୮୭୧ ଟଙ୍କା ବୃଦ୍ଧି ଘଟିଛିଛ ଏହାର ଅର୍ଥ ହେଉଛି ସେହି ଦିନଠାରୁ ସୁନା ନିବେଶକମାନେ ୫୧ ପ୍ରତିଶତରୁ ଅଧିକ ଲାଭ ପାଇଛନ୍ତି । ବର୍ତ୍ତମାନ ଇସ୍ରାଏଲ-ହମାସ ଯୁଦ୍ଧର ପର୍ଯ୍ୟାୟ ଆସିଛି । ୭ ଅକ୍ଟୋବର ୨୦୨୩ରେ ହମାସ ଇସ୍ରାଏଲ ଉପରେ ଆକ୍ରମଣ କଲା । ସେଦିନ ଶନିବାର ଥିଲା ଏବଂ ମଲ୍ଟି କମୋଡିଟି ଏକ୍ସଚେଞ୍ଜର ବଜାର ବନ୍ଦ ରହିଥିଲା । ଅକ୍ଟୋବର ୬ରେ ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ଦର ୧୦ ଗ୍ରାମ୍ ପିଛା ୫୬,୮୭୧ ଟଙ୍କା ଥିଲା ।

# ପାଣିରେ ପଡ଼ିଲା ୧୧ ଲକ୍ଷ କୋଟି

## ସେନସେକ୍ସ ୧୮୦୦ ପଏଣ୍ଟ ହ୍ରାସ ,ନିଫ୍ଟି ୨୫୨୫୦ତଳକୁ ଖସିଲା

**ମୁମ୍ବାଇ:** ବିଏସଇରେ ତାଲିକାଭୁକ୍ତ ସମସ୍ତ କମ୍ପାନୀର ବଜାର ପୁଞ୍ଜିକରଣ ୫.୬୩ ଲକ୍ଷ କୋଟି ହ୍ରାସ ପାଇ ୪୬୯.୨୩ ଲକ୍ଷ କୋଟିରେ ପହଞ୍ଚିଛି ।ଇରାନ ଇସ୍ରାଏଲ ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିବା ପରେ ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଇଛି । ଏହି କାରଣରୁ ଷ୍ଟକ ବଜାରର ସ୍ଥିତି ଉତ୍ସାହଜନକ ରହିନାହିଁ । ଘରୋଇ ଷ୍ଟକ୍ ବଜାର ଗୁରୁବାର ନିରୁତ୍ସାହଜନକ ରହିଛି । ଫ୍ୟୁଚର କାରବାରର ସମାପ୍ତି ଦିନରେ ସେନସେକ୍ସ ଏବଂ ନିଫ୍ଟି ପ୍ରତ୍ୟେକ ଦୁଇ ପ୍ରତିଶତ ହ୍ରାସ ପାଇଛି । ଅପରାହ୍ନ ୨ଟା ୧୦ ରେ, ସେନସେକ୍ସ ୮୨,୪୫୫.୦୮ ରେ କାରବାର କରି ୧,୮୧୧ପଏଣ୍ଟ ଅର୍ଥାତ୍ ୨.୧୫% ହ୍ରାସ ପାଇଥିବାର ଦେଖାଯାଇଥିଲା । ଅନ୍ୟପକ୍ଷରେ, ନିଫ୍ଟି ମଧ ୨.୧୫% ଅଥାତ୍ ୫୫୪ ପଏଣ୍ଟ ହ୍ରାସ ପାଇ ୨୫,୨୪୨ରେ ପହଞ୍ଚିଛି । ଏହି ଅବଧି ମଧ୍ୟରେ ବଜାରରେ ନିବେଶକମାନଙ୍କୁ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି । ପରିଶେଷରେ ସେନ୍ସେକ୍ସ ୧,୭୬୯.୧୯ (୨.୦୯%) ଖସି




୮୨,୪୯୭.୧୦ରେ ବନ୍ଦ ହୋଇଥିଲା । ଅନ୍ୟପକ୍ଷରେ, ନିଫ୍ଟି ୫୪୬.୮୧ (୨.୧୨%) ପଏଣ୍ଟ ହ୍ରାସ ପାଇ ୨୫,୨୫୦.୧୦ରେ ବନ୍ଦ ହୋଇଥିଲା ।ଏହାପୂର୍ବରୁ, ବିଏସଇରେ ତାଲିକାଭୁକ୍ତ ସମସ୍ତ କମ୍ପାନୀର ବଜାର ପୁଞ୍ଜିକରଣ ୫.୬୩ ଲକ୍ଷ କୋଟିରୁ ୪୬୯.୨୩ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଥିଲା । ଚଳିତ ସପ୍ତାହ ଆରମ୍ଭରେ ଇରାନ ଇସ୍ରାଏଲ ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିବା ପରେ ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଇବାର ଆଶଙ୍କା ବୃଦ୍ଧି ପାଇଛିଛ

ଯଦି ଏହି ବିବାଦ ତୀବ୍ର ହୁଏ, ତେବେ ଏହି ଅଞ୍ଚଳରୁ ତୈଳ ଯୋଗାଣ ବ୍ୟାହତ ହୋଇପାରେ । ଗୁରୁବାର ଦିନ ଅଶୋଧିତ ତେଲ ମୂଲ୍ୟରେ ବୃଦ୍ଧି ଘଟିଥିବାର ଦେଖାଯାଇଛ । ତେଲ ମୂଲ୍ୟରେ ବୃଦ୍ଧି ଭାରତ ଭଳି ଦ୍ରବ୍ୟ ଆମଦାନୀ କରୁଥିବା ଦେଶ ପାଇଁ ନକାରାତ୍ମକ ସାବ୍ୟସ୍ତ ହେବ । କାରଣ ଅଶୋଧିତ ତେଲ ଦେଶର ଆମଦାନୀ ବିଲରେ ବିଶେଷ ଅବଦାନ ଦେଇଥାଏ ।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏଚଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏମ ଆଣ୍ଡ ଏମ, ଏଲ ଆଣ୍ଡ ଟି ଏବଂ ଭାରତ ଏୟାରଟେଲ ସେୟାର ଅଧିକ ହ୍ରାସ ପାଇଥିଲା । ସେହି ସମୟରେ ଜେଏସଡବ୍ଲୁ ଷ୍ଟିଲ୍ ଏବଂ ଟାଟା ଷ୍ଟିଲ୍ ଏକମାତ୍ର ଷ୍ଟକ୍ ଥିଲା ଯାହା ଲାଭ ସହିତ ଖୋଲିଥିଲା । ମଧ୍ୟପ୍ରାଚ୍ୟରେ ବିବାଦ ବଢିବା ନେଇ ଚିନ୍ତାରେ ନିଫ୍ଟି ତେଳ ଏବଂ ଗ୍ୟାସ ସୂଚକାଙ୍କ ପ୍ରାରମ୍ଭିକ କାରବାରରେ ୧.୨% ରୁ ଅଧିକ ହ୍ରାସ ପାଇଥିଲା । ଇଣ୍ଡେକ୍ସରେ ହିନ୍ଦୁସ୍ତାନ ପେଟ୍ରୋଲିୟମ, ଆଇଓସି ଏବଂ ଜିଏସପିଏଲ୍ ସବୁଠୁ ବଡ ପଛରେ ଥିଲା । ଏହି ସମୟରେ, ଭାରତ ଭିଆଏକ୍ସ ୮.୯% ରୁ ୧୩.୦୬%କୁ ବୃଦ୍ଧି ପାଇଥିଲା ।

## ମହିଳା ଟି-୨୦ ବିଶ୍ୱକପ୍

# ବାଂଲାଦେଶର ବିଜୟ ଅଭିଯାନ



ଶାରଝା,୩।୧୦ (ଏଜେନ୍ସି): ୟୁଏଇରେ ମହିଳା ଟି-୨୦ ବିଶ୍ୱକପ୍ ବିଗୁଲ ବାଜିଛି । ଉଦ୍‌ଘାଟନୀ ମ୍ୟାଚରେ ବାଂଲାଦେଶ ମହିଳା ଦଳ ୧୬ ରନ୍ ବ୍ୟବଧାନରେ ସ୍କଟଲାଣ୍ଡକୁ ହରାଇ ଅଭିଯାନ ଆରମ୍ଭ କରିଛି । ଏହି ମ୍ୟାଚରେ ବାଂଲାଦେଶ ୨୦ ଓଭରରେ ୭ ୱିକେଟ୍‌ରେ ୧୧୯ ରନ୍ କରିଥିଲା । ଜବାବରେ ସ୍କଟଲାଣ୍ଡ ୧୦୩/୭ ରନ୍ କରିବାକୁ ସକ୍ଷମ ହୋଇଥିଲା । ୧୫ ରନ ଦେଇ ଦୁଇ ୱିକେଟ୍ ଅକ୍ତିଆର କରିଥିବା ବାଂଲାଦେଶର ରତୁ ମୋନିଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

ଟସ୍ ଜିତି ବାଂଲାଦେଶ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ପକ୍ଷରୁ ସାଥୀ ରାଣୀ ୨୯, ମୁର୍ସିଦା ଖାତୁନ ୧୨, ଶୋଭନା ମୋଷ୍ଟାରୀ ୩୬, ନିଗାରା ସୁଲତାନା ୧୮ ଓ ଫହିମା ଖାତୁନ ଅପରାଜିତ ୧୦ ରନ୍ କରିଥିଲେ । ତେଣୁ ବାଂଲାଦେଶ ମହିଳା ଦଳ ୨୦ ଓଭରରେ ୭ ୱିକେଟ୍ ହରାଇ ୧୧୯ ରନ୍ କରିଥିଲା । ସ୍କଟଲାଣ୍ଡର ସାକିଆ ହୋର୍ଲି ୩ ୱିକେଟ୍ ଅକ୍ତିଆର କରିଥିଲେ । ୧୨୦ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ସ୍କଟଲାଣ୍ଡ ପକ୍ଷରୁ ସାରାହା ବ୍ରେସି ଅପରାଜିତ ୪୯, କାଥରିନ୍ ବ୍ରେସି ୧୧, ଆସିଲା ଲିଷ୍ଟର ୧୧ ରନ୍ କରିଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କଛୁଇଁ ପାରିନଥିଲେ । ତେଣୁ ସ୍କଟଲାଣ୍ଡ ୨୦ ଓଭରରେ ୭ ୱିକେଟ୍ ହରାଇ ୧୦୩ ରନ୍ କରିବାକୁ ସକ୍ଷମ ହୋଇଥିଲା । ବିଜୟ ସହ ବାଂଲାଦେଶ ପୂର୍ଣ୍ଣସଂଖ୍ୟକ ଦୁଇ ପଏଣ୍ଟ ହାସଲ କରିଛି ।

# ଟାଇଟଲ ଲକ୍ଷ୍ୟରେ ଭାରତ




ଶାରଝା,୩।୧୦ (ଏଜେନ୍ସି): ୟୁଏଇରେ ମହିଳା ଟି-୨୦ ବିଶ୍ୱକପ୍ ବିଗୁଲ ବାଜି ସାରିଛି । ଭଲ ପ୍ରଦର୍ଶନ ସତ୍ତ୍ୱେ ଭାରତୀୟ ମହିଳା ଦଳ ଟି-୨୦ ବିଶ୍ୱକପ୍ ଟ୍ରଫି ହାସଲ କରିପାରିନାହିଁ । ତେଣୁ ଟାଇଟଲ ମରୁଡିରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ଭାରତୀୟ ଦଳ ରଣାଙ୍ଗନକୁ ଓହ୍ଲାଇବ । ଏଥର ଭାରତୀୟ ଦଳ ଚାମ୍ପିଅନ୍ ହେବା ଦୌଡ଼ରେ ଆଗରେ ରହିଛି । ୧୦ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆକୁ ଏକମାତ୍ର ଦଳ ଭାବେ ଭାରତ ଟକ୍କର ଦେଇଆସିଛି । ଅନ୍ୟ ଅର୍ଥରେ ଆଇସିସି ଟ୍ରଫି ବ୍ୟତୀତ ଭାରତ ନିକଟରେ ବାକି ସବୁ ରହିଛି । ୨୦୦୯ ଓ ୨୦୨୦ ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ହାରିବା ପରେ କ୍ରମାଗତ ତୃତୀୟଥର ଗ୍ରୁପ୍ ଷ୍ଟେଜରୁ ବାଦ ପଡିଥିଲା । ୨୦୧୮ରେ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ନକ୍‌ଆଉଟ୍ ପ୍ରବେଶ କରିଥିଲା । ଏହା ମଧ୍ୟରେ ଦଳ ଦୁଇଥର ସେମିଫାଇନାଲ ଓ ଥରେ ଫାଇନାଲରେ ହାରି ଚାମ୍ପିଅନ୍ ହେବା ସୁଯୋଗ ହରାଇଥିଲା । ପୂର୍ବ ଦୁଇଟି ସଂସ୍କରଣରେ ଅଷ୍ଟ୍ରେଲିଆ ଦଳ ଭାରତକୁ ନକ୍‌ଆଉଟ୍‌କୁ ବିଦା କରିଛି ।

ଟୁର୍ଣ୍ଣାମେଣ୍ଟ ଇତିହାସରେ ଭାରତ ମୋଟ୍ ୩୬ଟି ମ୍ୟାଚ ଖେଳିଛି । ୨୦ଟି ଜିତିଥିବା ବେଳେ ୧୬ଟି ପରାଜିତ ହୋଇଛି । ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ପରେ ଭାରତ ସଫଳ ଦଳ ଭାବେ ପରିଗଣିତ ହୋଇଛି । ୨୦୨୧ରୁ ଭାରତ ୫୪% ଟି-୨୦ ମୁକାବିଲାରେ ଜିତୁଛି । ଏହାମଧ୍ୟରେ ୬୯ଟି ମ୍ୟାଚରେ ଭାରତ ୩୭ଟିରେ ବିଜୟୀ ହୋଇଛି । ଭାରତୀୟ ଦଳ ୪ଥର ୧୮୦ରୁ ଉର୍ଦ୍ଧ୍ୱ ରନ୍ କରିଛି । ଗ୍ରୁପ୍ ଏରେ ଭାରତ ସମେତ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଶ୍ରୀଲଙ୍କା ରହିଥିବା ବେଳେ ଗ୍ରୁପ୍ ବିରେ ବାଂଲାଦେଶ, ଇଂଲଣ୍ଡ, ସ୍କଟଲାଣ୍ଡ, ଦ.ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ରହିଛନ୍ତି ।

ଶୁକ୍ରବାର ଭାରତୀୟ ମହିଳା ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ଖେଳି ଟି-୨୦ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ ।

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା, ଶାଫଳୀ ବର୍ମା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ, ରିଚା ଘୋଷ, ଜସ୍ତିକା ଭାଟ୍ଟିଆ, ପୂଜା ବସ୍ତ୍ରକାର, ଅରୁଣଧତି ରେଡ୍ଡୀ, ରେଣୁକା ସିଂ ଠାକୁର, ଦୟାଳାନ ହେମଲତା, ଆଶା ଶୋଭନା, ରାଧା ଯାଦବ, ଶ୍ରେୟଙ୍କା ପାଟିଲ ଓ ସଞ୍ଜନା ସଞ୍ଜିବନ ।

# ବଶିଷ୍ଟଙ୍କ ବୁକ୍‌ଲେଟ୍‌ରେ ମହିଳା ଟି-୨୦ ବିଶ୍ୱକପ୍




ଭୁବନେଶ୍ୱର,୩।୧୦ (ସବ୍ୟୁ): କେରଳର ମାଲବାର ଖ୍ରୀଷ୍ଟିଆନ୍ କଲେଜ୍‌ର ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ବଶିଷ୍ଟ ବୁକ୍‌ଲେଟ୍ ପ୍ରସ୍ତୁତ କରି ମହିଳା ଟି-୨୦ ବିଶ୍ୱକପ୍‌କୁ ସ୍ୱାଗତ କରିଛନ୍ତି । ବୃତ୍ତିଗତ ଜୀବନରୁ ଅବସର ନେଇସାରିଥିବା ପ୍ରଫେସର ବଶିଷ୍ଟଙ୍କ କ୍ରୀଡାପ୍ରତି ଅହେତୁକ ଆଦର ଏବେ ବି ଜୀବିତ ରହିଛି । ବିଭିନ୍ନ ସମୟରେ କ୍ରୀଡା ପ୍ରତିଯୋଗିତାକୁ ନେଇ ତାଙ୍କ ଉତ୍ସାହ ଦେଖିବାକୁ ମିଳିଥାଏ । ଛାତ୍ରଛାତ୍ରୀଙ୍କୁ ସାଥୀରେ ଧରି କ୍ରୀଡା ସମ୍ପର୍କିତ ବୁକ୍‌ଲେଟ୍, ବୋଚର, ବ୍ୟାନର ଆଦି ପ୍ରସ୍ତୁତ କରି କ୍ରୀଡାପ୍ରେମୀଙ୍କୁ ସେ ସଚେତନ କରିଥାନ୍ତି । ତେବେ ୟୁଏଇରେ ଗୁରୁଠୁ ଆରମ୍ଭ ହୋଇଥିବା ମହିଳା ଟି-୨୦ ବିଶ୍ୱକପ୍‌କୁ ନେଇ ପ୍ରଫେସର ବଶିଷ୍ଟ ଏକ ବୁକ୍‌ଲେଟ୍ ପ୍ରସ୍ତୁତ କରିଛନ୍ତି । ଏହି ବୁକ୍‌ଲେଟ୍ ଜରିଆରେ ସେ ଲିଙ୍ଗଗତ ଏକତା ବାର୍ତ୍ତା ଦେଇଛନ୍ତି । ଏହି ବୁକ୍‌ଲେଟ୍‌ରେ ପୂର୍ବ ମହିଳା ବିଶ୍ୱକପ୍ ବିଜେତାଙ୍କ ଫଟୋ ରହିଛି । ଏତଦ୍‌ଭିନ୍ନ ୨୦୨୫ ବିଶ୍ୱକପ୍‌ର ସମ୍ପୂର୍ଣ୍ଣ ଖେଳସୂଚୀ ରହିଛି ।

## ସବ୍‌ଜୁନିୟର ମହିଳା ହକି

# ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିଅନ୍

ଭୁବନେଶ୍ୱର,୩।୧୦ (ସବ୍ୟୁ): ତୃତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିଅନ୍‌ସିପ୍ ରାଉରକେଲାର ବିର୍ସା ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ ଦଳ ସୁଟଆଉଟ୍‌ରେ ଚାମ୍ପିଅନ୍ ହୋଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ ଗୋଲଶୂନ୍ୟ ରହିଥିଲା । ତେଣୁ ସୁଟଆଉଟ୍‌ରେ ସ୍ପୋର୍ଟ୍ସ ହଷ୍ଟେଲ ୨-୧ ଗୋଲ୍‌ରେ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇଛି । ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ମ୍ୟାଚରେ ସୁନ୍ଦରଗଡ଼ ୫-୦ ଗୋଲ୍‌ରେ ଗାଙ୍ଗପୁର ହକି ଆସୋସିଏସନ୍‌କୁ ହରାଇଥିଲା । ଏହି ପ୍ରତିଯୋଗିତାରେ କିରଣ ଏକ୍କା ଶ୍ରେଷ୍ଠ ଡିଫେଣ୍ଡର, ପ୍ରିୟଙ୍କା ମିଞ୍ଜ, ଶ୍ରେଷ୍ଠ ଫରୱାର୍ଡ, ସୁସ୍ମିତା ସିଂ ଶ୍ରେଷ୍ଠ ମିଡଫିଲ୍ଡର, ପ୍ରିୟାନି ମିଞ୍ଜ ଶ୍ରେଷ୍ଠ ଗୋଲ୍‌କିପର ଏବଂ ଦୀପିକା ବାଗେଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଟ୍ରଫି ସହ ୮ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ପୁରସ୍କାର ବିତରଣ ଉତ୍ସବରେ ହକି ଇଣ୍ଡିଆ ସଭାପତି ଦୀଲିପ ତୁର୍କି ଯୋଗଦେଇଥିଲେ ।

# କରାଟେ ଚାମ୍ପିଆନସିପରେ ରାହୁଲଙ୍କୁ ବ୍ରୋଞ୍ଜ


ଅସୁରାଳି,୩।୧୦(ସବ୍ୟୁ): ପୂର୍ବ ଭାରତ କରାଟେ ଚମ୍ପିଆନସିପରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଧାମନଗର ବ୍ଲକ ପଳିକିରି ମେଳଣଡିହ ଗ୍ରାମର ଯୁବକ ରାହୁଲ ପ୍ରଧାନ ଦୁଇଟି ବ୍ରୋଞ୍ଜ ପଦକ ଜିତିଛନ୍ତି। ୨୬ ବର୍ଷୀୟ ରାହୁଲ ନିକଟରେ ବିହାର ରାଜ୍ୟର ପାଟଣା ଠାରେ ଆୟୋଜିତ ହୋଇଥିବା ପୂର୍ବ ଭାରତ କରାଟେ ପ୍ରତିଯୋଗିତାରେ ଓଡ଼ିଶା ରାଜ୍ୟ ଦଳରେ ସାମିଲ ହୋଇଥିଲେ। ସେଠାରେ ସେ ୬୦ କିଲୋ ବର୍ଗ ସମେତ କାଟା ବିଭାଗରେ ସଫଳ ପ୍ରଦର୍ଶନ କରି ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଭୁବନେଶ୍ୱର ଠାରେ କରାଟେ ପ୍ରଶିକ୍ଷଣ ଗ୍ରହଣକରି ଅନେକ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇ କୃତିତ୍ୱ ହାସଲ କରିଥିବା ଯୁବ ପ୍ରତିଭା ରାହୁଲ ଏବେ ସେଠାରେ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସଫଳତା ପାଇଁ ରାହୁଲଙ୍କୁ ଜନ୍ମମାଟି ଭଗବାନପୁର ସମେତ ଧାମନଗର ବ୍ଲକ ଅଂଚଳର କ୍ରୀଡ଼ାପ୍ରେମୀ ଜନସାଧାରଣ ଶୁଭେଚ୍ଛା ଜଣାଇଛନ୍ତି ।

# ଇଣ୍ଡିଆନ୍ ଓପନ୍ ଆଥଲେଟିକ୍ସ: ଆରଏଫ ଆଥଲେଟଙ୍କୁ ୯ ପଦକ




ଭୁବନେଶ୍ୱର,୩।୧୦(ସବ୍ୟୁ): ୨୩ ବର୍ଷରୁ କମ ଇଣ୍ଡିଆନ୍ ଓପନ୍ ଆଥଲେଟିକ୍ସ ପ୍ରତିଯୋଗିତାରେ ରିଲାଏନ୍ସ ଫାଉଣ୍ଡେସନ୍ ଆଥଲେଟମାନେ ଚମତ୍କାର ପ୍ରଦର୍ଶନ କରି ୭ ଟି ସ୍ୱର୍ଣ୍ଣ ସମେତ ୯ ଟି ପଦକ ଜିତିଛନ୍ତି ଏବଂ ଚାରିଟି ମିଟ୍ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତ । ଓଡିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ହାଇ ପରଫରମାନ୍ସ ସେଣ୍ଟର (ଏଚପିସି) ର ଅନିମେଶ କୁଜୁର (୧୦୦ ମିଟର ଏବଂ ୨୦୦ ମିଟର) ଏବଂ ଲକ୍ଷ୍ମୀପ୍ରିୟା କିସାନ (୮୦୦ ମିଟର ଏବଂ ୧୫୦୦ ମିଟର) ଉଭୟ ଦୁଇଟି ଲେଖାଏଁ ପଦକ ଜିତିଛନ୍ତି । ମମିତା ମଣ୍ଡଳ ମଧ୍ୟ ଚଳିତ ବର୍ଷ ନିଜର ଚମତ୍କାର ପ୍ରଦର୍ଶନ ଜାରି ରଖି ଉଭୟ ୧୦୦ ମିଟର ବାଧା ଦୌଡରେ ଏବଂ ଲଙ୍ଗଜମ୍ପ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ମମିତା ଲଙ୍ଗଜମ୍ପରେ ୬.୨୭ ମିଟର ସହିତ ସିଜିନର ସର୍ବୋତ୍ତମ ଦୂରତା ହାସଲ କରିଥିଲେ ଏବଂ ହର୍ଡଲସ ଇଭେଣ୍ଟରେ ୧୩.୭୧ ସେକେଣ୍ଡରେ ଫାଇନ୍ ଲାଇନ୍ ଅତିକ୍ରମ କରିଥିଲେ । ତାଙ୍କ ଖେଳାଳିଙ୍କ ପ୍ରଦର୍ଶନ ବିଷୟରେ ଉଲ୍ଲେଖ କରି ଓଡିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ଏଚପିସି ହେଡ କୋଚ ମାର୍ଟିନ ଓୱେନସ କହିଛନ୍ତି, ଏଚପିସି ଏକ ଚମତ୍କାର ଚାମ୍ପିୟନଶିପ ଜିତିଛି । ଅନିମେଷ ନିଜର ଦୁଇଟିଯାକ ରେସରେ ବହୁତ ବଡ ବ୍ୟବଧାନରେ ଜିତି ଚମତ୍କାର ଫର୍ମରେ ଅଛନ୍ତି ଏବଂ ଖୁବ ଭଲ ଭାବରେ ସିଜିନ ଶେଷ କରିଛନ୍ତି । ଆମେ ଆଗାମୀ ବର୍ଷ ଏକ ଜାତୀୟ ରେକର୍ଡ ହାସଲ କରିବାପାଇଁ ତାଙ୍କୁ ପ୍ରସ୍ତୁତ କରିବୁ ଛ ଲକ୍ଷ୍ମୀଙ୍କ ପ୍ରଦର୍ଶନ ଅସାଧାରଣ ଥିଲା, କାରଣ ସେ ୨୦ ବର୍ଷରୁ କମ୍ ବୟସର ଆଥଲେଟ୍ ଅଟନ୍ତି ଏବଂ ସେ ଏଥର ଅଂଶଗ୍ରହଣ କରିଥିବା ଉଭୟ ଇଭେଣ୍ଟରେ ପଦକ ଜିତିଥିବାରୁ ଆମେ ବେଶ ଆନନ୍ଦିତ । ସଫଳତାରେ ଅତ୍ୟନ୍ତ ଖୁସିଥିବା ଅନିମେଶ କୁଜୁର ଆଶାଠାରୁ ଅଧିକ ପ୍ରଦର୍ଶନ କରିବାକୁ ଉତ୍ସାହିତ ଅଛନ୍ତି । ଅନିମେଶ ଫାଇନାଲରେ ଯଥାକ୍ରମେ ୧୦.୪୦ ଏବଂ ୨୦.୬୫ ସେକେଣ୍ଡ ସମୟ ସହିତ ୧୦୦ ମିଟର ଏବଂ ୨୦୦ ମିଟର ଇଭେଣ୍ଟରେ ନିଜର କମାଲ ଦେଖାଇଥିଲେ । ସେ ଉଭୟ ଇଭେଣ୍ଟରେ ପୁରୁଣା ମିଟ୍ ରେକର୍ଡକୁ ମଧ୍ୟ ଅତିକ୍ରମ କରିଥିଲେ । ୨୦୦ ମିଟର ଇଭେଣ୍ଟରେ ପୂର୍ବ ମିଟ୍ ରେକର୍ଡ ତାଙ୍କ ନାମରେ ଥିଲା ।ମହିଳା ହାମର ଥ୍ରୋରେ ତାନିଆ ଚୌଧୁରୀ ୫୪.୪୩ ମିଟର ଦୂରତା ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏଚପିସିର ଅନ୍ୟତମ ପ୍ରତିଭାବାନ ଆଥଲେଟ୍ ଯଶବୀର ନାୟକ ନିଜ କ୍ୟାରିୟରରେ ପ୍ରଥମ ଥର ପାଇଁ ୭୦୦୦ ପଏଣ୍ଟ ଅତିକ୍ରମ କରି ବହୁ ପ୍ରତୀକ୍ଷିତ ଡେକାଥଲନରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ।

# ଆଜି କୋଣାର୍କ ସୂର୍ଯ୍ୟସ୍-ଇଣ୍ଡିଆ କ୍ୟାପିଟାଲ୍ସ ଲଢ଼େଇ





ଜମ୍ମୁ,୩।୧୦ (ଏଜେନ୍ସି): ଲିଜେଣ୍ଡ ଲିଗ୍ କ୍ରିକେଟ୍‌ରେ ଶୁକ୍ରବାର କୋଣାର୍କ ସୂର୍ଯ୍ୟସ ତାର ପଞ୍ଚମ ଖେଳିବାକୁ ଯାଉଛି । ଜମ୍ମୁର ମୋଲାନା ଆଜାଦ ଷ୍ଟାଡୟମ୍‌ରେ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଓ ଇଣ୍ଡିଆ କ୍ୟାପିଟାଲ୍ସ ପରସ୍ପରକୁ ଭେଟିବେ । ଚଳିତ ସଂସ୍କରଣର ଏହା ୧୪ତମ ମ୍ୟାଚ । ଇଣ୍ଡିଆ କ୍ୟାପିଟାଲ୍ସ ୪ ମ୍ୟାଚରୁ ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଉଠିଛି । ଖେଳିଥିବା ୪ଟି ମ୍ୟାଚରୁ ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ଦୁଇଟି ବାତିଲ ହୋଇଥିଲା । ସେହିଭଳି କୋଣାର୍କ ସୂର୍ଯ୍ୟସ ୪ ମ୍ୟାଚରୁ ୪ ପଏଣ୍ଟ ପାଇଁ ଟେବୁଲର ତୃତୀୟ ସ୍ଥାନରେ ରହିଛି । ଏପର୍ଯ୍ୟନ୍ତ କୋଣାର୍କ ସୂର୍ଯ୍ୟସ ଉଦ୍‌ଘାଟନୀ ମ୍ୟାଚରେ ମଣିପାଲ ଟାଇଗର୍ସକୁ ହରାଇଥିବା ବେଳେ ପରବର୍ତ୍ତୀ ଦୁଇଟି ମ୍ୟାଚ ବର୍ଷା ପାଇଁ ସୁରତରେ ବାତିଲ ହୋଇଥିଲା । ସେହିଭଳି ଚତୁର୍ଥ ମ୍ୟାଚରେ ଦଳ ସର୍ଦନ ସୁପର ଷ୍ଟାର ନିକଟରୁ ପରାଜିତ ହୋଇଥିଲା । ଇଣ୍ଡିଆ କ୍ୟାପିଟାଲ୍ସ ଦଳରେ ବିଶ୍ୱସ୍ତରୀୟ ଦକ୍ଷ କ୍ରିକେଟ୍‌ର ବେନ ଡଙ୍ଗ, ଡ୍ୱେନ ସ୍ମିଥ, ନମନ ଓଝା, ୟଅନ ବେଗ, ଆସଲେ ନର୍ସ, କଲିନ ଡିଗ୍ରାମ୍ ହୋମ୍ ରହିଛନ୍ତି । ବୋଲିଂ ବିଭାଗ ମଧ୍ୟ ଟାଣୁଆ, ରାହୁଲ ଶର୍ମା, ଧବଳ କୁଲକର୍ଣ୍ଣି, ଇକ୍‌ବାଲ ଅବଦୁଲ୍ଲା, ପରବିନ୍ଦର ଆୱାନ ରହିଛନ୍ତି । ସେହିଭଳି କୋଣାର୍କ ସୂର୍ଯ୍ୟସରେ କେଭିନ୍ ଓବ୍ରାଏଲ, ରସ୍‌ଟେଲର, ଇର୍ଫାନ୍ ଓ ୟୁସୁଫ ପଠାନ ଦଳର ମେରୁଦଣ୍ଡ ଭଳି । ତେଣୁ ଜମ୍ମୁରେ କୋଣାର୍କ ସୂର୍ଯ୍ୟସ ଓ ଇଣ୍ଡିଆ କ୍ୟାପିଟାଲ୍ସ ମଧ୍ୟରେ ଭଲ ଲଢ଼େଇ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି ।

# ରାଜ୍ୟସ୍ତରୀୟ ବନବିଭାଗ କ୍ରୀଡା ଉଦ୍‌ଯାପିତ



ଅନୁଗୁଳ,୩।୧୦ (ସବ୍ୟୁ): ସ୍ଥାନୀୟ ଫରେଷ୍ଟ ରେଞ୍ଜର୍ସ ଟ୍ରେନିଂ କଲେଜ ଠାରେ ଦୁଇ ଦିନିଆ ରାଜ୍ୟସ୍ତରୀୟ ବନବିଭାଗ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଧାଂଶୁ ଶେଖର ଖରା, ସମ୍ମାନିତ ଅତିଥି ଫରେଷ୍ଟ ରେଞ୍ଜର୍ସ ଟ୍ରେନିଂ କଲେଜର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ବେହେରା ଓ ଅନୁଗୁଳ ବନଖଣ୍ଡ ଅଧିକାରୀ ନୀତିଶ କୁମାର ଯୋଗଦେଇଥିଲେ । ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ କୃତି କ୍ରୀଡାବିତଙ୍କୁ ପୁରସ୍କୃତ କରିଥିଲେ । ଏହି ପ୍ରତିଯୋଗିତାରେ ଅନୁଗୁଳ, ବ୍ରହ୍ମପୁର, ନବରଙ୍ଗପୁର ଓ ସମ୍ବଲପୁର ଜୋନ୍‌ର ୨୬୨ ଜଣ ପୁରୁଷ ଓ ୧୧୫ ଜଣ ମହିଳା ଅଂଶଗ୍ରହଣ କରିଥିଲେ । ମୋଟ୍ ୩୯ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା । ପ୍ରତିଯୋଗୀଙ୍କୁ ମୋଟ୍ ୩୭୫ଟି ପଦକ (୧୪୧ ସ୍ୱର୍ଣ୍ଣ, ୧୩୫ ରୌପ୍ୟ ଓ ୯୯ଟି ବ୍ରୋଞ୍ଜ) ପ୍ରଦାନ କରାଯାଇଥିଲା । ଅନୁଗୁଳ ୯୨ଟି, ବ୍ରହ୍ମପୁର ୧୦୬ଟି, ନବରଙ୍ଗପୁର ୮୯ଟି ଏବଂ ସମ୍ବଲପୁର ଜୋନ ୮୮ଟି ପଦକ ହାସଲ କରିଛି । ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ନିମନ୍ତେ ପୁରୁଷ କନିଷ୍ଠ ବିଭାଗରେ ସନ୍ତୋଷ କୁମାର ପତି, ପୁରୁଷ ବରିଷ୍ଠ ବିଭାଗରେ ହରଧନ ଭୋଇ, ମହିଳା କନିଷ୍ଠ ବିଭାଗରେ ବବିତା ନାୟକ ଓ ମହିଳା ବରିଷ୍ଠ ବିଭାଗରେ ସୂର୍ଯ୍ୟକାନ୍ତ ବେହେରା ଚାମ୍ପିଅନ୍ ଟ୍ରଫି ପ୍ରଦାନ କରାଯାଇଥିଲା । ସୁଧୀର ତ୍ରିପାଠୀ ଓ ହରଧନ ଭୋଇଙ୍କୁ ବନବିଭାଗ କ୍ରୀଡା ପ୍ରତିଯୋଗିତା ବିଶେଷ ଅବଦାନ ନିମନ୍ତେ ଲାଇଫ ଟାଇମ ଆର୍ଚିଭମେଣ୍ଟ ସମ୍ମାନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡାଧିକାରୀ, ବନବିଭାଗର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ ।




**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି